୬ ଅଣ୍ଡର-୧୯ ଏସିଆ କପ୍: ପାକିସ୍ତାନଠୁ ହାରିଲା ଭାରତ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
TM
ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00
● ବର୍ଷ–୩୧ ● ସଂଖ୍ୟା–୩୦୨ ● ୧ ଡିସେମ୍ବର ୨୦୨୪, ରବିବାର ● ଭୁବନେଶ୍ୱର ● Vol -31 ● Issue-302 ● 1st December 2024, Sunday ● Bhubaneswar
Licensed to post without pre-payment of postage No- BN-60/25-27

## ଡିଜିପି ସମ୍ମିଳନୀର ଦ୍ୱିତୀୟ ଦିନ

# ଦେଶର ସୁରକ୍ଷା ପ୍ରସଙ୍ଗରେ ଦିବସ ବ୍ୟାପୀ ମାନସମନ୍ଥନ

ଭୁବନେଶ୍ୱର, ୩୦।୧୧
ନ୍ୟୁଜ୍ ବ୍ୟୁରୋ

ଶୁକ୍ରବାର ଲୋକସେବା କନ୍‌ଭେନ୍‌ସନ ସେଣ୍ଟରଠାରେ ଉଦ୍‌ଘାଟିତ ହୋଇଥିବା ସର୍ବଭାରତୀୟ ଡିଜିପି ସମ୍ମିଳନୀର ଶନିବାର ଦ୍ୱିତୀୟ ଦିବସରେ ଦେଶର ସୁରକ୍ଷା ଓ ନିରାପତ୍ତା ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲଙ୍କ ଉପସ୍ଥିତିରେ ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ବିଚାର ବିମର୍ଶ କରାଯାଇଛି। ସମ୍ମିଳନୀରେ ବିଭିନ୍ନ ୱାର୍କିଂ ଗ୍ରୁପ୍ ଦ୍ୱାରା ପାୱାର ପଏଣ୍ଟ ପ୍ରେଜେଣ୍ଟେସନ କରାଯାଇଥିଲା। ମୁଖ୍ୟତଃ ତଟ ସୁରକ୍ଷା ଠାରୁ ଆରମ୍ଭ କରି ସୀମା ସୁରକ୍ଷା, ଆଭ୍ୟନ୍ତରୀଣ ସୁରକ୍ଷା, ସାଇବର ଅପରାଧ, ଆର୍ଥିକ ସୁରକ୍ଷା, ମାନବ ଚାଲାଣ, ଶିଶୁ ଚାଲାଣ, ମହିଳା ଚାଲାଣ, ଡ୍ରଗ ଟ୍ରାଫିକିଂ, ବାମପନ୍ଥୀ ଉଗ୍ରବାଦ ଏବଂ ଆତଙ୍କବାଦୀ ଆଦି




ସମସ୍ୟା ଦୂର ପାଇଁ ପ୍ରତିକାରମୂଳକ ପଦକ୍ଷେପ ଗ୍ରହଣ ବାବଦରେ ସବିସ୍ତୃତ ଆଲୋଚନା ହୋଇଥିଲା।

ସକାଳ ୮ଟା ୩୦ ସମୟରେ ଦ୍ୱିତୀୟ ଦିବସର ସମ୍ମିଳନୀ କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ (ପୃଷ୍ଠା ୭ରେ)

# ଆତଙ୍କବାଦୀ ପନ୍ନୁର ଧମକପୂର୍ଣ୍ଣ ଇ-ମେଲ : ତନାଘନା ଆରମ୍ଭ କଲା କ୍ରାଇମବ୍ରାଞ୍ଚ

ଭୁବନେଶ୍ୱର, ୩୦।୧୧
ନ୍ୟୁଜ୍ ବ୍ୟୁରୋ

ଖଲିସ୍ତାନୀ ଆତଙ୍କବାଦୀ ପନ୍ନୁର ଧମକପୂର୍ଣ୍ଣ ଇ-ମେଲ ଘଟଣାର ଯାଞ୍ଚ କରିଛି କ୍ରାଇମବ୍ରାଞ୍ଚ ସାଇବର ସେଲ। ବରିଷ୍ଠ ସାମ୍ବାଦିକ ଅକ୍ଷୟ ସାହୁଙ୍କ ଅଫିସରେ କ୍ରାଇମବ୍ରାଞ୍ଚ ଟିମ ପହଞ୍ଚି ମେଲର ସତ୍ୟତା ନେଇତଥ୍ୟ ସଂଗ୍ରହ କରି ଫେରିଛି। ଓଡ଼ିଆ ଓ ଇଂଲିଶରେ ଆସିଥିବା ଦୁଇଟି ମେଲ୍‌କୁ ନିରୀକ୍ଷଣ କରିଛି କ୍ରାଇମବ୍ରାଞ୍ଚ ଟିମ୍।

ଶନିବାର ସକାଳ ୯ଟା ୪ ମିନିଟ୍‌ରେ ଆତଙ୍କବାଦୀ ପନ୍ନୁ ବରିଷ୍ଠ ସାମ୍ବାଦିକ ଅକ୍ଷୟ ସାହୁଙ୍କୁ ଏକ ଧମକପୂର୍ଣ୍ଣ ମେଲ ପଠାଇଥିଲା। ଏହି ମେଲଟି ଦେଖିବା ପରେ ଶ୍ରୀ ସାହୁ କମିଶନରେଟ ପୁଲିସକୁ ଜଣାଇଥିଲେ। ପରେ ଏହି ଘଟଣାର ତନାଘନା ଆରମ୍ଭ କରିଛି କ୍ରାଇମବ୍ରାଞ୍ଚ ସାଇବର ସେଲ। ଆତଙ୍କବାଦୀ ପନ୍ନୁ ଏହି ମେଲ ପଠାଇଛି ନାଁ ଏହା ପଛରେ କିଏ, କେଉଁଠୁ ମେଲଟି ଆସିଛି ଆଇପି ଆଡ୍ରେସ ନେଇ ଯାଞ୍ଚ ଆରମ୍ଭ କରିଛି କ୍ରାଇମବ୍ରାଞ୍ଚ।

ଏଥିସହ ଖଲିସ୍ତାନୀ ଆତଙ୍କବାଦୀ ପନ୍ନୁ ଦେଇଥିବା ଧମକପୂର୍ଣ୍ଣ ମେସେଜରେ ଓଡ଼ିଆରେ ଥମ୍ବନେଲ ନିଆଯାଇଥିଲା, ଯାହାକୁ ନେଇ ସନ୍ଦେହ ବଢ଼ିଥିଲା। ଏହାକୁ ନେଇ ମଧ୍ୟ କ୍ରାଇମବ୍ରାଞ୍ଚ ସାଇବର ସେଲ ପକ୍ଷରୁ



ତନାଘନା କରାଯାଇଛି।

ଆତଙ୍କୀ ପନ୍ନୁ ପାଇଁ ଓଡ଼ିଶାରେ କିଏ କରୁଛି କାମ, ପନ୍ନୁ ନାଁରେ ଆସିଥିବା ଇମେଲ ପ୍ରକୃତରେ ସେ ପଠାଇଛି ନା ଆଉ କିଏ ପଠାଇଛି, ରାଜ୍ୟରେ ଖଲିସ୍ତାନୀ ଆତଙ୍କବାଦୀଙ୍କ ସ୍ଲିପର ସେଲ ଚାଲିଛି କି, ବିଦେଶରେ ରହି ପନ୍ନୁ ସ୍ଲିପର ସେଲ ଦ୍ୱାର କିଛି କାଣ୍ଡ ଭିଆଇବାକୁ ପ୍ଲାନିଂ କରୁଛି, ଏଭଳି ବିଭିନ୍ନ ଦିଗକୁ ନେଇ ତନାଘନା ଚଳାଇଛି କ୍ରାଇମବ୍ରାଞ୍ଚ।

କ୍ରାଇମବ୍ରାଞ୍ଚର ଜଣେ ଅଧିକାରୀ କହିଛନ୍ତି, ବରିଷ୍ଠ ସାମ୍ବାଦିକଙ୍କ ପାଖକୁ ଏକ ମେଲ ଆସିଥିଲା, ତେବେ ମେଲଟି କେଉଁଠୁ ଆସିଥିଲା, କଣ ତାହା ଡିଟେଲ୍ସ ଜାଣିବା ପାଇଁ ଦେଖିବାକୁ ଆସିଥିଲୁ। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ପରେ ମେଲଟି କେଉଁଠ ଆସିଥିଲା, ତାହା ଜଣାପଡ଼ିବ। ମେଲଟି ଓଡ଼ିଆରେ ଆସିଛି, ତଦନ୍ତ ପରେ ସତ୍ୟାସତ ଜଣାପଡ଼ିବ।

ସୂଚନାଯୋଗ୍ୟ, ବରିଷ୍ଠ ସାମ୍ବାଦିକ ଅକ୍ଷୟ ସାହୁଙ୍କୁ ଖଲିସ୍ତାନୀ ଆତଙ୍କବାଦୀ ପନ୍ନୁ ଆଜି ଏକ ଧମକ ପୂର୍ଣ୍ଣ ଇ-ମେଲ ପଠାଇଥିଲା ଯେଉଁଥିଲେ ଖଲିସ୍ତାନୀ ଆତଙ୍କବାଦୀ ପନ୍ନୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରକୁ ଟାର୍ଗେଟ କରିଥିଲା। ରବିବାର ଭୁବନେଶ୍ୱର ବିମାନ ବନ୍ଦରରୁ ଉଡାଣ ନ ଭରିବାକୁ ଇ-ମେଲ ଅଡିଓ ମେସେଜ କରି ଚେତାବନୀ ଦେଇଥିଲା ଖଲିସ୍ତାନୀ ଆତଙ୍କବାଦୀ ପନ୍ନୁ। ଏଥିସହ ଡିଜିପି ସମ୍ମିଳନୀକୁ ଭଣ୍ଡୁର କରିବାକୁ ଧମକ ଦିଆଯାଇଥିଲା।

## ସଡ଼କ ଦୁର୍ଘଟଣାରେ ୪ ମୃତ



ବାରିପଦା, ୩୦।୧୧
ନ୍ୟୁଜ୍ ବ୍ୟୁରୋ

ମୟୂରଭଞ୍ଜ ଜିଲ୍ଲା ବାରିପଦାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଗୋଟିଏ ଟ୍ରକ ଦୁଇଟି ପୃଥକ ସ୍ଥାନରେ ଦୁର୍ଘଟଣା ଘଟାଇବାରୁ ୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ଶନିବାର ସକାଳେ ତିରିଂ ଥାନା ଅଞ୍ଚଳର ବଡତାଳିମା ଛକରେ ୩ ଜଣ ମର୍ଣ୍ଣିଂ ୱାକ୍‌ରେ ଯାଉଥିଲେ। ଏହି ସମୟରେ ଟ୍ରକ୍‌ଟି ଦ୍ରୁତ ଗତିରେ ଆସି ୩ଜଣଙ୍କୁ ଧକ୍କା ଦେଇଥିଲା। ଟ୍ରକ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଥିଲେ।

ପରେ ଟ୍ରକଟି ପୁଣି ୫ କିମି ଯିବା ପରେ ବହଳଦା ଥାନା ଅନ୍ତର୍ଗତ ବାଗବେଡାରେ ଏକ ଅଟୋକୁ ଧକ୍କା ଦେଇଥିଲା। ଫଳରେ ଅଟୋରେ ଥିବା ୪ ଜଣଙ୍କ ମଧ୍ୟରୁ ଅଟୋ ଡ୍ରାଇଭର ଏବଂ ଏକ ଦମ୍ପତିଙ୍କର (ପୃଷ୍ଠା ୭ରେ)

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ଦେଶର ଜିଡିପି ଅଭିବୃଦ୍ଧି ହାର ଦୁଇ ବର୍ଷରେ ସର୍ବନିମ୍ନ

ନୂଆଦିଲ୍ଲୀ, ୩୦।୧୧

ଅର୍ଥନୀତି କ୍ଷେତ୍ରରେ ଭାରତକୁ ଏକ ବଡ଼ ଝଟକା ଲାଗିଛି। ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସ (ଜୁଲାଇ-ସେପ୍ଟେମ୍ବର)ରେ ଦେଶର ଜିଡିପି ଅଭିବୃଦ୍ଧି ହାର ୫.୪ ପ୍ରତିଶତକୁ ହ୍ରାସ ପାଇଛି। ଯାହାକି ପ୍ରାୟ ଦୁଇ ବର୍ଷ ମଧ୍ୟରେ ସର୍ବନିମ୍ନ। ପ୍ରକାଶିତ ସରକାରୀ ତଥ୍ୟ ଅନୁଯାୟୀ, ଉତ୍ପାଦନ କ୍ଷେତ୍ରର ଖରାପ ପ୍ରଦର୍ଶନ ଯୋଗୁଁ ଜୁଲାଇ-ସେପ୍ଟେମ୍ବର ତ୍ରୈମାସରେ ଦେଶର ଆର୍ଥିକ ଅଭିବୃଦ୍ଧିରେ ଏଭଳି ଅବନ୍ନତି ଘଟିଛି।

ଗତବର୍ଷ ଏହି ସମାନ ତ୍ରୈମାସ (ଜୁଲାଇ-ସେପ୍ଟେମ୍ବର)ରେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ହାର ୮.୧ ପ୍ରତିଶତ ଥିଲା। ତେବେ ଘରୋଇ ଉତ୍ପାଦ (ଜିଡିପି)ର ସବୁଠାରୁ ନିମ୍ନସ୍ତର




୨୦୨୨-୨୩ ଆର୍ଥିକ ବର୍ଷର ଅକ୍ଟୋବର-ଡିସେମ୍ବର ତ୍ରୈମାସରେ ୪.୩% ରେକର୍ଡ କରାଯାଇଥିଲା। ସେତେବେଳେ କରୋନା ମହାମାରୀ ଯୋଗୁଁ (ପୃଷ୍ଠା ୭ରେ)

# ୨୦୨୭ ସୁଦ୍ଧା ସରିବ ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ କାମ

ଭୁବନେଶ୍ୱର, ୩୦।୧୧
ନ୍ୟୁଜ୍ ବ୍ୟୁରୋ

ଭୁବନେଶ୍ୱର ମେଟ୍ରୋ ଟ୍ରେନ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟର କାମ ୨୦୨୭ ଡିସେମ୍ବର ସୁଦ୍ଧା ଶେଷ ହେବ। ପ୍ରଥମେ ୨୬ କିଲୋମିଟର ମଧ୍ୟରେ ମେଟ୍ରୋ ଟ୍ରେନ ଚଳାଚଳ କରିବ। ଆରମ୍ଭରୁ ଲୋକଙ୍କୁ ୧୩ଟି ଟ୍ରେନ୍‌ରେ ଏହି ସେବା ମିଳିବ। ପ୍ରତ୍ୟେକ ଟ୍ରେନ୍‌ରେ ୩ଟି ଲେଖାଏଁ କୋଚ ରହିବ। ମେଟ୍ରୋ ଟ୍ରେନ ନେଇ ସମୀକ୍ଷା ପରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

ପୂର୍ବରୁ ଭୁବନେଶ୍ୱର ମେଟ୍ରୋ ରେଳ କର୍ତ୍ତୃପକ୍ଷ କହିସାରିଛନ୍ତି ଯେ, ରାଜଧାନୀବାସୀଙ୍କୁ ପ୍ରତ୍ୟେକ ୧୦ ମିନିଟରେ ମେଟ୍ରୋ ଟ୍ରେନ ସେବା ଯୋଗାଇ ଦିଆଯିବ।



ଏଥି ପାଇଁ ୩ଟି କୋଚ ବିଶିଷ୍ଟ ୧୩ଟି ମେଟ୍ରୋ ଟ୍ରେନ କିଣାଯିବାର ଯୋଜନା କରାଯାଇଛି।

ବହୁ ପ୍ରତୀକ୍ଷିତ ଭୁବନେଶ୍ୱର ମେଟ୍ରୋ ଟ୍ରେନ ପ୍ରକଳ୍ପର କାମ ୨୦୨୭ ଶେଷ ସୁଦ୍ଧା ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ପ୍ରକଳ୍ପ ପାଇଁ ଏବେ ମାଟି ପରୀକ୍ଷା ଚାଲିଛି। ଭୂପୃଷ୍ଠରୁ ୫୦ରୁ ୬୦ ଫୁଟ ତଳୁ ମାଟି ନେଇ ଲ୍ୟାବ୍‌ରେ ପରୀକ୍ଷା (ପୃଷ୍ଠା ୭ରେ)

# ୫ ଡିସେମ୍ବରରେ ମହାରାଷ୍ଟ୍ରରେ ନୂଆ ସରକାର !

ମୁମ୍ବାଇ, ୩୦।୧୧

ମହାରାଷ୍ଟ୍ରରେ ନିର୍ବାଚନ ଫଳାଫଳ ପ୍ରକାଶର ଏକ ସପ୍ତାହ ବିତିଯାଇଥିଲେ ବି ସରକାର ଗଠନ ହୋଇପାରି ନାହିଁ। ମୁଖ୍ୟମନ୍ତ୍ରୀ ଚୟନକୁ ନେଇ ଏପର୍ଯ୍ୟନ୍ତ ମହାୟୁତି ମେଣ୍ଟରେ ସହମତି ହୋଇପାରିନାହିଁ। ଏସବୁ ମଧ୍ୟରେ ଭାରତୀୟ ଜନତା ପାର୍ଟି (ବିଜେପି)ର ଜଣେ ବରିଷ୍ଠ ନେତା ଶନିବାର କହିଛନ୍ତି ଯେ ମହାରାଷ୍ଟ୍ରରେ ମହାୟୁତି ମେଣ୍ଟର ନୂଆ ସରକାର ଡିସେମ୍ବର ୫ରେ ଶପଥ ନେବ। ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ପଦ ପାଇଁ ଦେବେନ୍ଦ୍ର ଫଡନାଭିସ ସବୁଠାରୁ ଆଗରେ ଅଛନ୍ତି।

ନୂଆ ମୁଖ୍ୟମନ୍ତ୍ରୀ ଚୟନ ପାଇଁ ମହାୟୁତିର ତିନି ପ୍ରମୁଖ ନେତା ଦେବେନ୍ଦ୍ର ଫଡନାବିସ, ଏକନାଥ ସିନ୍ଦେ ଓ ଅଜିତ ପାୱାର ଗତ ଗୁରୁବାର ରାତିରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ଭେଟିଥିଲେ ବି କୌଣସି ସହମତି ହୋଇପାରିନାହିଁ। ସେହିପରି ଶୁକ୍ରବାର ଆଉ ଏକ ବୈଠକ ମୁମ୍ବାଇରେ ବସିବାକୁ ଥିଲେ ବି ଏକନାଥ ହଠାତ ନିଜ ପୈତୃକ ଗାଁ କୁ ପଳାଇଯାଇଥିଲେ।

ତେବେ ଏ ନେଇ ଆଉ ଏକ ବୈଠକ ରବିବାର ବସିବ। ନଭେମ୍ବର ୨୦ରେ ହୋଇଥିବା ବିଧାନସଭା ନିର୍ବାଚନରେ ବିଜେପି, ଏକନାଥ ସିନ୍ଦେଙ୍କ ଶିବସେନା ଏବଂ ଅଜିତ ପାୱାରଙ୍କ (ପୃଷ୍ଠା ୭ରେ)

# ଓଡ଼ିଶାରେ ନକ୍ସଲ ସଂଗଠନର ନେତୃତ୍ୱ ନେଉଛନ୍ତି ଆନ୍ଧ୍ର, ଛତିଶଗଡ଼ର କ୍ୟାଡର

ଭୁବନେଶ୍ୱର, ୩୦।୧୧
ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ର ଓ ରାଜ୍ୟ ସରକାର ୨୦୨୬ ସୁଦ୍ଧା ନକ୍ସଲମାନଙ୍କର ମୂଳପୋଛ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏଥି ପାଇଁ ନକ୍ସଲ ପ୍ରଭାବିତ ଅଞ୍ଚଳରେ ଜୋରଦାର ସର୍ଚ୍ଚ ଅପରେସନ ଜାରି ରହିଛି। ନକ୍ସଲମାନେ ପୁଲିସ ନିକଟରେ ଭୟରେ ଆତ୍ମସମର୍ପଣ କରୁଛନ୍ତି। ଧୀରେ ଧୀରେ ନକ୍ସଲ ଗତିବିଧି ହ୍ରାସ ପାଇବାରେ ଲାଗିଛି। ସୁରକ୍ଷା ବ୍ୟବସ୍ଥା ମଜଭୁତ ସାଙ୍ଗକୁ ବିକାଶ କାମ ଯୋଗୁଁ ନକ୍ସଲମାନେ ମୁଖ୍ୟସ୍ରୋତରେ ସାମିଲ ହେଉଛନ୍ତି ତଥାପି ଏବେ ବି ମଝିରେ ମଝିରେ ନକ୍ସଲ ଗତିବିଧି ଜାରି ରହିଛି।

ଓଡ଼ିଶାରେ ଏବେବି ୬୦ରୁ ୭୦ ଜଣ



ନକ୍ସଲ ରହିଛନ୍ତି। ଏଥିରୁ ଓଡ଼ିଶା କ୍ୟାଡର ନକ୍ସଲ ସଂଖ୍ୟା ମାତ୍ର ୬ରୁ ୭ ଜଣ। ବାକି ସବୁ କ୍ୟାଡର ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର ଓ ଝାଡ଼ଖଣ୍ଡର ଅଛନ୍ତି। ଓଡ଼ିଶାରେ ସଂଗଠନର ନେତୃତ୍ୱ ନେଉଛନ୍ତି ଛତିଶଗଡ଼ ଓ ଆନ୍ଧ୍ର କ୍ୟାଡର ନକ୍ସଲ। ଦେଶରେ ୩୮ ନକ୍ସଲ ପ୍ରଭାବିତ ଜିଲ୍ଲା ରହିଛି। ଏଥିରୁ ମାଲକାନଗିରି, କୋରାପୁଟ, କନ୍ଧମାଳ ସମେତ ଓଡ଼ିଶାରେ ୭ଟି ଜିଲ୍ଲା ସାମିଲ ରହିଛି। ବିଏସ୍‌ଏଫ ଆଇଜି (ପୃଷ୍ଠା ୭ରେ)

# ପଶ୍ଚିମବଙ୍ଗକୁ ଆଉ ଆଳୁ ମାଗିବେନି ରାଜ୍ୟ ସରକାର- ଖାଦ୍ୟ ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର, ୩୦।୧୧
ନ୍ୟୁଜ୍ ବ୍ୟୁରୋ

ପଶ୍ଚିମବଙ୍ଗକୁ ଆଉ ଆଳୁ ମାଗିବେନି ରାଜ୍ୟ ସରକାର। ପଶ୍ଚିମବଙ୍ଗ ଯଦି ନିଜ ଆଡ୍ରୁ ଆଳୁ ପଠାଏ ରାଜ୍ୟ ସରକାର ରଖିବେ। ଓଡ଼ିଶା ନିଜ ଆଡ୍ରୁ ମାଗିବନି ବୋଲି କହିଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର। ଓଡ଼ିଶାରେ ଆଳୁ ସଙ୍କଟ ନାହିଁ। ଉତ୍ତରପ୍ରଦେଶରୁ ଆଳୁ ଆସିବା ଆରମ୍ଭ ହୋଇଛି। ଆବଶ୍ୟକ ତୁଳନାରେ ଓଡ଼ିଶାରେ ଆଳୁ ମହଜୁଦ ଅଛି। ପଞ୍ଜାବ ସରକାରଙ୍କ ସହ ବି ରାଜ୍ୟ ସରକାର ଯୋଗାଯୋଗରେ ଅଛନ୍ତି। ବଜାରରେ ଦର ବୃଦ୍ଧି ହୋଇନି। ଶନିବାର ସେ ୩୦ ଟଙ୍କାରେ (ପୃଷ୍ଠା ୭ରେ)

## ଏକାଳ ପଖାଳ



ଆଳୁ ସମସ୍ୟାଟା ଦୂର ହୋଇଥିଲା
ଏବେ ଆସିଗଲା ପୁଣି
ଦିଦି ଆମକୁ ଟେନ୍‌ସନ୍ ଦେଇ
ଖାଉଥାଏ ଝୁଣିଝୁଣି
ଆଳୁ ଗାଡି ଅଟକିଛି ଶୁଣି
ଗ୍ରାହକ ବିଚରା ଥରଉଥାଏ
ଦର ପଇସାଟା ନେବ ଟାଣି ।

# ମଧ୍ୟାହ୍ନ ଭୋଜନ ଖର୍ଚ୍ଚ ବଢାଇଲେ ରାଜ୍ୟ ସରକାର



ଭୁବନେଶ୍ୱର, ୩୦।୧୧
ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ସରକାର ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଖର୍ଚ୍ଚ ବୃଦ୍ଧି କରିବା ନେଇ ଘୋଷଣା କରିଛନ୍ତି। ସରକାରଙ୍କ ଏହି ଘୋଷଣା ଅନୁସାରେ ପ୍ରଥମରୁ ପଞ୍ଚମ ଶ୍ରେଣୀରେ ପଢୁଥିବା ପିଲାଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଖର୍ଚ୍ଚ ୭ଟଙ୍କା ୬୪ ପଇସା କରାଯାଇଛି। ପୂର୍ବରୁ ପ୍ରଥମରୁ ପଞ୍ଚମ ପିଲାଙ୍କ ପାଇଁ ଏହି ଖର୍ଚ୍ଚ ୫ ଟଙ୍କା ୯୦ ପଇସା ଥିଲା। ସେହିପରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଅର୍ଥାତ୍ ଷଷ୍ଠରୁ ଅଷ୍ଟମ ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଖର୍ଚ୍ଚ ୧୦ ଟଙ୍କା ୯୪ ପଇସାକୁ ବୃଦ୍ଧି କରାଯାଇଛି। ପୂର୍ବରୁ ଏହି ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଖର୍ଚ୍ଚ ୮ ଟଙ୍କା ୮୨ ପଇସା ଥିଲା। ଏନେଇ ଶନିବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଚିଠି କରାଯାଇଛି। ଏହାକୁ ତତ୍କାଳ ରବିବାର ଡିସେମ୍ବର ୧ ତାରିଖଠାରୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶନାମାରେ କୁହାଯାଇଛି। ପ୍ରଧାନମନ୍ତ୍ରୀ ପୋଷଣ ଯୋଜନାରେ ମଧ୍ୟାହ୍ନ ଭୋଜନ ଖର୍ଚ୍ଚ ରାଜ୍ୟ ସରକାର ବୃଦ୍ଧି କରିଛନ୍ତି।

# ଇପିଏଫ୍‌ଓ ଜାରି କଲା ନୂଆ ଗାଇଡଲାଇନ୍ ଆଧାର ବିନା ଟଙ୍କା ଉଠାଇ ପାରିବେ

ନୂଆଦିଲ୍ଲୀ, ୩୦।୧୧

ଯଦିଓ ଇପିଏଫଓ କ୍ଲେମ ପାଇଁ ଆଧାର କାର୍ଡ ଆବଶ୍ୟକ, ହେଲେ ନିକଟରେ ଇପିଏଫ୍‌ଓ ଆଧାର ସହ ଜଡ଼ିତ ନୂଆ ନିୟମ ଆଣିଛି। ଏଥିରେ କିଛି ଲୋକ ଆଧାର ଲିଙ୍କ ନକଲେ ମଧ୍ୟ ପିଏଫ ଟଙ୍କା ପାଇପାରିବେ। ଇପିଏଫ୍‌ଓର ନୂଆ ନିର୍ଦ୍ଦେଶାବଳୀ ଅନୁଯାୟୀ କେଉଁ ଲୋକମାନେ ଛାଡ଼ ପାଇବେ।

ଇପିଏଫ୍‌ଓ ନିୟମ ମୁତାବକ, ଯଦି କୌଣସି କର୍ମଚାରୀ ତାଙ୍କର ପିଏଫ କ୍ଲେମ କରିବାକୁ ଚାହାନ୍ତି, ଅର୍ଥାତ ପିଏଫ୍‌ରୁ ଟଙ୍କା ଉଠାଇବାକୁ ଚାହାନ୍ତି ତେବେ ତାଙ୍କର ୟୁନିଭର୍ସାଲ ଆକାଉଣ୍ଟ ନମ୍ବର ଏବଂ ଆଧାର ନମ୍ବର ଲିଙ୍କ ହେବା ଆବଶ୍ୟକ। ହେଲେ



ଇପିଏଫ୍‌ଓ ଏହି ନିୟମରେ କିଛି କର୍ମଚାରୀଙ୍କୁ ରିହାତି ପ୍ରଦାନ କରିଛି, ଯେଉଁମାନେ ଆଧାର ବିନା ପିଏଫରୁ ଟଙ୍କା ଉଠାଇପାରିବେ।

ଏଭଳି କର୍ମଚାରୀ ଯେଉଁମାନେ ପିଏଫ ସହ ଜଡ଼ିତ ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିଛନ୍ତି, ହେଲେ ବିଦେଶ ଯାଇଛନ୍ତି ସେମାନେ ଛାଡ଼ ପାଇବେ। ଏହା ବ୍ୟତୀତ ଯେଉଁମାନେ ଭାରତ ଛାଡ଼ି ବିଦେଶ ଯାଇଛନ୍ତି ଏବଂ ସେଠାର ନାଗରିକତା ଗ୍ରହଣ କରିଛନ୍ତି, ସେମାନଙ୍କୁ ମଧ୍ୟ ରିହାତି ଦିଆଯିବ। (ପୃଷ୍ଠା ୭ରେ)

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୧ ଡିସେମ୍ବର, ରବିବାର, ୨୦୨୪





# ଜିଲ୍ଲାସ୍ତରୀୟ ପେନସନ ଅଦାଲତରେ ୧୨୭ ଅଭିଯୋଗର ଶୁଣାଣି




**ବାଲେଶ୍ୱର, ନ୍ୟୁଜ୍**

ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଓ ଓଡ଼ିଶା ପ୍ରଧାନ ମହା-ଲେଖାକାର (ଲେଖା ଓ ହକଦାରୀ) ମିଳିତ ଆନୁକୂଲ୍ୟରେ ଏବଂ ବାଲେଶ୍ୱର ଜିଲ୍ଲା ପ୍ରଶାସନ ସହଯୋଗରେ ସ୍ଥାନୀୟ ସଦ୍‌ଭାବନା ସଭାଗୃହ ଠାରେ ଜିଲ୍ଲା ସ୍ତରୀୟ ପେନସନ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପେନସନ ଅଦାଲତରେ ଏଜି କାର୍ଯ୍ୟାଳୟର ଡିଏଜି (ପେନସନ) ସଞ୍ଜୟ କୁମାର, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଭାରତୀୟ ଅଡିଟ୍ ଏବଂ ଆକାଉଣ୍ଟ ସେବା ଟ୍ରେନି ଭାର୍ଗଭ ରାମ ଖ୍ୟାତି, ହେମେନ୍ଦ୍ର ସିଂ, ଅଭିରୁଚି, ବରିଷ୍ଠ ଆକାଉଣ୍ଟସ ଅଧିକାରୀ ସାରଦା ପ୍ରସନ୍ନ ମହାପାତ୍ର, ସହକାରୀ ଆକାଉଣ୍ଟସ ଅଧିକାରୀ ଶରତ କୁମାର ମହାପାତ୍ର, ଦିଲ୍ଲୀପ କୁମାର ଦୁବେ, ସହକାରୀ ସୁପର-ଭାଇଜର କୌଶିକ କୁମାର କବି ଏବଂ ଆକାଉଣ୍ଟାଣ୍ଟ ସଞ୍ଜୟ ଯାମି ପ୍ରମୁଖ ଯୋଗଦେଇ ପେନସନ ସମ୍ବନ୍ଧୀୟ ଅଭିଯୋଗର ଶୁଣାଣି କରିଥିଲେ। ବରିଷ୍ଠ ଆକାଉଣ୍ଟସ ଅଧିକାରୀ ଶ୍ରୀ ମହାପାତ୍ର ପେନସନ ଓ ଜିପିଏଫ ଆବେଦନ ପତ୍ର ପଠାଉଥିବା ବେଳେ ଯେଉଁ ଭୁଲ ହୋଇଥାଏ ତା'ର ସଂଶୋଧନ କିପରି କରାଯାଇ ପାରିବ ପିପିଟି ମାଧ୍ୟମରେ ବୁଝାଇଥିଲେ। ଏହି ପେନସନ ଅଦାଲତରେ ବାଲେଶ୍ୱର ଜିଲ୍ଲାର ମୋଟ ୨୮୦ଟି ଅଭିଯୋଗ ମଧ୍ୟରୁ ବିଭିନ୍ନ ବିଭାଗର ଏଜି କାର୍ଯ୍ୟାଳୟରେ ଅଟକି ଥିବା କିମ୍ବା ଫେରସ୍ତ ଆସିଥିବା ୧୨୭ ପେନ୍‌ସନ ଅଭିଯୋଗ ଉପରେ ଆଲୋଚନା ହୋଇଥିଲା। ଏଥି ସହିତ ୧୦ଜଣ ପେନସନଭୋଗୀଙ୍କୁ ମଞ୍ଚରେ ପେନସନ କାଗଜ ପ୍ରଦାନ କରାଯାଇଥିଲା। ଡିଏଜି (ପେନସନ) ଶ୍ରୀ କୁମାର ଉପସ୍ଥିତ ଥିବା ପେନସନ ମଞ୍ଜୁରକର୍ତ୍ତା ଓ ଡିଡିଓମାନଙ୍କୁ ଠିକ୍ ସମୟରେ ଅବସରପ୍ରାପ୍ତ କର୍ମଚାରୀମାନଙ୍କର ଅବସରକାଳୀନ ଦେୟ କାଗଜପତ୍ର ଏଜି କାର୍ଯ୍ୟାଳୟକୁ ପଠାଇବାକୁ ଉପଦେଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ଜିଲ୍ଲାରେ ପେନସନ ଓ ଗ୍ରାଚୁଇଟି ମଞ୍ଜୁର ହୋଇ ନ ଥିବା ଅବସରପ୍ରାପ୍ତ କର୍ମଚାରୀମାନଙ୍କର ପେନସନ କାଗଜ ପତ୍ର ତୁରନ୍ତ ପଠାଇବାକୁ ନିର୍ଦ୍ଦେଶ ଦେଇ ଥିଲେ। ଡେପୁଟି କଲେକ୍ଟର ରାଇମତ ଟୁଡୁ ଓ ନାରାୟଣ ହେମ୍ବ୍ରମ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଶାନ୍ତ ଧର୍ମଶାଳା ଏବେ ଅଶାନ୍ତ

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଶାନ୍ତ ଧର୍ମଶାଳା ଏବେ ଅଶାନ୍ତ ହୋଇ ଉଠିଛି। ଜାରକା ବଜାରରେ ଗଳିପୋଲ ସମ୍ମୁଖରେ ଥିବା ନିମୁ ସାହୁଙ୍କ ଜଳଆ ଦୋକାନ ଉପରେ ଅସାମାଜିକ ଯୁବକମାନେ ଆକ୍ରମଣ କରି ଭଙ୍ଗାରୁଜା କରିଛନ୍ତି। ସୂଚନା ଅନୁଯାୟୀ ଶୁକ୍ରବାର ରାତିରେ ଦୁର୍ବୃତ୍ତମାନେ ନିମୁ ସାହୁଙ୍କୁ ଖୋଜି ପାଇ ନ ଥିଲେ। ଦୋକାନ ଆଗରେ ଥିବା କାର୍‌କୁ ବାଡ଼େଇ ଭାଙ୍ଗି ଦେଇଥିଲେ। ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ପରେ ତାଙ୍କ ପତ୍ନୀ ପହଞ୍ଚି ଜାରକା ବିଟ୍‌ହାଉସରେ ଅଭିଯୋଗ ପରିବା ପରେ ପୋଲିସ ଘଟଣାର ତଦନ୍ତ କରୁଛି।

# ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା : ଉପାସରେ ଫେରିଲେ ଚାଷୀ



**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଦୁଇଟି ବିଭାଗ ଆନୁକୂଲ୍ୟରେ ଦୁଇ ଦିନ ଧରି ଚାଲିଥିବା ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳାର ଉଦ୍‌ଯାପନୀ ଉତ୍ସବରେ ଉପାସରେ ଫେରିଲେ ଚାଷୀମାନେ। ଏହି ମେଳାପାଇଁ ୨୭ ଲକ୍ଷ ବ୍ୟୟ ବରାଦ କରାଯାଇଛି। ୨୭ ଲକ୍ଷରେ ଦୁଇଦିନ କାର୍ଯ୍ୟକ୍ରମ ହେଉଛି। ୨୭ ଲକ୍ଷ ଖର୍ଚ୍ଚକୁ ସାର୍ବଜନୀନ କରିବାପାଇଁ ସାଧାରଣରେ ଦାବି ହେଉଛି। ଏହି ମେଳାର ଉଦ୍‌ଯାପନୀ ଉତ୍ସବରେ ୮ ଟି ବ୍ଲକ୍ ଓ ଦୁଇଟି ପୌରପାଳିକାରୁ ବିଭିନ୍ନ ଚାଷୀମାନେ ଅଂଶ ଗ୍ରହଣ କରିଥିଲେ। ଖାଇବା ସମୟରେ ଚାଷୀମାନେ ଯାଇ ଖାଦ୍ୟ ଷ୍ଟଲରେ ଟୁକନ ଦେଖାଇବା ପରେ ଖାଦ୍ୟ ମିଳିନଥିଲା। ଘଣ୍ଟା ଘଣ୍ଟା ଧରି ଖାଲି ପତର ଧରିଥିବା ବେଳେ ବିରକ୍ତି ଭାବ ହୋଇ ଫେରିଯାଇ ଥିଲେ। ଉଦ୍‌ଘାଟନ ଉତ୍ସବରେ ଅଂଶ ଗ୍ରହଣ କରିଥିବା ଚାଷୀମାନେ ଆରାମରେ ଖାଦ୍ୟ ଖାଇଥିଲେ। କାରଣ ଉଦ୍‌ଘାଟନ ଉତ୍ସବରେ ଜିଲ୍ଲାପାଳ, ମନ୍ତ୍ରୀ ଓ ବିଧାୟକ ରହିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅପରାହ୍ନ ୩ଟା ପରେ ଅନୁଷ୍ଠିତ ହେବାକୁ ଥିବାବେଳେ ଅବ୍ୟବସ୍ଥା ଭିତରେ ଲୋକ ଠେଲାପେଲା ଅବସ୍ଥାରେ କିଛି ଖାଇଲେ କିଛି ଉପାସ ପଳାଇଲେ, ଯେମିତି ଜଣାପଡୁଥିଲା ଖାଦ୍ୟ ସ୍ଥଳରେ କେହି ମା' ବାପା ନଥିଲା ଭଳି। ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଅଧା ସିଝା ଚାଉଳକୁ ଆଣି ଖାଇବାକୁ ଦେଉଥିଲେ। ଲୋକମାନେ ବିରୋଧ କରିବାରୁ ସେ ଅଧା ସିଝା ଚାଉଳକୁ ନେଇ ଯାଇଥିଲେ। ମେଳାକୁ ଆସି ଖାଦ୍ୟ ନ ଖାଇ ଚାଷୀମାନେ ଫେରିଯିବା ବଡ଼ ଦୁଃଖ ଓ ପରିତାପର ବିଷୟ। ଆୟୋଜକ ମାନଙ୍କର ଦାୟିତ୍ୱହୀନତା ପାଇଁ ମହିଳାମାନେ ଖାଇବାରୁ ବଞ୍ଚିତ ହେଲେ। ଖାଦ୍ୟ ସ୍ଥଳରେ କୌଣସି ଆୟୋଜକ ମାନଙ୍କର ଦେଖନଥିଲା। ବ୍ୟାପକ ଅବ୍ୟବସ୍ଥା ଭିତରେ କିଛି ଲୋକମାନେ ଖାଇଲେ କିଛି ବିଳମ୍ବ ହେବାରୁ ପଳାଇଗଲେ।

# ଆନନ୍ଦପୁର ୨୧୪ ଅଭିଯୋଗ ଶୁଣିଲେ ଜିଲ୍ଲାପାଳ

**ଆନନ୍ଦପୁର, ନ୍ୟୁଜ୍‌ବ୍ୟୁରୋ**

ଆନନ୍ଦପୁର ବ୍ଲକ କାର୍ଯ୍ୟାଳୟ ପରିସର ସଭା ଗୃହରେ ସୋମବାର ଦିନ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଆନନ୍ଦପୁର ବିଡ଼ିଓ ଯୋଗରଞ୍ଜନ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନଶୁଣାଣୀ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଶାଲ ସିଂ, ଜିଲ୍ଲା ପ୍ରକଳ୍ପ ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧିକାରୀ, ଡେପୁଟି କଲେକ୍ଟର ପ୍ରମୁଖ ଯୋଗଦେଇଥିବା ବେଳେ ଉପଖଣ୍ଡ ଗ୍ରାମ ଉନ୍ନୟନର ଅଧିକାରୀ, ଉଠା ଜଳସେଚନ ପ୍ରକଳ୍ପର ଅଧିକାରୀ, ଖାଦ୍ୟ ଯୋଗାଣ ବିଭାଗର ଅଧିକାରୀଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇ ଅଭିଯୋଗ ଶୁଣାଣିରେ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲାପାଳ ବିଶାଳ ସିଂ ୭ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ତିନିଚକିଆ ଟ୍ରାଏ ସାଇକେଲ ପ୍ରଦାନ କରିଥିଲେ। ଏହି ଜନଶୁଣାଣୀରେ ଆନନ୍ଦପୁର ବ୍ଲକ୍‌ର ବାଉଁଶଗଡ଼, ବେଲବାହାଳି, ବାରିଗାଁ, ପଦ୍ମପୁର, ଶାଳବଣି, ମୋଟିନ୍ଦା, କଣ୍ଟିପାଳ, ଫକିରପୁର, କୋଡପଡ଼ା,ଗହଳମୁଣ୍ଡା ସମେତ ବିଭିନ୍ନ ପଞ୍ଚାୟତରେ ସର୍ବମୋଟ ୨୧୪ ଜଣ ଅଭିଯୋଗକାରୀ ଆନନ୍ଦପୁର ବ୍ଲକ୍‌ରେ ପହଞ୍ଚି ଅଭିଯୋଗ ଶୁଣାଣିରେ ଭାଗ ନେଇଥିଲେ। ଆନନ୍ଦପୁର ବ୍ଲକର ଏବିଡିଓ ବିଚିତ୍ର କର ଜନଶୁଣାଣୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ବ୍ଲକର ମନରେଗା ଅଧିକାରୀ ଅଭିମନ୍ୟୁ ପାତ୍ରଙ୍କ ସହ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଏହି ଜନଶୁଣାଣୀ କାର୍ଯ୍ୟକ୍ରମରେ ଆନନ୍ଦପୁର ଉପଖଣ୍ଡର ଏସ ଡିପିଓ ପ୍ରସାନ୍ତ ବେହେରା ଓ ଆନନ୍ଦପୁର ଆଇଆଇସି ଲକ୍ଷୀକାନ୍ତ ପ୍ରଧାନ ଓ ଘଷିପୁରାର ଥାନା ଅଧିକାରୀ ସୁନୀଲ କର ପ୍ରମୁଖ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।

# ଏମକେସି ହାଇସ୍କୁଲର ପୁରାତନ ଛାତ୍ର ସଂସଦ ବୈଠକ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ସର୍ବପୁରାତନ ମହାରାଜା କୃଷ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦର କାର୍ଯ୍ୟ ନିର୍ବାହୀ ବୈଠକ ସଂସଦର ସଭାପତି ପୂର୍ଣ୍ଣେନ୍ଦୁ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟସ୍ତରରେ ଫୁଟବଲ ଖେଳକୁ ଅଧିକ ପ୍ରୋତ୍ସାହିତ କରିବା ପାଇଁ ଛାତ୍ର ସଂସଦ ଆନୁକୂଲ୍ୟରେ ଆଗାମୀ ଡିସେମ୍ବର ୧୦ ଓ ୧୧ ତାରିଖ ଦୁଇଦିନ ଧରି କନିଷ୍ଠ ବର୍ଗରେ ଷଷ୍ଠ ଓ ସପ୍ତମ ଶ୍ରେଣୀ ଏବଂ ବରିଷ୍ଠ ବର୍ଗରେ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହେବ ଏବଂ ଆଗାମୀ ୧୪ ତାରିଖ ଦିନ ଚୂଡାନ୍ତ ଖେଳ ଅନୁଷ୍ଠିତ ହୋଇ ଚାମ୍ପିଅନ ଓ ରନର୍ସଅପ ଦଳଙ୍କୁ ଟ୍ରଫି ପ୍ରଦାନ କରାଯିବା ନେଇ ନିଷ୍ପତ୍ତି ହୋଇଛି। ତତ୍‌ସହିତ ପ୍ରତ୍ୟେକ ଖେଳାଳିଙ୍କୁ ଜର୍ସି ଓ ମାନପତ୍ର ମଧ୍ୟ ପ୍ରଦାନ କରାଯିବ। ପୁରାତନ ଛାତ୍ର ସଂସଦର ବାର୍ଷିକ ଅଧିବେଶନ ଆଗାମୀ ଡିସେମ୍ବର ୨୯ ତାରିଖ ରବିବାର ଦିନ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଛି। ସଂସଦର ସମ୍ପାଦକ ରଞ୍ଜନ ବାନାର୍ଜୀ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିବା ବେଳେ ଉପସଭାପତି ଅକ୍ଷୟ କୁମାର ଅଗରୱାଲା ଶେଷରେ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ମୁମ୍ବାଇଠାରେ ୧୬ବର୍ଷ ପୂର୍ବେ ଅର୍ଥାତ୍ ୨୦୦୮ ନଭେମ୍ବର ୨୬ ତାରିଖରେ ଆତଙ୍କୀଙ୍କ ହମଲାରେ ପ୍ରାଣ ହରାଇଥିବା ବ୍ୟକ୍ତିମାନଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ସଂସଦ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସହ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

# ସମ୍ବେଦନା : ବ୍ୟାସବିହାର ଛାତ୍ରଛାତ୍ରୀଙ୍କ ଦ୍ୱାରା ଅଭିନବ ଅଭିଯାନ



**ବାଲେଶ୍ୱର, ନ୍ୟୁଜ୍**

ଫକୀରମୋହନ ବିଶ୍ୱବିଦ୍ୟାଳୟର ସମାଜସେବା ବିଭାଗର ଛାତ୍ରଛାତ୍ରୀଙ୍କ ଦ୍ୱାରା ସମ୍ବେଦନା ନାମକ ଏକ ଜନହିତକର ତଥା ସାମାଜିକ ସମ୍ପର୍କ ସ୍ଥାପନ ନିମିତ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ, ମାନବତା ସେବାରେ ଛାତ୍ରଛାତ୍ରୀଙ୍କ ଆଗ୍ରହ ନେଇ ଏକ ଭିନ୍ନ ପଦକ୍ଷେପ, ସମ୍ପର୍କ ସୃଷ୍ଟି ପାଇଁ ଅଧ୍ୟୟନ ଓ ଅନୁଭବର ଯାତ୍ରା ରହିଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଆଦର୍ଶ ଓ ଉଦ୍ଦେଶ୍ୟକୁ ସାକାର କରିବାକୁ ଉତ୍ସାହିତ ହୋଇ ସମାଜସେବା ବିଭାଗର ଅଧ୍ୟାପିକା ରଶ୍ମୀରେଖା ରାଉତଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ସମାଜ ପ୍ରତି ନିଜର କର୍ତ୍ତବ୍ୟର ମୂଲ୍ୟବୋଧ ଓ ସାମାଜିକ ପରିସ୍ଥିତିରେ ସୁଧାର ଆଣିବା ପାଇଁ ଏହି କାର୍ଯ୍ୟକ୍ରମର ଅଂଶବିଶେଷ ହୋଇଛନ୍ତି। ଏହି ପରିପେକ୍ଷୀରେ ବାଲେଶ୍ୱର ସ୍ଥିତ ଦୃଷ୍ଟିହୀନ ଓ ମାନସିକ ଅନଗ୍ରସର ବିଦ୍ୟାଳୟକୁ ଗସ୍ତ କରି ସେଠାକାର ଛାତ୍ରଛାତ୍ରୀଙ୍କ ସହ ବାର୍ତ୍ତାଳାପ କରିଥିଲେ ଓ ନିର୍ଦ୍ଦେଶକ ଦିବାକର ସ, ଶିକ୍ଷକ ଶିକ୍ଷୟିତ୍ରୀ ତଥା କର୍ମଚାରୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ କଳାକୃତି ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିବା ଆଦି ବିଭିନ୍ନ ସଂପର୍କିତ ତଥ୍ୟ ସଂଗ୍ରହ କରିଥିଲେ। ଏଥିସହ ଛାତ୍ରଛାତ୍ରୀ ମାନେ ଅମୃତଧାରା ନାମକ ବୃଦ୍ଧାଶ୍ରମ ମଧ୍ୟ ପରିଦର୍ଶନ କରିଥିଲେ। ସେଠାକାର ନିର୍ଦ୍ଦେଶକ ଡକ୍ଟର ସରୋଜ କୁମାର ମହାପାତ୍ରଙ୍କ ସହ ଅନ୍ତେବାସୀଙ୍କ ସମ୍ବନ୍ଧରେ ଓ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସୁବିଧାସୁଯୋଗ ବିଷୟରେ ଆଲୋଚନା କରିଥିଲେ। ସମାଜସେବା ବିଭାଗର ଅଧ୍ୟାପିକା ଓ ଛାତ୍ରଛାତ୍ରୀଙ୍କ ସାମାଜିକ ସମ୍ପର୍କ କାର୍ଯ୍ୟକ୍ରମରେ ଆଗ୍ରହ ଓ ଉଦ୍ୟମକୁ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ପ୍ରଶଂସା କରିବା ସହ ଏହିଧରଣର ଅଭିଯାନକୁ ଉତ୍ସାହିତ କରିଛନ୍ତି।

# ଶିଶୁ ମନ୍ଦିରରେ ଜେଜେମା ଜେଜେବାପା ସମ୍ମିଳନୀ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଗଜବନ୍ଧଠାରେ ଜେଜେବାପା ଜେଜେମା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜେଜେବାପା ହରି ସେଠୀ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ବିଶ୍ୱନାଥ ବଡ଼ପଣ୍ଡା ଅତିଥି ପରିଚୟ ପ୍ରଦାନ କଲାବେଳେ ଡୁଙ୍ଗୁରିପାଲି ସଂକୁଳ ପ୍ରମୁଖ ମାନନୀୟ ବଳରାମ ପଧାନ ଶିଶୁମାନଙ୍କ ସର୍ବାଙ୍ଗୀଣ ବିକାଶରେ ଜେଜେବାପା ଜେଜେମାଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ବୈଠକରେ ପରିଚାଳନା କମିଟିର ସମ୍ପାଦକ ଡୋଳାମଣି ସେଠ୍ ଏବଂ ଯୁଗ୍ମ ସଂପାଦକ ଦିଲ୍ଲୀପ କୁମାର ସାହୁ ଉପସ୍ଥିତ ଥିଲେ। ଗୁରୁଜୀ ଗୌତମ ଭୋଇ ସଭା ପରିଚାଳନା ଏବଂ ଶିଶୁ ବାଟିକା ପ୍ରମୁଖ ପ୍ରିୟଙ୍କା ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଗୁରୁଜୀ ଗୁରୁମା, ସେବକ ସେବିକା ସହଯୋଗ କରିଥିଲେ।

# ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ସାଇବର ଠକେଇ ସଚେତନତା କାର୍ଯ୍ୟକ୍ରମ



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କେନ୍ଦ୍ରାପଡ଼ା ମୁଖ୍ୟ ଶାଖା ପକ୍ଷରୁ ସାଇବର ଠକେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏସ୍‌ବିଆଇର ପାରାଦ୍ୱୀପ ଆଞ୍ଚଳିକ ପରିଚାଳକ ଦେବାଶିଷ ରଥ, ଏଲଡିଏମ୍ ମନୋଜ କୁମାର ପ୍ରଧାନୀ, ଡେପୁଟି ବ୍ରାଞ୍ଚ ମ୍ୟାନେଜର ସୁପ୍ରିୟା ମଲିକ, ଫାଇନାନ୍ସ ଅଫିସର ରତ୍ନପ୍ରଭା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ସାଇବର ଠକେଇର ବିଭିନ୍ନ କୌଶଳ ଉପରେ ବିଶଦ ଭାବରେ ଆଲୋଚନା କରିଥିଲେ। ବିଶେଷ କରି ବୟସ୍କ ନାଗରିକ, ମହିଳା ଓ କାର୍ଯ୍ୟବ୍ୟସ୍ତ ବ୍ୟକ୍ତିମାନେ ଏହାର ଶୀକାର ହେଉଥିବା ସଚେତନ ରହିବାକୁ ପରାମର୍ଶ ଦେଇ ଥିଲେ। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସଂପାଦକ ହେମନ୍ତ କୁମାର ଜେନା, ପତିତପାବନ ଲେଙ୍କା, ଶ୍ରୀନିବାସ ଦାସ, ତୈଳୋକ୍ୟ ସ୍ୱାଇଁ, ତପନ କୁମାର ସିଂହ, ପ୍ରବୋଧ କୁମାର ପଣ୍ଡା, ମହମ୍ମଦ ଜାହିଦ, ପରମାନନ୍ଦ ସାହୁ, ସୋମନାଥ ଜେନାଙ୍କ ସମେତ ବହୁ ବରିଷ୍ଠ ନାଗରିକ, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ଥିଲେ। ବ୍ୟାଙ୍କ ପକ୍ଷରୁ ଜଗନ୍ନାଥ ପଣ୍ଡା ଓ ରାମେଶ୍ୱର ନାୟକ କାର୍ଯ୍ୟକ୍ରମରେ ସହାୟତା କରିଥିଲେ।

# ଜିଲ୍ଲାରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳଙ୍କ ଆହ୍ୱାନ




**ବାଲେଶ୍ୱର, ନ୍ୟୁଜ୍**

ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାବ୍ୟାପୀ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମାପନ ସ୍ଥିତି ଓ ତ୍ୱରାନ୍ୱିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆନ୍ତଃ ବିଭାଗୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମଣ୍ଡଳୀୟ ବନ ଅଧିକାରୀ ଖୁଶଓ୍ୱନ୍ତ ସିଂ, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ବାଲେଶ୍ୱର ଉପଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେସିର୍କେ, ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ ଏବଂ ସମସ୍ତ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଏଥି ସହିତ ସମସ୍ତ ବିଡ଼ିଓ ଓ ତହସିଲଦାର ଆଭାସୀ ମାଧ୍ୟମରେ ଏହି ବୈଠକରେ ଯୋଡ଼ି ହୋଇଥିଲେ। ଏହି ବୈଠକରେ ସଠିକ ସମୟ ସୀମା ମଧ୍ୟରେ କାର୍ଯ୍ୟାନ୍ୱୟନ ଏବଂ ଜାରି ରହିଥିବା ପ୍ରକଳ୍ପଗୁଡ଼ିକର ପ୍ରଭାବୀ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଗ୍ରାମାଞ୍ଚଳ ସଡ଼କ ଯୋଗାଯୋଗ, ଜଳ ଯୋଗାଣ, ଶିକ୍ଷା ଓ ସ୍ୱାସ୍ଥ୍ୟସେବା ଭଳି ସମ୍ମିଳିତ କ୍ଷେତ୍ରରେ ଭିତ୍ତିଭୂମିର ଉନ୍ନତିକରଣ ଉପରେ ବିସ୍ତୃତ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଏହି ସମୀକ୍ଷାରେ ଆନ୍ତଃବିଭାଗୀୟ ଯୋଗାଯୋଗକୁ ସୁଦୃଢ଼ କରିବା ଏବଂ ସମସ୍ତ ବିକାଶମୂଳକ ପ୍ରକଳ୍ପଗୁଡ଼ିକରେ ସମ୍ଭାବ୍ୟ ପ୍ରତିବନ୍ଧକ ଗୁଡ଼ିକର ସମାଧାନ ଉପରେ ଉପସ୍ଥିତ ଅଧିକାରୀମାନେ ନିଜର ମତ ପ୍ରକାଶ କରିଥିଲେ। ଜିଲ୍ଲାର ବ୍ୟବସ୍ଥିତ ଓ ତ୍ୱରାନ୍ୱିତ ବିକାଶ ପାଇଁ ନିଜ ନିଜ ପ୍ରକଳ୍ପକୁ ଠିକ୍ ସମୟରେ ଶେଷ କରିବା ନିମନ୍ତେ ତଥା ଏହାର ନିର୍ଭୁଲତା, ଅଗ୍ରଗତି ଓ ଗୁଣବତ୍ତା ଉପରେ ଅବିଭକ୍ତ ଧ୍ୟାନ ଦେବା ପାଇଁ ଜିଲ୍ଲାପାଳ ଶ୍ରୀ ବିକାଶ ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ



**ଖଲ୍ଲିକୋଟ, ନ୍ୟୁଜ୍‌ବ୍ୟୁରୋ**

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ନବାଗତ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କ ନିମନ୍ତେ ଏକ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ 'ଅଭ୍ୟୁଦୟ' ୨୦୨୪ଅନୁଷ୍ଠିତ ହୋଇଯାଇଛି। ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଓ ସ୍ନାତକ ତୃତୀୟ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅଭ୍ୟୁଦୟର ପୌରୋହିତ୍ୟ ବିଭାଗ ମୁଖ୍ୟ ଡକ୍ଟର ଉଷାରାଣୀ ରଥ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ବିଭାଗ ମୁଖ୍ୟ ଡକ୍ଟର ବିଦ୍ୟୁତ ପ୍ରଭା ସାହୁଙ୍କ ସମେତ ଡକ୍ଟର ବନମାଳୀ ପାଣିଗ୍ରାହୀ, ଡକ୍ଟର ମନୋରଞ୍ଜନ ବିଷୋୟୀ, ସୁଶ୍ରୀ ସ୍ୱର୍ଣ୍ଣଲତା ବିଷୋୟୀ ପ୍ରମୁଖ ମଞ୍ଚାସୀନ ଥିଲେ। ମଞ୍ଚାସୀନ ଅତିଥିମାନେ ନିଜ ନିଜ ଅଭିଭାଷଣରେ ଛାତ୍ରଛାତ୍ରୀଙ୍କ ଶୃଙ୍ଖଳା, ଶିକ୍ଷା ଉପରେ ଗୁରୁତ୍ୱାରୋପ କରିବା ସହ ଭବିଷ୍ୟତ ପାଇଁ ସରଣୀ ପ୍ରସ୍ତୁତ କରିବାକୁ ଆହ୍ୱାନ ଦେଇଥିବା ବେଳେ ବିଭାଗ ମୁଖ୍ୟ ଡକ୍ଟର ରଥ ନୂତନ ଶିକ୍ଷାନୀତି ସମ୍ପର୍କରେ ନବାଗତଙ୍କୁ ସଚେତନ କରାଇଥିଲେ। ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଛାତ୍ର ସାଗର ଓ ସ୍ନାତକ ତୃତୀୟ ବର୍ଷ ଛାତ୍ରୀ ମେଘେନା, ରଶ୍ମିତା, ଦ୍ୱିତୀୟ ବର୍ଷ ଛାତ୍ରୀ ଅପରାଜିତା ଓ ମହାଶ୍ୱେତା ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ ପଦ୍ମିନୀ ନାଗେଶ ଓ ଶିଳ୍ପା। ନବାଗତଙ୍କ ପାଇଁ ସ୍ୱାଗତ ଅଭିଭାଷଣ ରଖିଥିଲେ ବରିଷ୍ଠଙ୍କ ପକ୍ଷରୁ ସୁବ୍ରତ, କାଶୀନାଥ, ସୁଜ୍ଞାନ, ଡମ୍ବରୁ ସମେତ ବହୁ ଛାତ୍ରଛାତ୍ରୀ। ସେମାନେ ନିଜ ନିଜ ସ୍ୱାଗତ ଅଭିଭାଷଣରେ ବିଭାଗ ଓ ବିଶ୍ୱବିଦ୍ୟାଳୟର ଗାରିମା କିପରି ଅତୁଟ ରହିବ ସେ ସମ୍ପର୍କରେ ଉଲ୍ଲେଖ କରିଥିଲେ। ନବାଗତ ମାନେ ମଧ୍ୟ ନିଜ ନିଜର ପରିଚୟ ରଖିବା ସହ ସ୍ୱାଗତର ପ୍ରତ୍ୟୁତ୍ତର ରଖି ଜ୍ୟୋତ୍ସ୍ନା, ରୋଜା, ସୁମିତ୍ରା, ବିଭୁପ୍ରିୟା, ଶକ୍ତିକାପୁର, ସରୋଜ, ରତିରମଣ, ପ୍ରିନ୍ସ, ସୁମନ, ରାମକୃଷ୍ଣ, ଗୌରୀ ଆଦି ବହୁ ଛାତ୍ରଛାତ୍ରୀ ଏହି ବିଭାଗରେ ନାମ ଲେଖାଇ ବେଶ୍ ଉତ୍ସାହିତ ବୋଲି ମତ ରଖିଥିଲେ। ନବାଗତଙ୍କୁ ପୁଷ୍ପଗୁଚ୍ଛ ଓ ଉପହାର ଦେଇ ସ୍ୱାଗତ କରାଯିବା ସହ କାର୍ଯ୍ୟକ୍ରମ ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ନମିତା, ଦେବାର୍ଚ୍ଚନ, ଗୋପୀ, ପ୍ରମିତା, କମଳାବତୀ, ଗୁଲକଚାନ୍ଦ , ଯଜ୍ଞ, ଗଗନ, ବିକ୍ରାନ୍ତ, ପିଙ୍କିନା, ବନ୍ଦିତା, ମନସ୍ୱିନୀ, ଲକ୍ଷ୍ମଣ, ସନ୍ଧ୍ୟା, ରାଣୀ, ରଚନା, ରୁଦ୍ର,ଟିପୁ, ପରେଶ, ପ୍ରମିତା, ସିଦ୍ଧାର୍ଥ, ଜିଉସ, ଜଗଦୀଶ, ଯତୀନ୍ଦ୍ର, ଉମେଶ, ଲାଲୀ, ରତ୍ନ, ନେହା, ଝରଣା, ରିବିନା ସମେତ ବହୁ ବରିଷ୍ଠ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

# ଲାୟନ୍ସ କ୍ଲବ ପକ୍ଷରୁ ୫୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ମାଗଣା ସ୍ୱାସ୍ଥ୍ୟସେବା

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ବରଗଡ଼ ଉପକଣ୍ଠ ନୂଆଁ ସରସରା ସ୍ଥିତ ମିଳିତ ଗ୍ରାମ ପଞ୍ଚାୟତ ମହା-ବିଦ୍ୟାଳୟ, ଠାରେ ବରଗଡ଼ ଲାୟନ୍ସ କ୍ଲବ ଆନୁକୂଲ୍ୟରେ ଏକ ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡାକ୍ତର ଶୁଶିଲ କୁମାର କର-ଚକ୍ଷୁ, ଡାକ୍ତର ସ୍ୱାଧିନ ଶର୍ମା-ଆୟୁର୍ବେଦ, ଡାକ୍ତର ବ୍ରଜ କୃଷ୍ଣ ମିଶ୍ର-ଶିଶୁ, ଡାକ୍‌ତର ପ୍ରବୀଣ ଅଗ୍ରୱାଲ-ସର୍ଜରୀ, ଡାକ୍ତର ଅଗସ୍ତି ଭୋଇ-ଔଷଧ, ଡାକ୍ତର ଅର୍ଚ୍ଚନା ଅଗ୍ରୱାଲ-ଦାନ୍ତ, ଡାକ୍ତର ଦିଲୀପ ଭୋଇ-ଜେନେରାଲ ଫିଜିସିଏନ, ଡାକ୍ତର, ଡାକ୍ତର ରାଜେଶ ସାଇ ପଟେଲ-କ୍ୟାନ୍ସର, ଡାକ୍ତର ହିତେଶ ମେହେର - ଜେନେରାଲ ଫିଜିସିଏନ, ଡାକ୍ତର ଅଶ୍ୱିନୀ ଭୋଇ-ଅର୍ଥୋପେଡିକ ଆଦି ଯୋଗ ଦେଇ ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଚିକିତ୍ସା ପରାମର୍ଶ ଦେଇ ଆବଶ୍ୟକ ଔଷଧ ବଣ୍ଟନ କରିଥିଲେ। ଏହା ପୂର୍ବରୁ ଉକ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ଗୋପାଳ କୃଷ୍ଣ ମିଶ୍ର ତଥା ଲାୟନ୍ସ କ୍ଲବ୍‌ର ସଭାପତି ସୁବାସ ଅଗ୍ରୱାଲ, ସଂପାଦକ ଅଭୟ କୁମାର ଭୋଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଲାୟନ୍ସ ହସ୍ପିଟାଲ ପକ୍ଷରୁ ୮୫ ଜଣଙ୍କ ଚକ୍ଷୁ ଚିକିତ୍ସା କରାଯାଇ ୧୫ ଜଣଙ୍କୁ ଅସ୍ତ୍ରୋପଚାର ପାଇଁ ପଠାଯାଇଥିଲା ଓ ଅନ୍ୟମାନଙ୍କୁ ମାଗଣାରେ ଚଷମା ଓ ଔଷଧ ବଣ୍ଟନ କରାଯାଇଥିଲା। ସାଇ ମଲଟି ସ୍ପେଶାଲିଟ ହସ୍ପିଟାଲ, ରାଜ୍ ପାଥୋ କ୍ଲିନିକ୍, ମେଡିଲାଇଟ ପକ୍ଷରୁ ମାଗଣାରେ ଔଷଧ ଓ ରକ୍ତ ପରୀକ୍ଷା କରାଯାଇଥିଲା। ମହାବିଦ୍ୟାଳୟର ରେଡ୍‌କ୍ରସ ସ୍ୱେଚ୍ଛାସେବୀ ସଂଗଠନ ଓ ଅନ୍ୟାନ୍ୟ କର୍ମଚାରୀ ବୃନ୍ଦ ଯୋଗଦେଇ ସହଯୋଗ କରିଥିଲେ। ଅନ୍ୟ ଲାୟନ୍ସ ସଦସ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ଏନ୍.ପି ସିଂହଲ, ଜଗଦୀଶ ଅଗ୍ରୱାଲ, ନବୀନ ଲାଠ, ମନୋଜ ମହାପାତ୍ର, ଜୟା ବେହେରା, ସଂଜୁଲତା ଭୋଇ, ପ୍ରାଞ୍ଜଳ ଧାନୁକା ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। ଶେଷରେ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ୟୋକ୍ତା ବିନୋଦ ଜିନ୍ଦଲ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ରହ୍ମପୁର ସହରରେ ୧୧ ପରିସ୍ରାଗାର କାମରେ ଆସୁନି : ଲୋକେ ହଟହଟା

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ପରିସ୍ରା ପାଇଁ ଲଜ୍ଜିତ ହେବାକୁ ପଡୁଛି। ରାସ୍ତାକଡ଼ ମୁକୁଳା ନାଳ ଏକମାତ୍ର ସାହାରା। ଇଚ୍ଛା ନଥିଲେ ବି ରାସ୍ତା କଡ଼ରେ ପରିସ୍ରା ଯିବାକୁ ବାଧ୍ୟ ହେଉଛନ୍ତି। ଏପରି ଘଟଣା ବ୍ରହ୍ମପୁର ସହରରେ ନିତି ଦିନିଆ ପାଲଟିଛି। ଗାଁ ପରିମଳ ଧୋବା ତୁଠକୁ ଭଳି ସହରର ପରିମଳ ଏହାର ଶୌଚାଳୟ ଓ ପରିସ୍ରାଗାରକୁ ଦେଖିଲେ ସ୍ପଷ୍ଟ ହେଉଛି। ବିଶେଷ କରି ସହରରେ ପରିସ୍ରାଗାର ଖଣ୍ଡିଏ ନାହିଁ। କେଉଁଠି ଭାଙ୍ଗିରୁଜି ଯାଇଛି ଯେ, ତ ଅନ୍ୟ କେଉଁଠି ଉଦ୍‌ଘାଟନ ପରେ ତାଲା ପଡ଼ିଛି। ଫଳରେ ନବ ନିର୍ମିତ ଶୌଚାଳୟ ଭୂତକୋଠି ପାଲଟିଲାଣି। ବାହାରୁ ଆସୁଥିବା ଲୋକେ ପରିସ୍ରା ଯିବା ପାଇଁ ଘରକୁ ଫେରିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ମହିଳାଙ୍କ ପାଇଁ ପରିସ୍ରାଗାର କରିବାରେ ମହାନଗର ନିଗମ ସମ୍ପୂର୍ଣ୍ଣ ଫେଲ୍ ବୋଲି ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ସହରର ଜନସଂଖ୍ୟା ୫.୫ ଲକ୍ଷରୁ ଅଧିକ ହେବ। ପ୍ରତିଦିନ ସହରକୁ ଶିକ୍ଷା, ସ୍ୱାସ୍ଥ୍ୟ, ବ୍ୟବସାୟ ଆଦି ବିଭିନ୍ନ କାରଣ ପାଇଁ ଲକ୍ଷାଧିକ ଲୋକ ଗଞ୍ଜାମ ସମେତ ପଡ଼ୋଶୀ ଜିଲ୍ଲାରୁ ଆସୁଛନ୍ତି। ଦିନ ତମାମ୍ ସହରରେ ରହୁଛନ୍ତି। ଏପରିସ୍ଥଳେ ସହରରେ ପର୍ଯ୍ୟାପ୍ତ ସଂଖ୍ୟାରେ ଶୌଚାଳୟ, ପରିସ୍ରାଗାର, ୱାଟର ଏଟିଏମ୍, ଯାତ୍ରୀ ବିଶ୍ରାମାଗାର, ଆଶ୍ରୟସ୍ଥଳ ସୁବିଧା କରିବା ବ୍ରହ୍ମପୁର ମହାନଗର ନିଗମର ଦାୟିତ୍ୱ। ହେଲେ ଏ ସମସ୍ତ କ୍ଷେତ୍ରରେ ବିଏମ୍‌ସି ପଛରେ ପଡ଼ିଛି। ଗୋଟିଏ ବି ସୁବିଧା ଯୋଗାଇବାରେ ସଫଳ ହୋଇନଥିବା ଅଭିଯୋଗ ହେଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ପରିସ୍ରାଗାର। ଏହା ଲୋକଙ୍କ ସାଧାରଣ ଆବଶ୍ୟକତା ମଧ୍ୟରେ ଗୋଟିଏ। ଆଠ ଘଣ୍ଟା ପାଇଁ ବ୍ରହ୍ମପୁର ଆସୁଥିବା ଲୋକଟିଏ ଅନ୍ତତଃ ଦୁଇ ଥର ପରିସ୍ରା ଯାଇଥାଏ। ହେଲେ ବ୍ରହ୍ମପୁର ସହରରେ ସେତକ ସୁବିଧା ନାହିଁ। ୪୨ ୱାର୍ଡ଼ ବିଶିଷ୍ଟ ବ୍ରହ୍ମପୁର ମହାନଗର ନିଗମ। ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ ହୋଇଛି ମଡ୍ୟୁଲାର ୟୁରିନାଲ୍, ହାଇବ୍ରିଡ୍ ୟୁରିନାଲ୍। ସହରର ୧୧ଟି ସ୍ଥାନରେ ରହିଛି ମଡ୍ୟୁଲାର୍ ୟୁରିନାଲ୍। ମାତ୍ର ଗୋଟିଏ ବି କାର୍ଯ୍ୟକ୍ଷମ ନାହିଁ। କମାପଲ୍ଲୀ ଓଭରବ୍ରିଜ୍ ପାର୍ଶ୍ୱରୁ ଆରମ୍ଭ କରି ସିଟି ହାଇସ୍କୁଲ ପର୍ଯ୍ୟନ୍ତ ଗଲେ ତିନୋଟି ମଡ୍ୟୁଲାର ୟୁରିନାଲ୍ ଦେଖିବାକୁ ମିଳିବ। ଅଥଚ ଗୋଟିଏ ବି ସୁଚଳ ନାହିଁ। ବଡ଼ବଜାରରେ ଦେଢ଼ ବର୍ଷ ହେଲା ତାଲା ପଡ଼ିଥିବାରୁ ବହୁ ହଜାର ହଜାର କ୍ଷୁଦ୍ର ବ୍ୟବସାୟୀ ପୁରୁଷ, ମହିଳା ସମେତ ବୟସ୍କ ମଧ୍ୟ ଆସିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ରଜା ଗୁର୍ଜି ପ୍ରବେଶ ଦ୍ୱାରରେ ୨୦୨୩ରେ ଏକ ଶୌଚାଳୟ ନିର୍ମାଣ ହୋଇଥିଲା। ବୁଢ଼ୀ ଠାକୁରାଣୀ ଯାତ୍ରା ପାଇଁ ମାସେ ଶୌଚାଳୟ ଚାଲିଲା। ବର୍ତ୍ତମାନ ଜୁଲାଇ ମାସରୁ ସେହି ଶୌଚାଳୟରେ ତାଲା ଝୁଲୁଥିବା ବ୍ୟବସାୟୀ ମାନେ କହିଛନ୍ତି। ସେହିପରି କୋର୍ଟ ନିକଟରେ ଉଦ୍‌ଘାଟନ ଅପେକ୍ଷାରେ ରହିଛି। ରହିଛି ପାଖରେ ବ୍ରହ୍ମପୁର ଜିଲ୍ଲା କୋର୍ଟ। ପ୍ରତିଦିନ ହଜାର ହଜାର ମୁଦାଲା, ଆଇନ୍‌ଜୀବୀ ଏହି ସ୍ଥାନକୁ ବିଭିନ୍ନ କାମରେ ଆସନ୍ତି। ସେହିପରି ନିକଟରେ ଉପଜିଲ୍ଲାପାଳ, ଆର୍‌ଡ଼ିସିଙ୍କ କାର୍ଯ୍ୟାଳୟ ସମେତ ଅନେକ ଅଫିସ୍ ରହିଛି। ପ୍ରତିଦିନ ଏହି ଅଞ୍ଚଳକୁ ୧୦ ହଜାରରୁ ଅଧିକ ଲୋକଙ୍କ ଯିବା ଆସିବା ଲାଗି ପଡୁଛି। ଏହାକୁ ଦୃଷ୍ଟିରେ ରଖି ଗତ ଦୁଇ ବର୍ଷ ତଳେ ବିଏମ୍‌ସି ପକ୍ଷରୁ ଅତ୍ୟାଧୁନିକ ଶୌଚାଳୟ କୋର୍ଟ ପ୍ରବେଶ ପଥରେ ନିର୍ମାଣ ହୋଇଛି। ନିର୍ମାଣ ପରଠାରୁ ସେଠାରେ ତାଲା ଝୁଲୁଛି। ଶୌଚାଳୟ ବାହାରେ କିଛି ବ୍ୟବସାୟୀ ଅଖା, ଟମାଟୋ ଡ଼ାଲିଆ ସମେତ ବିଭିନ୍ନ ସାମଗ୍ରୀ ଭରି ରଖିଛନ୍ତି। ନିର୍ମାଣ ସରିଛି କିନ୍ତୁ ସେଠାରେ ତାଲା ଠୁଙ୍କା ହୋଇଛି। ସେହିପରି ଷ୍ଟାଡ଼ିୟମ ନିକଟ ଶୌଚାଳୟରୁ ସାମଗ୍ରୀ ଚୋରି ହୋଇରହିଛି। ସହରକୁ ମାର୍କେଟିଂ ପାଇଁ ନିୟମିତ ହଜାର ହଜାର ଲୋକ ଆସୁଛନ୍ତି। ବିଶେଷ କରି ଅନ୍ନପୂର୍ଣ୍ଣ ମାର୍କେଟ୍, ଭାପୁର ବଜାର, ପୁରୁଣା ବସ୍‌ଷ୍ଟାଣ୍ଡ୍ ଏହାରି ନିକଟରେ ଅନେକ ମାର୍କେଟିଂ କମ୍ପ୍ଲେକ୍ସ ରହିଛି। ପର୍ବ ପର୍ବାଣୀ ହେଲେ ସପରିବାର ସହ ଜିଲ୍ଲାର କୋଣ ଅନୁକୋଣରୁ ପୋଷାକ ସମେତ ଆସବାବ ପତ୍ର କିଣିବାକୁ ଆସିଥାନ୍ତି। ଏହି ଅଞ୍ଚଳରେ ପୂର୍ବରୁ ସୁଲଭ ଶୌଚାଳୟ ରହିଥିଲା। ପୁରୁଣା ବସ୍‌ଷ୍ଟାଣ୍ଡରେ ମଲ୍ଟି ଷ୍ଟୋରେଜ ପାର୍କିଂ ନିର୍ମାଣ ପାଇଁ ତାହାକୁ ଭଙ୍ଗାଗଲା। ଏହାପରେ ଷ୍ଟାଡ଼ିୟମ୍ ନିକଟରେ ଏକ ଶୌଚାଳୟ ନିର୍ମାଣ ହୋଇଥିଲା। ଏହାକୁ ଦୁଇ ବର୍ଷ ପୂର୍ବେ ମେୟରଙ୍କ ସମେତ ତତ୍‌କାଳୀନ ସାଂସଦ, ବିଧାୟକ ଓ ଅନ୍ୟାନ୍ୟ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ପରଠୁ ସେଠାରେ ତାଲା ଝୁଲୁଛି। ଅନ୍ୟପଟେ ସେହି ଶୌଚାଳୟରୁ ବିଭିନ୍ନ ସାମଗ୍ରୀକୁ ଚୋରି କରି ନେଇଛନ୍ତି ଦୁର୍ବୃତ୍ତ। ନିକଟରେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ମଧ୍ୟ ଜମୁଛି। ନିଗମର ପରିମଳ ଦାୟିତ୍ୱରେ ରହିଛନ୍ତି ଡ଼େପୁଟି କମିଶନର ଆଶୀର୍ବାଦ ପରିଡ଼ା। ଉପରୋକ୍ତ ଶୌଚାଳୟଗୁଡ଼ିକ ନିର୍ମାଣ ହୋଇଛି। ଆନୁଷଙ୍ଗିକ କାମ ସରିବା ପରେ ଯନ୍ତ୍ରୀ ତାହାକୁ ହସ୍ତାନ୍ତର କରିବାର ନିୟମ ରହିଛି। ଏହି ଶୌଚାଳୟଗୁଡ଼ିକ ନିର୍ମାଣ ସରିଥିବା ନଜରରେ ରହିଛି। ଖୁବ୍‌ଶୀଘ୍ର ଚାବି ହସ୍ତାନ୍ତର ପାଇଁ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି।





## ଜଙ୍ଗଲ ଭିତରୁ ମିଳିଛି ଏକ ନର କଙ୍କାଳ
### ଛାନ ବିନ ଆରମ୍ଭ କରିଛି ପାଡୁଆ ପୋଲିସ

**ନନ୍ଦପୁର, ନ୍ୟୁଜ ବ୍ୟୁରୋ**

ନନ୍ଦପୁର ବ୍ଲକ ପାଡୁଆ ଥାନା ଅଧୀନ କୁଳାବିର ପଞ୍ଚାୟତ ଅନ୍ତର୍ଗତ ବଡିଙ୍ଗାପୁଟ ଗାଁ ନିକଟ ଜଙ୍ଗଲ ରୁ ଏକ ନର କଙ୍କାଳ ପାଡୁଆ ପୁଲିସ ଉଦ୍ଧାର କରିଛି । ଏହି ନରକଙ୍କାଳ ଏକ ଗଛ ତଳେ ପଡ଼ି ରହିଥିବା ଖବର ପାଇ ପାଡୁଆ ଥାନା ଏସ୍ ଆଇ ଦୀପକ କୁମାର ବାରିକ ଓ ହିମାଂଶୁ ବେନିଆ ପହଞ୍ଚି ତଦନ୍ତ କରିବା ସହ ଉକ୍ତ ନରକଙ୍କାଳକୁ ଜବତ କରି ଥାନାକୁ ଆଣିଥିବା ଜଣା ପଡ଼ିଛି । ସୁଚନା ଅନୁସାରେ ଏହି ନରକଙ୍କାଳ କାହାର ସ୍ପଷ୍ଟ ହୋଇ ନଥିବା ବେଳେ ଏହାକୁ ନେଇ ନାନା କଳ୍ପନା ଜଳ୍ପନା ଲାଗି ରହିଛି । ଗତ ଚାରି ମାସ ପୂର୍ବେ ଏହି ଗାଁର ଧନ ହନ୍ତାଳ (୨୬)ନିଖୋଜ ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ ତାର କୌଣସି ଖୋଜ ଖବର ନାହିଁ । କଛି ଗାଁ ଲୋକ ଜଙ୍ଗଲରେ ପଡିଥିବା କଙ୍କାଳଟି ଦେଖିବାକୁ ପାଇଥିଲେ । ସେଥିମଧ୍ୟରୁ ଧନ ହନ୍ତାଳର ପରିବାର ଲୋକେ ମଧ୍ୟ ଉପସ୍ଥିତ ଥିଲେ । ପାଖରେ ପଡି ଥିବା ଚପଲ ଓ ଗାମୁଛା ଧନ ହନ୍ତାଳର ବୋଲି କହିବା ସହ ଏହା ତାଙ୍କର କଙ୍କାଳ ବୋଲି ପରିବାର ଲୋକେ ପାଡୁଆ ଥାନାରେ ଜଣାଇଥିଲେ । ଅନ୍ୟପଟେ ସେହି ସ୍ଥାନ ରେ ବାରହା ଶିକାର ପାଇଁ ବିଦ୍ୟୁତ ତାର ବିଛା ଯାଇଥିବା ସହ ତାର ବିଡ଼ା ପଡ଼ିଛି । ସେହି ଜାଗାରେ ନିଆଁ ଜଳାଇ ବାରହାର ଲୋମ ସବୁ ପଡ଼ିଥିବା ମଧ୍ୟ ଦେଖିବାକୁ ମିଳିଥିଲା । ଏଣୁ ଏହାକୁ ନେଇ ମଧ୍ୟ ସନ୍ଦେହ ବଢ଼ିଯାଇଛି । କାଳେ ବାରହା ଶିକାର ବେଳେ କିଛି ଅଘଟଣ ଘଟି ଥିବା ମଧ୍ୟ ଅନୁମାନ କରାଯାଉଛି । ଏହି କଙ୍କାଳ ପରୀକ୍ଷା ପାଇଁ ପଠାଇବା ପରେ ଏହା ଧନର କଙ୍କାଳ ନା ଅନ୍ୟ କାହାର ସ୍ପଷ୍ଟ ହେବ ବୋଲି ପାଡୁଆ ପୁଲିସ ଦ୍ୱାରା ସୁଚନା ମିଳିଛି ।



## ନାକଚ ହୋଇଥିବା ସୁଭଦ୍ରା ଆବେଦନ ପତ୍ରର ହେବ ସାନି ଯାଞ୍ଚ

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

ରାଜ୍ୟ ସରକାରଙ୍କ ଯୁଗାନ୍ତ କାରୀ ସୁଭଦ୍ରା ଯୋଜନାର ହିତାଧିକାରୀ ମାନଙ୍କ ଲାଭାର୍ଥେ ନାକଚ ହୋଇଥିବା ଆବେଦନପତ୍ର ଗୁଡିକର ସାନି ଯାଞ୍ଚ କରାଯିବ। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରତି ବ୍ଲକରେ ଯାଞ୍ଚ ଟିମ୍ ଗଠନ କରାଯାଇ ନାକଚ ହୋଇଥିବା ଆବେଦନ ପତ୍ର ଗୁଡିକୁ ତନଖି କରିବା ସହ ସାମାନ୍ୟ କାରଣ ଓ ତ୍ରୁଟି ପାଇଁ ଯଦି ଆବେଦନ ପତ୍ର ନାକଚ ହୋଇଥାଏ ତାହେଲେ ତାହାର ସଂଶୋଧନ କରାଯାଇ ସାନି ଆବେଦନ କରାଯିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ଜିଲ୍ଲାପାଳ ସ୍ମୃତି ରଂଜନ ପ୍ରଧାନ ଅନୁଷ୍ଠିତ ସୁଭଦ୍ର ଯୋଜନା ସମୀକ୍ଷା ବୈଠକରେ ନିଷ୍ପତି ନେଇଛନ୍ତି । ଏହି ବୈଠକରେ ଭାରପ୍ରାପ୍ତ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିଲୁ ମହାପାତ୍ର, ଅତିରିକ୍ତ ନିର୍ବାହୀ ଅଧିକାରୀ ଦୟାସିନ୍ଧୁ ପରିଡା, ସମସ୍ତ ବ୍ଲକର ବିଡିଓ, ସମସ୍ତ ସିଡିପିଓ, ୨ ପୌର ନିର୍ବାହୀ ଅଧିକାରୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କ ସହ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

### ହାଇକୋର୍ଟରେ କଟକ ସହରର ସମସ୍ୟା, ମଶାଙ୍କ ପ୍ରାଦୁର୍ଭାବକୁ ନେଇ
# ୨ ଦିନ ମଧ୍ୟରେ ପଡ଼ିଆରୁ ଆବର୍ଜନା ସଫା କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ନ୍ୟୁଜ ବ୍ୟୁରୋ**

ସହର ସମସ୍ୟାକୁ ଅତି ଗୁରୁତ୍ୱର ସହ ନେଇଛନ୍ତି ଓଡିଶା ହାଇକୋର୍ଟ । ଏ ସମ୍ପର୍କିତ ମାମଲାର ଶୁଣାଣି କରି କୋର୍ଟ ଅନେକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି । ଏହି କ୍ରମରେ ବାଲିଯାତ୍ରାର ଉଭୟ ପଡିଆରେ ପଡି ରହିଥିବା ଆବର୍ଜନା ପ୍ରସଙ୍ଗକୁ ନେଇ କୋର୍ଟ ଗଭୀର ଅସନ୍ତୋଷ ଜାହିର କରିଛନ୍ତି। ବାଲିଯାତ୍ରା ସରିଥିଲେ ବି କାହିଁକି ପଡ଼ିଆ ସଫା ହୋଇନାହିଁ। କେବେ ସୁଦ୍ଧା ସଫା କାମ ସରିବ ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି। ତେବେ କଟକ ଜିଲ୍ଲାପାଳ ଭର୍ଚୁଆଲ ମାଧ୍ୟମରେ ଯୋଗ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ । କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ କଟକ ଜିଲ୍ଲାପାଳ ଦତାତ୍ରେୟ ଭାଉସାହେବ ସିନ୍ଦେ ଭର୍ଚୁଆଲ ମାଧ୍ୟମରେ କୋର୍ଟରେ ଉପସ୍ଥିତ ହୋଇଥିଲେ। କେବେ ସୁଦ୍ଧା ଉଭୟ ପଡ଼ିଆରୁ ଆବର୍ଜନା ଉଠିବ ବୋଲି କୋର୍ଟ ଜିଲ୍ଲାପାଳଙ୍କୁ ପ୍ରଶ୍ନ କରିଥିଲେ । ଆସନ୍ତା ୨ ଦିନ ମଧ୍ୟରେ (୩୦ ତାରିଖ) ସୁଦ୍ଧା ଉଭୟ ପଡ଼ିଆରୁ ଆବର୍ଜନା ସଫା କାମ ଶେଷ ହେବ । ସେହିପରି ଯେଉଁ ଷ୍ଟଲ ଗୁଡିକ ରହିଛି, ସେଗୁଡିକ ମଧ୍ୟ ଏହି ସମୟ ମଧ୍ୟରେ ହଟାଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି । ତେବେ କୋର୍ଟ କହିଛନ୍ତି ୩୦ ତାରିଖ ସୁଦ୍ଧା ସଫା କାର୍ଯ୍ୟ ସରିଲେ ଡିସେମ୍ବର ୨ ତାରିଖରେ ଆଡଭୋକେଟ କମିଟି ଉଭୟ ପଡ଼ିଆର ସମୀକ୍ଷା କରିବେ । ଷ୍ଟ୍ରୀଟ ଲାଇଟକୁ ନେଇ କଟକ ସହରରେ ଅନେକ ସମସ୍ୟା ଦେଖା ଦେଇଛି । ସହରର ଅନେକ ସ୍ଥାନରେ ଷ୍ଟ୍ରୀଟ ଲାଇଟ ନାହିଁ । ବିଶେଷକରି ଯୋବ୍ରା ଠାରୁ ବିରିବାଟୀ ତାରିଣୀ ମନ୍ଦିର ପର୍ଯ୍ୟନ୍ତ ଆଲୋକୀକରଣ ଉପରେ କୋର୍ଟ ଗୁରୁତ୍ୱ ଦେଇଛନ୍ତି । ଏହି କ୍ରମରେ କାମ କେତେବାଟ ଆଗେଇଛି ବୋଲି କୋର୍ଟ ଜାଣିବାକୁ ଚାହିଁଥିଲେ । ସିଏମସିକୁ ଏହି ଷ୍ଟ୍ରୀଟ ଲାଇଟ କାମ କରିବାକୁ ଦାୟିତ୍ୱ ଦିଆଯାଇଛି । ୨ କୋଟି ୮୨ ଲକ୍ଷ ଟଙ୍କାର ଏହି କାର୍ଯ୍ୟ ପାଇଁ ଟେଣ୍ଡର କରାଯାଇଛି । ଆସନ୍ତା ଏପ୍ରିଲ ୧୫ ତାରିଖ ସୁଦ୍ଧା ସହରର ସମସ୍ତ ସ୍ଥାନରେ ଷ୍ଟ୍ରୀଟ ଲାଇଟ କାମ ସରିବ ବୋଲି କୋର୍ଟଙ୍କୁ ଅବଗତ କରାଯାଇଛି ।କଟକ ସହରରେ ମଶାଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢ଼ିବାରେ ଲାଗିଛି । ସ୍ଥିତି ଏମିତି କି କଟକର କୌଣସି ସ୍ଥାନରେ କେହି ଖାଲି ଦେହରେ ଛିଡା ହେବା ସମ୍ଭବ ହେଉ ନାହିଁ । ସନ୍ଧ୍ୟା ୫ଟା ହେଲେ ଘେରେ ମଶାଙ୍କ ଆସର ଜମୁଛି । ଘରର କବାଟ ଖୋଲିବା ବି ମୁସ୍କିଲ ହୋଇ ପଡୁଛି । ଘରର ୩ ମହଲାକୁ ବି ମଶା ଚାଲିଯାଉଛନ୍ତି । କେବଳ ସେତିକି ନୁହେଁ ବରଂ ପାଟି ଖୋଲିଲେ ମଶା ପଶି ଯାଉଛନ୍ତି ବୋଲି କୋର୍ଟ, ସହର ସମ୍ପର୍କିତ ମାମଲାର ଶୁଣାଣି କରି କହିଛନ୍ତି । ମଶା ନିୟନ୍ତ୍ରଣ ପାଇଁ କ'ଣ କ'ଣ ପଦକ୍ଷେପ ନେଉଛ ବୋଲି କୋର୍ଟ ସିଏମସି କମିଶନର ଏବଂ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ । ଏହି ସମୟରେ ଆଡ଼ଭୋକେଟମାନେ ମଧ୍ୟ ଅସନ୍ତୋଷ ଜାହିର କରିଥିଲେ । ସହରର କୌଣସି ସ୍ଥାନରେ ମଶା ତେଲ ପକାଯାଉନାହିଁ କିମ୍ବା ଧୂଆଁ ବି ଦିଆ ଯାଉନାହିଁ । ବୁସ କଟିଂ ବି କରାଯାଉ ନାହିଁ । ଏନେଇ ଜବାବ ରଖିବାକୁ



କୋର୍ଟ ସିଏମସି ସ୍ୱାସ୍ଥ୍ୟ ଅଧିକାରୀଙ୍କୁ କହିଛନ୍ତି । ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସତ୍ୟବ୍ରତ ମହାପାତ୍ର କୋର୍ଟଙ୍କୁ ତଥ୍ୟ ପ୍ରଦାନ କରିଛନ୍ତି । ଗତ ବର୍ଷ ସହରରେ ୯୩୦ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ । ମାତ୍ର ଚଳିତ ବର୍ଷ ନଭେମ୍ବର ମଧ୍ୟରେ ୫୧୩ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି । ସିଏମସିର ପଦକ୍ଷେପ ପାଇଁ ଏହା କମିଥିବା କୋର୍ଟଙ୍କୁ କହିଛନ୍ତି ସ୍ୱାସ୍ଥ୍ୟ ଅଧିକାରୀ । କାହିଁକି ସହରରେ ମଶାଙ୍କ ପ୍ରାଦୁର୍ଭାବ ବଢୁଛି । ସିଏମସି ଅଫିସରେ ମଶା ହେଉଛନ୍ତି କି ନାହିଁ ବୋଲି ସିଏମସିକୁ କଡା ସମାଲୋଚନା କରିଥିଲେ କୋର୍ଟ । ଏହାକୁ ନେଇ କୋର୍ଟ ତୀବ୍ର ଅସନ୍ତୋଷ ପ୍ରକାଶ କାରିବା ସହ ତୁରନ୍ତ ପଦକ୍ଷେପ ନେବାକୁ ସିଏମସିକୁ ନିର୍ଦ୍ଦେଶ ଦେଇଛନ୍ତି ।ସହରର ସମସ୍ୟା ମଧ୍ୟରେ ବିଭିନ୍ନ ପାର୍କରେ ଦେଖା ଦେଇଥିବା ସମସ୍ୟାକୁ ନେଇ କୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । କେଉଁ ପାର୍କରେ ଲାଇଟ ବ୍ୟବସ୍ଥା ସଠିକ ନାହିଁ ତ ଆଉ କେଉଁଠି ପିଇବା ପାଣି ନାହିଁ । ଆଉ କେଉଁଠାରେ ଘାସ କଟା ହେଉନାହିଁ ତ ଆଉ କେଉଁ ପାର୍କରେ ରାସ୍ତା ଅବସ୍ଥା ଭଲ ନାହିଁ । ଏହି ମାମଲାକୁ କୋର୍ଟ ଗୁରୁତ୍ୱର ସହ ନେଇ ତୁରନ୍ତ ସମସ୍ୟା ଗୁଡିକର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । କେବଳ ସେତିକି ନୁହେଁ ପାର୍କକୁ ଦିବ୍ୟାଙ୍ଗ ଆସିଲେ କ'ଣ ବ୍ୟବସ୍ଥା ଅଛି ବୋଲି କୋର୍ଟ ଜାଣିବାକୁ ଚାହିଁଥିଲେ । ସେହିଭଳି କୌଣସି ସୁବିଧା ନଥିବା ଜାଣି କୋର୍ଟ ସିଏମସି ଉପରେ ଅସନ୍ତୋଷ ଜାହିର କରିବା ସହ ତୁରନ୍ତ ଦିବ୍ୟାଙ୍ଗମାନଙ୍କ ପାଇଁ ସମସ୍ତ ପାର୍କରେ ରାମ୍ପ ସୁବିଧା କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ପେଟାନାଳରେ ଥିବା ସମସ୍ୟା ଗୁଡିକର ସମାଧାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସିଡିଏ, ସିଏମସି, ୱାଟକୋ ମଧ୍ୟରେ ମିଳିତ ବୈଠକ କରି ପେଟାନାଳରେ ଥିବା ସମସ୍ୟା ଗୁଡିକର ସମାଧାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ସତିଚୌରା ପାଖରେ ଥିବା ଡମ୍ପିୟାର୍ଡ଼କୁ ହାଠାଇବାକୁ କୋର୍ଟଙ୍କ ନିର୍ଦ୍ଦେଶ ରହିଛି । ପ୍ରଶାସନ ସହ ଆଲୋଚନା କରି ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନ ନିର୍ଦ୍ଧାରଣ କରି ଡମ୍ପିୟାର୍ଡ ସ୍ଥାନାନ୍ତର କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ତେବେ ଆସନ୍ତା ୫ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ କୋର୍ଟ ନିର୍ଦ୍ଦେଶ ରହିଛି ।

### ବେଦାନ୍ତ ଲାଞ୍ଜିଗଡ଼ ଷଷ୍ଠ ଆଇସିସି ଜାତୀୟ ବୃତିଗତ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ପୁରସ୍କାରରେ ଶୀର୍ଷ ସ୍ଥାନ ହାସଲ କରିଛି
## ବେଦାନ୍ତ ପକ୍ଷରୁ 'ଇସ୍ପାତ ଏବଂ ଖଣି କ୍ଷେତ୍ର' ବର୍ଗରେ ପ୍ଲାଟିନମ୍ ପୁରସ୍କାର ଗ୍ରହଣ କରିଛି

**ଲାଞ୍ଜିଗଡ଼,ନ୍ୟୁଜ ବ୍ୟୁରୋ**

ଭାରତର ସ୍ମେଲଟର-ଗ୍ରେଡ୍ ଆଲୁମିନା ଉତ୍ପାଦକ ତଥା ବେଦାନ୍ତ ଆଲୁମିନିୟମର ଏକ ୟୁନିଟ୍, ବେଦାନ୍ତ ଲାଞ୍ଜିଗଡ଼କୁ ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ (ଆଇସିସି) ଦ୍ୱାରା ଷଷ୍ଠ ଆଇସିସି ଜାତୀୟ ବୃତିଗତ ସ୍ୱାସ୍ଥ୍ୟ ଇସ୍ପାତ ଏବଂ ଖଣି କ୍ଷେତ୍ର ବର୍ଗରେ ପ୍ଲାଟିନମ୍ ପୁରସ୍କାର ଦିଆଯାଇଛି । ଏହି ପ୍ରଶଂସା କର୍ମକ୍ଷେତ୍ରରେ 'ଜିରୋ ହର୍ମ' ସୁନିଶ୍ଚିତ କରିବା ପାଇଁ କମ୍ପାନୀର ନିରନ୍ତର ଉତ୍ସର୍ଗୀକୃତ ଅଟେ । ପୁରସ୍କାରର ଉଦ୍ଦେଶ୍ୟ ହେଉଛି ବ୍ୟବସାୟକୁ ଉନ୍ନତ ତଥା ନିରାପଦ ପରିବେଶ ପାଇଁ ଉତ୍ସାହିତ କରିବା । ବେଦାନ୍ତ ଲାଞ୍ଜିଗଡ଼ ଅନେକ ଅଭ୍ୟାସ ପ୍ରୟୋଗ କରିବାରେ ଆଗରେ ରହିଆସିଛନ୍ତି, ସେଥିମଧ୍ୟରେ



କର୍ମଚାରୀ ଏବଂ ବ୍ୟବସାୟ ସହଭାଗୀମାନଙ୍କୁ ସୁରକ୍ଷା ନୀତିର ସକ୍ରିୟ ଯୋଗାଯୋଗ । ନିରାପଦ କାର୍ଯ୍ୟ ପ୍ରଣାଳୀ ଏବଂ ନିରାପତା ପରିଚାଳନା ପ୍ରଣାଳୀର କଠୋର କାର୍ଯ୍ୟକାରିତା। ସାଇଟଗୁଡିକରେ ସଠିକ୍ ବିପଦ ଚିହ୍ନଟ ଏବଂ ସଠିକ ମୂଲ୍ୟାଙ୍କନ। ଉଚ୍ଚତା, ସୀମିତ ସ୍ଥାନ, କ୍ରେନ୍ ଏବଂ ଉଠାଣ, ବୈଦ୍ୟୁତିକ ନିରାପତା, ବିଚ୍ଛିନ୍ନତା, ଖନନ, ବ୍ୟକ୍ତିଗତ ପ୍ରତିରକ୍ଷା ଉପକରଣ, ଯାନ ଚାଳନା ଏବଂ କାର୍ଯ୍ୟ ଅନୁମତି, ରେଳ ଲଜିଷ୍ଟିକ୍ସ ଇତ୍ୟାଦି ସୁରକ୍ଷା ମଡ୍ୟୁଲଗୁଡିକୁ ପ୍ରୋତ୍ସାହିତ କରିବା । ଏହି ଅବସରରେ ମନ୍ତବ୍ୟ ଦେଇ ଶ୍ରୀ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ, ସିଇଓ - ଆଲୁମିନା ବ୍ୟବସାୟ, ବେଦାନ୍ତ ଲିମିଟେଡ୍ କହିଛନ୍ତି, "ଆଇସିସିର ଜାତୀୟ ବୃତିଗତ ସ୍ୱାସ୍ଥ୍ୟ ଏବଂ ନିରାପତା ପୁରସ୍କାରରେ ପ୍ଲାଟିନମ୍ ପୁରସ୍କାର ଆମ ରିଫାଇନାରୀରେ ଶ୍ରମିକମାନଙ୍କ ସୁରକ୍ଷାକୁ ପ୍ରୋତ୍ସାହିତ କରିବାରେ ଆମର ନିରନ୍ତର ଉଦ୍ୟମକୁ ସ୍ୱୀକୃତି ଦେଇଛି । କର୍ମକ୍ଷେତ୍ରରେ ନିରାପତାର କଠୋର ମାନ ନିଶ୍ଚିତ କରିବାକୁ ଆମର ସଂକଳ୍ପକୁ ଦୃଢ କରିଛି ।" କର୍ମକ୍ଷେତ୍ରରେ ସ୍ୱାସ୍ଥ୍ୟ ଏବଂ ନିରାପତା କ୍ଷେତ୍ରରେ ଅଭ୍ୟାସ ପାଇଁ ବେଦାନ୍ତ ଲାଞ୍ଜିଗଡ଼ ଅନେକ ପ୍ରଶଂସା ପାଇଛି । ଏଥିମଧ୍ୟରେ ୯ମ ଆପେକ୍ସ ଇଣ୍ଡିଆ ଏକ୍ସଲେନ୍ସ ଏବଂ ବୃତିଗତ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ପୁରସ୍କାର, ୨୦୨୪ ଏବଂ ଟ୍ରାନ୍ସଫରମାନ୍ସ ଫୋରମ୍ ପୁରସ୍କାର ଅନ୍ତର୍ଭୁକ୍ତ ।

## ବିଦ୍ୟାଳୟ ଅର୍ଥ ଆତ୍ମସାତ ଅଭିଯୋଗରେ ପ୍ରଧାନ ଶିକ୍ଷକଙ୍କୁ ୪ ବର୍ଷ ସଶ୍ରମ କାରାଦଣ୍ଡାଦେଶ




**ବାଲିଗୁଡା, ନ୍ୟୁଜ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ଫୁଲବାଣୀ ଭିଜିଲାନ୍ସ ଜଜ ଏକ ଦୁର୍ନୀତି ଓ ଅର୍ଥ ଆତ୍ମସାତ ମାମଲାର ସାକ୍ଷ ପ୍ରମାଣକୁ ଭିର୍ତ୍ତି କରି ବାଲିଗୁଡା ବ୍ଲକ ଅନ୍ତର୍ଗତ ଡୁକୁଲାମିଲା ନୂତନ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଭୁ ନନ୍ଦନ କେଶରୀ ନାୟକଙ୍କୁ ୪ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେବାସହ ଦଶ ହଜାର ଟଙ୍କା ଜୋରିମାନା ଆଦେଶ ଦେଇଛନ୍ତି । ରାୟ ପ୍ରକାଶ ପରେ ଶ୍ରୀ ନାୟକକୁ ଜେଲକୁ ପଠା ଯାଇଛି । ସୂଚନା ଯୋଗ୍ୟ ଯେ, ପ୍ରଧାନ ଶିକ୍ଷକ ଶ୍ରୀ ନାୟକ ବିଦ୍ୟାଳୟ ଗୃହ ନିର୍ମାଣ ନିମନ୍ତେ ଆସିଥିବା ଅନୁଦାନ ଅର୍ଥ ଘର ନକରି ସିଧା ସଳଖ ଚଳୁ କରି ଦେଇଥିବା ଖବର ଅଭିଯୋଗ ହୋଇଥିଲା । ଅଭିଯୋଗ କୁ ଭିର୍ତ୍ତି କରି ଭିଜିଲାନ୍ସ ପକ୍ଷରୁ ତଦନ୍ତ କରାଯାଇ ୟୁ /ଏସ ୧୩ (୨ )ଆର /ଡ଼ବ୍ଲ୍ୟୁ ୧ ୩ (୧ )(ସି )(ଡି )ପିସି ଆକ୍ଟ ୧ ୯ ୮ ୮/୪ ୦୯ /୧୨୦(ବି )ରେ ଏକ ମାମଲା ରୁଜୁ କରାଯାଇ ଶୁକ୍ରବାର ଏହାର ବିଚାର କରାଯାଇ ଚୂଡାନ୍ତ ରାୟ ପ୍ରକାଶ ପାଇଥିଲା । ଭିଜିଲାନ୍ସ ପକ୍ଷରୁ ଅଭିଯୁକ୍ତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଭୁ ନନ୍ଦନ କେଶରୀ ନାୟକଙ୍କୁ ଚାକିରୀରୁ ବହିଷ୍କାର କରିବା ପାଇଁ ମଧ୍ୟ ବିଭାଗୀୟ ଉଚ୍ଚ କତୃପକ୍ଷଙ୍କ ନିକଟକୁ ଚିଠି ଲେଖାଯାଇଥିବା ନେଇ ଭିଜିଲାନ୍ସ ପକ୍ଷରୁ କୁହାଯାଇଛି ।

## ଖୋଲା ଆକାଶ ତଳେ ଖତ ଖାଉଛି ଭିନ୍ନକ୍ଷମଙ୍କ ତିନି ଚକିଆ ସାଇକେଲ୍

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ମହାନଗର ନିଗମରେ ଅନେକ କ୍ଷେତ୍ରରେ ବର୍ତ୍ତମାନ ପରିଚାଳନାରତ ତ୍ରୁଟି ଦେଖିବାକୁ ମିଳୁଛି । ଏପରିକି ହିତାଧିକାରୀଙ୍କ ପାଇଁ ଆସୁଥିବା ସାମଗ୍ରୀଗୁଡ଼ିକ ମଧ୍ୟ ବଣ୍ଟନ କରାଯାଇପାରୁନାହିଁ । ଅନେକ ମାସ ହେଲା ମହାନଗର ନିଗମ କାର୍ଯ୍ୟାଳୟ ପରିସରରେ ଶତାଧିକ ତିନି ଚକିଆ ସାଇକେଲ୍ ପଡ଼ି ପଡ଼ି ଖତ ଖାଉଛି । ଭିନ୍ନକ୍ଷମମାନଙ୍କୁ ମାଗଣାରେ ବାଂଟିବା ପାଇଁ ଆସିଥିବା ସାଇକଲ ଗୁଡ଼ିକୁ ବଂଟା ନହୋଇ ପଡ଼ି ଖତ ପାଇବାରେ ଲାଗିଛି । ଡ଼ିସେମ୍ବର ତିନି ତାରିଖରୁ ଭିନ୍ନକ୍ଷମ ଦିବସ ଅବସରରେ ମହାନଗର ନିଗମ ତରଫରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ହୋଇଥାଏ । ଏତଦ୍ ବ୍ୟତୀତ ଅନ୍ୟାନ୍ୟ ସମୟରେ



ଭିନ୍ନଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଆୟୋଜନ କରାଯିବ । ଏସବୁ ଶିବିରରେ ଭିନ୍ନକ୍ଷମମାନଙ୍କୁ ବିଭିନ୍ନ ପ୍ରକାର ସହାୟତା ପ୍ରଦାନ କରାଯାଇଥାଏ । ଗତ ୨୦୨୩ ଜାନୁଆରୀ ୩୧ ତାରିଖରେ ମହାନଗର ନିଗମ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଭିନ୍ନଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ବିଭିନ୍ନ ୱାର୍ଡ଼ରୁ ୨୯୪ ଜଣ ଭିନ୍ନକ୍ଷମ ସେମାନଙ୍କ ନାମ ପଞ୍ଜିକରଣ କରିଥିଲେ । ସେମାନଙ୍କ ମଧ୍ୟରୁ ୧୯ ଜଣଙ୍କୁ ତିନି ଚକିଆ ସାଇକେଲ, ୧୪ ଜଣଙ୍କୁ ହ୍ୱିଲ୍ ଚେୟାର, ୪ ଜଣଙ୍କୁ ଆଶାବାଡ଼ି, ୯୩ ଜଣଙ୍କୁ ବସ୍ ରିହାତି ପାସ୍, ୧୦ ଜଣଙ୍କୁ ଦୃଷ୍ଟିବାଧିତଙ୍କୁ ଚଷମା, ୮୪ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣ ପତ୍ର ଏବଂ ୩୩ ଜଣଙ୍କୁ ଶ୍ରବଣ ବାଧିତ ଯନ୍ତ୍ର ପ୍ରଦାନ କରାଯାଇଥିଲା । ତେବେ ଅନେକ ହିତାଧିକାରୀ ତିନି ଚକିଆ ସାଇକେଲ୍ ଏବଂ ହ୍ୱିଲ୍ ଚେୟାର ନେବାକୁ ରାଜି ହୋଇନଥିଲେ । ସେମାନଙ୍କ ମଧ୍ୟରୁ ଅନେକ ହିତାଧିକାରୀ ବ୍ୟାଟେରୀ ଚାଳିତ ସାଇକେଲ୍ ଦାବି କରିଥିଲେ। ଏଣୁ ତିନି ଚକିଆ ବଂଟନ ହୋଇନପାରି ଖୋଲା ଆକାଶ ତଳେ ଖତ ଖାଉଛି ତିନି ଚକିଆ ସାଇକେଲ। ଭିନ୍ନକ୍ଷମଙ୍କୁ ପ୍ରଦାନ କରିବାପାଇଁ ଆସିଥିବା ତିନିଚକିଆକୁ ବ୍ୟବହାର ନ ହେଲେ, ସେଗୁଡ଼ିକ ଅନ୍ୟତ୍ର ବଂଟନ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉନାହିଁ । ମହାନଗର ନିଗମର ପାର୍କିଂ ସ୍ଥାନରେ ଏହି ସାଇକେଲଗୁଡ଼ିକ ପ୍ରାୟ ୨ଶହ ତିନି ଚକିଆ ସାଇକେଲ୍ ବର୍ଷା ଓ ଖରାରେ ପଡ଼ି ପଡ଼ି ନଷ୍ଟ ହେବା ସହ ଭାଙ୍ଗି ଗଲାଣି । ଏହାକୁ ସୁରକ୍ଷିତ ସ୍ଥାନରେ ରଖିବା ନେଇ ନିଗମ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ । ଯାହାଦ୍ୱାରା ଦିବ୍ୟାଙ୍ଗମାନେ ଏଭଳି ସାଇକେଲ୍ ଗୁଡ଼ିକୁ ନେବାପାଇଁ ଇଚ୍ଛା ପ୍ରକାଶ କରୁନାହାନ୍ତି । ଏନେଇ ଦାୟିତ୍ୱରେ ଥିବା ଜଣେ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି ଉପରିସ୍ଥ ଅଧିକାରୀଙ୍କୁ ଏବାବଦରେ ଅବଗତ କରାଯାଇଛି । ଖୁବ୍ ଶୀଘ୍ର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗକୁ ଏହା ହସ୍ତାନ୍ତର କରାଯିବ ବୋଲି ସେ କହିଛନ୍ତି ।

## କେନ୍ଦୁଝର ନିକଟସ୍ଥ ଗାୟତ୍ରୀ ମନ୍ଦିର କୁ ଯିବା ରାସ୍ତାରେ ଡ୍ରେନ ପାଣି ଲହଡ଼ି ମାଡୁଛି

**କେନ୍ଦୁଝର, ନ୍ୟୁଜ**

କେନ୍ଦୁଝର ସଦର ମହକୁମା ନିକଟସ୍ଥ ଓ ପୌରାଞ୍ଚଳ ପରିସର ଭୁକ୍ତ ଗାୟତ୍ରୀ ମନ୍ଦିରକୁ ଯିବା ରାସ୍ତା ପାର୍ଶ୍ୱରେ ଥିବା ଡ୍ରେନ ଗୁଡିକରେ ଆବର୍ଜନା ଜଳ ନିଷ୍କାସନ ହୋଇପାରୁନଥିବାରୁ ଡ୍ରେନର ଆବର୍ଜନା ଜଳ ରାସ୍ତା ଉପରେ ଲହଡ଼ି ମାଡୁଥିବାରୁ ଜନସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହି ରାସ୍ତା ଦେଇ ଦୈନିକ ହଜାର ହଜାର ଲୋକ ସ୍କୁଲ, କଲେଜ, ଅଫିସ, ନର୍ସିଙ୍ଗ କେନ୍ଦ୍ର, ପାଥୋଲାବ, ମନ୍ଦିର ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଜାତାୟତ କରିଥାନ୍ତି ଏବଂ ଏହି ରାସ୍ତାଟିର ଗୋଟିଏ ପାର୍ଶ୍ୱ ମୁଖ୍ୟ ରାଜପଥ ଓ ଅନ୍ୟ ପାର୍ଶ୍ୱ ଟି ମାଇନିଙ୍ଗ ରାସ୍ତା ସହିତ ଯୋଡି ହୋଇଥିବାରୁ ଲୋକମାନେ ଏହି ରାସ୍ତା ବ୍ୟବହାର କରିଥାନ୍ତି, ହେଲେ ପୌରବିଭାଗର ନିଷ୍କ୍ରିୟତା ଯୋଗୁଁ ଡ୍ରେନ ଗୁଡିକର ମରାମତି, ଓ ଡ୍ରେନ ପାଣି ନିଷ୍କାସନର



ବ୍ୟବସ୍ଥା ପ୍ରତି ଆଖି ବୁଜିଦେଇ ଥିବାରୁ ଡ୍ରେନର ପାଣି ନିଷ୍କାସନ ହୋଇନପାରି ରାସ୍ତା ଉପରେ ଲହଡ଼ି ମାଡୁଛି । ଏବଂ ଅପରିଷ୍କାର ପାଣି ଜମି ପଚି ଦୁର୍ଗନ୍ଧ ନିର୍ଗତ ହେବା ସହ ମଶା, ମାଛିଙ୍କ ଉତ୍ପତିର କେନ୍ଦ୍ର ସ୍ଥଳ ପାଲଟିଛି । ମାସ ମାସ ଧରି ଏଭଳି ପ୍ରଦୂଷିତ ଅବସ୍ଥା ଡେଙ୍ଗୁ ବ୍ୟାପିବାର ଆଶଙ୍କାକୁ ମଧ୍ୟ ଏଡାଇ ଦିଆଯାଇ ନପାରେ, ଯାହାକି ଏଥିପ୍ରତି ପୌରବିଭାଗ ଦୃଷ୍ଟି ଦେବାକୁ ଦୃଢ ଦାବି ହୋଇଛି ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୭ବୃ / ୮ | ୬ | ରାଃ୫ / ଶୁଃ୪ |
| ୯ମ | ୧୭ / ୭ | ୩ |
| ୧୦ / ୧୧କେ | ୧୨ଚ | ୨ଶୁ / ୧ବୁଲ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ଼ଃ - ୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୦୧।୧୨।୨୦୨୪, ମାର୍ଗଶିର ଦି୧୫ନ, ରବିବାର**

**ସୂର୍ଯ୍ୟୋଦୟ-** ଘ୬।୦୫।୦୬ **ଚନ୍ଦ୍ରୋଦୟ- ନାସ୍ତି**


**ଅମାବାସ୍ୟା** - ଦିଘ ୧୧/୫୧ ପର୍ଯ୍ୟନ୍ତ । **ଅନୁରାଧାନକ୍ଷତ୍ର** - ଦିଘ ୨।୨୩ ପର୍ଯ୍ୟନ୍ତ । **ବିଛା ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ବିଛା, ଧନୁ ଓ ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ପ୍ରତିପଦରର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧଖାଦ୍ୟ-** ଆମିଷ ଦିଘ ୧୧।୫୧ ପରେ ପାଣି କଥାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୫୨ ଗତେ ଘ ୯।୦୩ ମଧ୍ୟେ । ଦିଘ ୧୨।୫୭ ଗତେ ଘ ୨।୫୨ ମଧ୍ୟେ । **ପର୍ବୋତ୍ସବ** - ମଧ୍ୟ ଦୀପାବଳି, ମହୋଦଧି ଅମାବାସ୍ୟା।




**ମେଷ:** ଇଚ୍ଛା କରୁଥିବା ଦିଗରୁ ଅର୍ଥ ପ୍ରାପ୍ତିର ସମ୍ଭାବନା। ବ୍ୟବସାୟ ମଧ୍ୟମ ଧରଣର ହେବ। ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହୋଇପାରନ୍ତି। ମହିଳାମାନେ ସୁଖୀ ହେବେ।




**ବୃଷ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ଲାଭକରି ଉପକୃତ ବେ। ଆୟ ଓ ବ୍ୟୟ ସମାନ ରହିବ। ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବ। ଶରୀର ସୁସ୍ଥ ରହିବ।



**ମିଥୁନ:** ସାଧନାରେ ସିଦ୍ଧି ଲାଭ କରିବେ। ଶୁଭ ଖବର ପାଇପାରନ୍ତି। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ। ସାମାଜିକ ସ୍ତରରେ ମାନ ସମ୍ମାନ ବୃଦ୍ଧି ପାଇବ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ।



**କର୍କଟ:** କାର୍ଯ୍ୟକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଆୟ ସ୍ଥିର ରହିବ। ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହୋଇପାରେ। ପରୋପକାରୀ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବାର ସୂଚନା।




**ସିଂହ:** ହଠାତ୍ କୌଣସି ଘଟଣାକୁ ନେଇ ମାନସିକ ଅଶାନ୍ତି ଦେଖାଦେଇପାରେ। ମନ ଅସ୍ଥିର ରହିବ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ପାରିବାରିକ କଳହ ଦେଖା ଦେବାର ସୂଚନା ରହୁଛି।




**କନ୍ୟା:** ବ୍ୟବସାୟରେ ଲାଭବାନ୍ ହେବେ। ଦେବ ଦର୍ଶନ ସହିତ ଶୁଭ କାର୍ଯ୍ୟ ସ୍ଥିର କରିପାରନ୍ତି। ରୋଜଗାରରେ ଉନ୍ନତି ଦେଖାଦେବ। ଦେହ ଓ ମନ ଭଲ ରହିବ। ଘରେ ଆନନ୍ଦ ଲାଭ ହେବାର ସମ୍ଭାବନା।



**ତୁଳା:** ବ୍ୟବସାୟରେ ଲାଭବାନ ହେବେ। ଦେହ ଓ ମନ ଭଲ ରହିବ। ଘରେ ଆନନ୍ଦ ଦେଖାଦେବ। ବନ୍ଧୁ ଦର୍ଶନ ସହିତ ସାହାର୍ଯ୍ୟ ସହଯୋଗ ମଧ୍ୟ ପ୍ରାପ୍ତ ହେବ। ଆୟରେ ଉନ୍ନତି।




**ବିଛା:** ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ। କାମ ନିମନ୍ତେ ଦୂରକୁ ଯାତ୍ରା କରିପାରନ୍ତି। ଘରେ ସୁଖ ଶାନ୍ତି ରହିବ। ଉତ୍ତମ ଭୋଜନ କରିପାରନ୍ତି। ପୁରାତନ ବନ୍ଧୁଙ୍କ ସହ ଭେଟ ହୋଇପାରେ।



**ଧନୁ:** ହଠାତ୍ କୌଣସି ଖବର ପାଇ ଆସଦିତି ହେବେ। ଦେବ ଦର୍ଶନ ସହିତ ଧର୍ମ କାର୍ଯ୍ୟରେ ମନ ଦେବେ। ପାରିବାରିକ ଜୀବନ ଶାନ୍ତିମୟ ହେବ। ରୋଜଗାର ଭଲ ହେବ।



**ମକର:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହେବ। ଦିନଟି ଆପଣଙ୍କ ନିମନ୍ତେ ସମସ୍ୟା ବହୁଳ ହେବ। ଆୟ ଓ ବ୍ୟୟ ସମାନ ରହିବ। ଘରେ ଦୁଶ୍ଚିନ୍ତା ଦେଖାଦେବ। ମନ ଅସ୍ଥିର ରହିବ।



**କୁମ୍ଭ:** ଉତ୍ତମ ଭୋଜନ କରିପାରନ୍ତି। ବ୍ୟବସାୟ ମଧ୍ୟମ ଧରଣର ଚାଲିବ। ଦାମ୍ପତ୍ୟ ଜୀବନ ମଧୁରମୟ ହେବ। ଆୟରେ ଉନ୍ନତି ଦେଖାଦେବ। ଦେହ ଭଲ ରହିବ।



**ମୀନ:** ଅତ୍ୟଧିକ ପରିଶ୍ରମ ହେତୁ କ୍ଲାନ୍ତି ଅନୁଭବ କରିବେ। ଅପେକ୍ଷା କରିଥିବା ଖବରଟି ଅପରାହ୍ନେ ପାଇ ପାରନ୍ତି। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ଘରେ ଶାନ୍ତିର ବାତାବରଣ ରହିବ।

## ଅଚିହ୍ନା ବ୍ୟକ୍ତିର ମୃତଦେହ ଚିହ୍ନଟ ନିମନ୍ତେ ଅନୁରୋଧ

**କଟକ, ନ୍ୟୁଜ ବ୍ୟୁରୋ**

କଟକ ପୁଲିସ୍ ଉପାୟୁକ୍ତଙ୍କ କାର୍ଯ୍ୟାଳୟର ସୂଚନା ଅନୁଯାୟୀ, କଟକ ସଦର ଥାନା ଅଂଚଳରୁ ଗତ ୨୫ ତାରିଖରେ ଜଣେ ଅଚିହ୍ନା ଶବ ମିଳିଛି । ମୃତ ବ୍ୟକ୍ତିଙ୍କର ବୟସ ୩୫ ବର୍ଷ ପାଖାପାଖି ହେବ। ତାଙ୍କର ଉଚ୍ଚତା ୫ ଫୁଟ ୬ ଇଂଚ ଇଂଚ, ମଧ୍ୟମ ସ୍ୱାସ୍ଥ୍ୟ, ରଙ୍ଗ ଗହମ, ଗୋଲ ମୁହଁ । ଏହି ଅଚିହ୍ନା ମୃତ ବ୍ୟକ୍ତିଙ୍କର ଶବକୁ ଚିହ୍ନଟ ନିମନ୍ତେ ୯୬ ଘଂଟା ପର୍ଯ୍ୟନ୍ତ ଏସସିବି ମେଡିକାଲ କଲେଜ ହସ୍ପିଟାଲର ଶବଗୃହରେ ସଂରକ୍ଷିତ ରଖାଯାଇଛି ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୦୨।୧୨।୨୦୨୪, ମାର୍ଗଶିର ଦି୧୬ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୬।୦୫।୪୫ ଚନ୍ଦ୍ରୋଦୟ- ପ୍ରା ଘ ୬/୫୮/୧୩ ସେକେଣ୍ଡ**

**ପ୍ରତିପଦ** - ଦିଘ ୧୨/୪୪ ପର୍ଯ୍ୟନ୍ତ । **ଜ୍ୟେଷ୍ଠାନକ୍ଷତ୍ର ଓ ବିଛା ଚନ୍ଦ୍ର** - ଦିଘ ୩/୪୫ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ଧନୁ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ଦିଘ ୩/୪୫ ଗତେ ତୁଳା ଓ କୁମ୍ଭ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ପ୍ରତିପଦରର ଏକୋଦ୍ଦିଷ୍ଟ ଓ ଦ୍ୱିତୀୟାର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧଖାଦ୍ୟ-** ପାଣି କଥାରୁ ଦିଘ ୧୨।୪୪ ଗତେ ବୋଇତ କଥାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୧୦ ଗତେ ଘ ୭।୩୧ ମଧ୍ୟେ । ଦିଘ ୯।୦୪ ଗତେ ଘ ୧୧।୧୪ ମଧ୍ୟେ । **ପର୍ବୋତ୍ସବ** - ଦ୍ୱିତୀୟା ଚନ୍ଦ୍ର ଦର୍ଶନ ଓ ପୂଜା, ଶେଷ ଦେବ ଦୀପାବଳି।

ସମ୍ପାଦକୀୟ

30 YEARS
ସମ୍ବାଦ କଳିକା

## ଆମେରିକା ଏବେ ବିଶ୍ୱର ସବୁଠୁ ବଡ଼ ଅର୍ଥନୀତି ଭାବେ ପରିଗଣିତ

୨୦୭୫ ମସିହା ସୁଦ୍ଧା ଭାରତ ହେବ ବିଶ୍ୱର ଦ୍ୱିତୀୟ ବଡ଼ ଅର୍ଥନୀତି। ସେହି ସମୟ ସୁଦ୍ଧା ଭାରତୀୟ ଅର୍ଥନୀତିର ଆକାର ୫୨.୫ ଲକ୍ଷ କୋଟି ଡଲାରରେ ପହଞ୍ଚିବ, ଯାହାକି ଏବେ ୪.୧୧ ଲକ୍ଷ କୋଟି ଡଲାରରେ ରହିଛି। ଭାରତ ଏବେ ବିଶ୍ୱର ପଞ୍ଚମ ବୃହତ୍ ଅର୍ଥନୀତି ରହିଛି। ପ୍ରଥମ ସ୍ଥାନରେ ଆମେରିକା ଥିବାବେଳେ ଦ୍ୱିତୀୟରେ ଚୀନ, ତୃତୀୟରେ ଜର୍ମାନୀ ଏବଂ ଚତୁର୍ଥରେ ଜାପାନ ରହିଛି। ଅନୁମାନ କରାଯାଉଛି ଯେ ୨୦୨୭ ସୁଦ୍ଧା ଭାରତ ବିଶ୍ୱର ତୃତୀୟ ବଡ଼ ଅର୍ଥନୀତିରେ ପରିଣତ ହେବ। ତେବେ ଗୋଲ୍ଡମ୍ୟାନ ସାଚ୍ସର ଆକଳନ ଅନୁଯାୟୀ, ବିଶ୍ୱର ୧୦ଟି ବଡ଼ ଅର୍ଥନୀତି ମଧ୍ୟରେ ୨୦୭୫ ସୁଦ୍ଧା ୪ଟି ଇସଲାମୀୟ ଦେଶ ରହିବେ। ସେଗୁଡ଼ିକ ହେଲେ ଇଣ୍ଡୋନେସିଆ, ନାଇଜେରିଆ, ପାକିସ୍ତାନ ଏବଂ ମିସର। ୧୩.୭ ଲକ୍ଷ କୋଟି ଡଲାର ସହିତ ଇଣ୍ଡୋନେସିଆ ବିଶ୍ୱର ଚତୁର୍ଥ ବଡ଼, ୧୩.୧ ଲକ୍ଷ କୋଟି ଡଲାର ସହିତ ନାଇଜେରିଆ ପଞ୍ଚମ ବୃହତ୍ ଏବଂ ୧୨.୩ ଲକ୍ଷ କୋଟି ଡଲାର ସହିତ ପାକିସ୍ତାନ ଷଷ୍ଠ ବୃହତ୍ ଏବଂ ୧୦.୪ ଲକ୍ଷ କୋଟି ଡଲାର ସହିତ ମିଶର ସପ୍ତମ ବୃହତ୍ ଅର୍ଥନୀତି ହେବ।

ଉକ୍ତ ସଂସ୍ଥାର ଅନୁମାନ ଅନୁଯାୟୀ, ୨୦୭୫ ସୁଦ୍ଧା ଚୀନ ସବୁଠୁ ବଡ଼ ଅର୍ଥନୀତି ହେବ। ସେତେବେଳକୁ ଚୀନର ଅର୍ଥନୀତି ଆକାର ୫୭ ଲକ୍ଷ କୋଟି ଡଲାରରେ ପହଞ୍ଚିବ। ବର୍ତ୍ତମାନ ଚୀନ ଅର୍ଥନୀତିର ଆକାର ୧୮.୫୬ ଲକ୍ଷ କୋଟି ଡଲାର ରହିଛି। ଆମେରିକା ଏବେ ୨୭.୯୭ ଲକ୍ଷ କୋଟି ଡଲାର ସହିତ ବିଶ୍ୱର ସବୁଠୁ ବଡ଼ ଅର୍ଥନୀତି ଭାବେ ପରିଗଣିତ ହେଉଛି। କିନ୍ତୁ ୨୦୭୫ ବେଳକୁ ଏହା ତୃତୀୟ ସ୍ଥାନକୁ ଖସିଆସିବ। ଏହି ଅର୍ଥନୀତିର ଆକାର ୫୧.୫ ଲକ୍ଷ କୋଟି ଡଲାର ରହିବ। ବର୍ତ୍ତମାନ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ଥିବା ଜର୍ମାନୀ ୨୦୭୫ ବେଳକୁ ନବମ ସ୍ଥାନରେ ରହିଥିବ। ସେହିଭଳି ଏବେ ଚତୁର୍ଥ ସ୍ଥାନରେ ଥିବା ଜାପାନ ୨୦୭୫ ବେଳକୁ ଦ୍ୱାଦଶ ସ୍ଥାନକୁ ଖସିଯିବ। ୨୦୭୫ ବେଳକୁ ବ୍ରାଜିଲ ଅଷ୍ଟମ ଏବଂ ମେକ୍ସିକୋ ଦଶମ ବୃହତ୍ ଅର୍ଥନୀତିରେ ପରିଣତ ହୋଇଥିବ। ବର୍ତ୍ତମାନ ୧.୫୧ ଲକ୍ଷ କୋଟି ଡଲାର ସହିତ ଇଣ୍ଡୋନେସିଆ ଷୋଡ଼ଶ, ୧.୩୪ ଲକ୍ଷ କୋଟି ଡଲାରା ସହିତ ତୁର୍କୀ ସପ୍ତଦଶ, ୧.୧୧ ଲକ୍ଷ କୋଟି ଡଲାର ସହିତ ସାଉଦି ଆରବ ଉନବିଂଶ ସ୍ଥାନରେ ରହିଛନ୍ତି। ଆର୍ଥିକ ସଂକଟ ଭିତରେ ଥିବା ପାକିସ୍ତାନ ଅର୍ଥନୀତିର ଆକାର ଏବେ ମହାରାଷ୍ଟ୍ରର ଅର୍ଥନୀତି ସହ ମଧ୍ୟ ସମାନ ସ୍ତରରେ ନାହିଁ।

# ଖାଦ୍ୟାଭାବ ଏବଂ ବିସ୍ଫୋରିତ ଜନସଂଖ୍ୟା ଏକ ଆହ୍ୱାନ



ବିଷ୍ଣୁ ପ୍ରସାଦ ଦାସ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା,
କଟକ–୭୫୩୦୦୯
ମୋ : ୯୯୩୭୧୭୪୦୯୭

ନଭେମ୍ବର ୧୫ , ୨୦୨୨ ମସିହା ସୁଦ୍ଧା ପୃଥିବୀର ଜନସଂଖ୍ୟା ୮୦୦ କୋଟି ଛୁଇଁଲା , ଏହା ଏକ ଉଦବେଗ ଜନକ ବିଷୟ, ୨୦୨୩ ମସିହାରେ ୮୦୯ କୋଟି , ୨୦୨୪ ସୁଦ୍ଧା ୮୧୬ କୋଟି ପହଞ୍ଚି ଗଲାଣି । ଜନସଂଖ୍ୟା ବୃଦ୍ଧି ସହିତ ପୃଷ୍ଟିକର ଖାଦ୍ୟ ପେୟ, ବାସସ୍ଥାନ , ଶିକ୍ଷା , ସ୍ୱାସ୍ଥ୍ୟ , ପରିବେଶର ସନ୍ତୁଳନ, ଶୃଙ୍ଖଳିତ ଜୀବନ ଯାପନ ତଥା ଉତ୍ତମ ଶାସନ ଉପରେ ମଧ୍ୟ ଧ୍ୟାନ ଦେବାର ସମୟ ଉପନୀତ ଅନ୍ୟଥା ଏହା ଏକ ଜଟିଳ ପରିସ୍ଥିତି ସୃଷ୍ଟି କରିବ ସେଥିରେ ବିଶ୍ୱ ସମୁଦାୟ ଭାଗିଦାର ହେବେ , ଅଙ୍କେ ବହୁତେ ସବୁ ଦେଶ ଉପରେ ଏହାର ଅନେକ କୁପ୍ରଭାବ ପଡିପାରେ । ମିଳିତ ଜାତିସଙ୍ଘର ଆକଳନ ଅନୁଯାୟୀ ପୃଥିବୀରେ ଦ୍ରୁତ ଗତିରେ ବଢୁଥିବା ଜନସଂଖ୍ୟା ପୃଥିବୀ ପାଇଁ ଏକ ଆହ୍ୱାନ ହୋଇଛି । ଏକଶହ କୋଟି ଜନସଂଖ୍ୟାରୁ ଦୁଇଶହ କୋଟି ଜନସଂଖ୍ୟା ପହଞ୍ଚିବାକୁ ଯେତେବେଳେ ୧୨୫ ବର୍ଷ ଲାଗିଥିଲା ସେହି ସଂଖ୍ୟା ଏବଂ ଅନୁପାତ ବର୍ତ୍ତମାନ ୭୦୦ କୋଟି ଜନସଂଖ୍ୟାରୁ ୮୦୦ କୋଟି ଜନସଂଖ୍ୟା ହେବାକୁ ମାତ୍ର ୧୨ ବର୍ଷ ଲାଗିଲା , ଏହି ଗତିରେ ଯଦି ଜନସଂଖ୍ୟା ବଢିଚାଲେ ତେବେ ୨୦୩୦ ସୁଦ୍ଧା ଜନସଂଖ୍ୟା ବଢି ୮୫୦ କୋଟି ଛୁଇଁବ ୨୦୫୦ ବେଳକୁ ୯୭୦ କୋଟିରେ ଏବଂ ୨୦୮୦ ବେଳକୁ ୧୦୦୦ କୋଟି, ୨୧୦୦ ମସିହା ବେଳକୁ ୧୦୪୦ କୋଟି ଜନସଂଖ୍ୟା ହୋଇଯିବ ଏଥିରେ କୌଣସି ସନ୍ଦେହ ନାହିଁ । ତେବେ ମିଳିତ ଜାତିସଂଘର ଆକଳନ ଅନୁଯାୟୀ ଏହି ଜନସଂଖ୍ୟା ବିସ୍ଫୋରଣର ମୁଖ୍ୟ ଦେଶ ଗୁଡିକ ହେଲା ଆଫ୍ରିକା ମହାଦେଶର କଙ୍ଗୋ, ଇଥିଓପିଆ, ଇଜିପ୍ଟ, ତାଞ୍ଜାନିଆ ଏବଂ ନାଇଜେରିଆ, ଏସିଆ ମହାଦେଶର ଭାରତ, ପାକିସ୍ତାନ ଏବଂ ଫିଲିପାଇନ୍ସ । ଭାରତର ଜନସଂଖ୍ୟା ଚୀନକୁ ଟପି ଯାଇଛି, ଏହା ଶୁଣିବାକୁ ଯେତେ ସହଜ ପ୍ରକୃତ ପକ୍ଷେ ଏହାକୁ ମୁକାବଲା କରିବା ତାହା ଠାରୁ କଷ୍ଟ ସାଧ୍ୟ ଜିନିଷ । ସରକାରୀ ତଥା ବେସରକାରୀ ସ୍ତରରେ ପ୍ରତ୍ୟେକ ଦେଶ ଗୁରୁତ୍ୱର ସହ ବିଚାର କରିବା ଉଚିତ । ଯଦି ବିଗତ ୭୪ ବର୍ଷର ଜନସଂଖ୍ୟାକୁ ଦେଖିବା ତେବେ ଆମେ ୧୯୫୦ ମସିହାକୁ ଫେରିଯିବା ଏବଂ ପ୍ରତି ପାଞ୍ଚ ବର୍ଷ ବ୍ୟବଧାନର ଜନସଂଖ୍ୟାର ମୋଟା ମୋଟି ବିବରଣୀର ସମୀକ୍ଷା କରିବା । ୧୯୫୦- ୨୫୦ କୋଟି , ୧୯୫୫ -୨୭୪.୬ କୋଟି , ୧୯୬୦- ୩୦୧.୯ କୋଟି , ୧୯୬୫- ୩୩୩.୭ କୋଟି, ୧୯୭୦- ୩୬୯.୫ କୋଟି, ୧୯୭୫- ୪୦୬.୯କୋଟି, ୧୯୮୦- ୪୪୪.୪ କୋଟି, ୧୯୮୫- ୪୮୬.୧କୋଟି, ୧୯୯୦- ୫୩୧.୬ କୋଟି, ୧୯୯୫- ୫୭୪.୩ କୋଟି, ୨୦୦୦- ୬୧୪.୮ କୋଟି, ୨୦୦୫- ୬୫୫.୮ କୋଟି, ୨୦୧୦- ୬୯୮.୫ କୋଟି, ୨୦୧୫ - ୭୪୨.୬ କୋଟି, ୨୦୨୦-୭୮୪ କୋଟି, ୨୦୨୨- ନଭେମ୍ବର ୧୫ -୮୦୦ କୋଟି , ୨୦୨୩-୮୦୯ କୋଟି , ୨୦୨୪ -୮୧୬ କୋଟି ୭୪ ବର୍ଷ ମଧ୍ୟରେ ଜନସଂଖ୍ୟା ୨୫୦ କୋଟିରୁ ବଢି ୮୧୬ + କୋଟିରେ ପହଞ୍ଚି ଗଲାଣି ଏହା ବିଶ୍ୱ ପାଇଁ ଏକ ନକାରାତ୍ମକ ସଂକେତ ଛଡା ଆଉ କିଛି ନୁହେଁ । ବିସ୍ଫୋରିତ ଜନସଂଖ୍ୟାକୁ ନିୟନ୍ତ୍ରିତ ନ'କଲେ ଏହା ବୁମେରାଙ୍ଗ ପରି ଆମକୁ କାଳ ହେବା ସୁନିଶ୍ଚିତ । ଜନସଂଖ୍ୟା ବୃଦ୍ଧି ହେଲେ କଣ ଅସୁବିଧା ହେବ? ଏହି ପ୍ରଶ୍ନ ହୁଏତ ଅନେକଙ୍କ ମନରେ ଉଙ୍କି ମାରୁଥିବ, ସମ୍ୟକ ଜ୍ଞାନରୁ ଉତ୍ତର ହେଲା , ପରିବେଶର ସନ୍ତୁଳନ ବଜାୟ ରହିବ ନାହିଁ , ଖାଦ୍ୟ ପେୟ , ପାନୀୟଜଳ , ବାସସ୍ଥାନର ଘୋର ଅଭାବ ପରିଲକ୍ଷିତ ହେବ ଯାହାକି ବର୍ତ୍ତମାନ ସମୟରେ ଅନେକ ଦେଶରେ ଦେଖା ଦେଲାଣି । ଜଳ :- ପୃଥିବୀର ଗଚ୍ଛିତ ଜଳ ମଧ୍ୟରୁ ୯୬ ପ୍ରତିଶତ ଲବଣ ଯୁକ୍ତ ସମୁଦ୍ର ଜଳ ଯାହାକି ପାନୀୟ ପାଇଁ ଅନୁପଯୁକ୍ତ । ବରଫ ପାହାଡ଼, ଗ୍ଲସିଆର ଏବଂ ସ୍ଥାୟୀ ବରଫ ୧.୬ ଭାଗ , ଭୂତଳ ଜଳ ୧.୬୪ ଭାଗ , ସତେଜ ଜଳ ୦.୭୬ ଭାଗ ତେଣୁ ଅନୁମାନ କରନ୍ତୁ ତିନି ଚତୁର୍ଥାଂଶ ଜଳ ମଧ୍ୟରୁ କେତେ ଭାଗ ଆମେ ବ୍ୟବହାର କରିପାରିବା ? ସାଧାରଣତଃ ଆମେମାନେ ନଦୀ ଗୁଡିକ ଉପରେ ନିର୍ଭରଶୀଳ, କିଛି ସ୍ଥାନରେ ଭୂତଳ ଜଳର ମଧ୍ୟ ଉପଯୋଗ କରା ଯାଇଥାଏ, କିଛି ବିକଶିତ ରାଷ୍ଟ୍ର ଗୁଡିକ ଏବେ ବର୍ଷା ଜଳ ଅମଳ ଉପରେ ଗୁରୁତ୍ୱ ଦେଇ ସାରିଲେଣି । ଜଳ ସଂରକ୍ଷଣ ନ' କଲେ ଆଗାମୀ ପିଢ଼ି ଆମକୁ ଆମର ଦାୟିତ୍ୱ ହୀନତା ପାଇଁ ଦାୟୀ କରିବେ । ସ୍ୱଚ୍ଛ ପାନୀୟ ଜଳକୁ ସଞ୍ଚିତ କରି ରଖିବା ତଥା ନିତ୍ୟ ବ୍ୟବହୃତ ଜଳକୁ ବିଶୋଧିତ କରି ପୁନଃ କାର୍ଯ୍ୟରେ ଲଗା ଯାଇପାରେ । ବର୍ଦ୍ଧିତ ଜନସଂଖ୍ୟାକୁ ନଜରରେ ରଖି ନୂତନ ଜଳ ଉତ୍ସର ସନ୍ଧାନ କରିବାକୁ ପଡିବ ନଚେତ ଜୀବନ ର ସତ୍ତା ରହିବ ନାହିଁ । ଖାଦ୍ୟ :-ବର୍ତ୍ତମାନ ପୃଥିବୀ ପୃଷ୍ଠରେ ଆଠ ଶହ ଷୋହଳ କୋଟି ଲୋକଙ୍କ ପାଇଁ ଖାଦ୍ୟ ହୁଏତ ଠିକ୍ ରୂପେ ମିଳି ଯାଉଛି କିନ୍ତୁ ଆଗାମୀ ଦିନରେ ଯଦି କୃଷି ଉପରେ ଗୁରୁତ୍ୱ ଦିଆ ନ'ଯାଏ ତେବେ ବିଶ୍ୱରେ ଉତ୍କଟ ଖାଦ୍ୟାଭାବ ପରିଲକ୍ଷିତ ହେବ । ମନୁଷ୍ୟ ସାଧାରଣତଃ ଖାଦ୍ୟ ପାଇଁ କୃଷି ଜାତ ଦ୍ରବ୍ୟ, ଜଙ୍ଗଲରୁ ଆମଦାନୀ ହେଉଥିବା ଖାଦ୍ୟ , ଖାଦ୍ୟ ଉପଯୋଗୀ ପଶୁ ପକ୍ଷୀଙ୍କ ମାଂସ , ନଦୀ ସମୁଦ୍ରରୁ ଉତ୍ପାଦିତ ମାଛ ତଥା ଅନ୍ୟ ଜଳଚର ଜୀବ ମାନଙ୍କ ଉପରେ ନିର୍ଭରଶୀଳ, ଅନେକ କୃଷି କ୍ଷେତ୍ର ସମୟ ଚକ୍ରରେ କଂକ୍ରିଟ ଜଙ୍ଗଲରେ ପରିଣତ ହେଲାଣି ଲୋକ ମାନଙ୍କର କୃଷି ପ୍ରତି ଆଗ୍ରହ ଧୀରେ ଧୀରେ କମି ଯାଉଛି , ଜୈବିକ ସାର ବଦଳରେ ରାସାୟନିକ ସାର ପ୍ରୟୋଗ ଦ୍ୱାରା ଚାଷ ଜମିର ଉତ୍ପାଦିକା ଶକ୍ତି କମି କମି ଯାଉଛି । ପ୍ରତି ମନୁଷ୍ୟ ପ୍ରତିଦିନ ହାରାହାରି ୧. ୮୭ କି:ଗ୍ରା ଖାଦ୍ୟ ଗ୍ରହଣ କରିଥାଏ ଏବଂ ବାର୍ଷିକ ହାରାହାରି ୬୭୫ କି:ଗ୍ରା ଖାଦ୍ୟ ଗ୍ରହଣ କରେ ଏହା ମଧ୍ୟରେ ଦୁଗ୍ଧ ଜାତୀୟ ପାନୀୟ, ଚାଉଳ, ଗହମ, ପନିପରିବା, ଆଳୁ, ପଶୁ ମାଂସ, ସାମୁଦ୍ରିକ ମାଛ ଇତ୍ୟାଦି ଖାଦ୍ୟ ଅନ୍ତର୍ଭୁକ୍ତ , ପରିସଂଖ୍ୟାନରୁ ଅନୁମାନ କରନ୍ତୁ ଆଠ ଶହ ଷୋହଳ କୋଟି ଲୋକଙ୍କ ପାଇଁ କେତେ ଖାଦ୍ୟର ଆବଶ୍ୟକତା ରହିଛି ? ଆଜି ମଧ୍ୟ ଅନେକ ଦେଶ ଖାଦ୍ୟାଭାବ ଭିତରେ ଗତି କରୁଛି ଏବଂ ଅନେକ ଦେଶରେ ସଚେତନତା ଅଭାବରୁ ଅନେକ ଖାଦ୍ୟ ନଷ୍ଟ ହେଉଛି । ଆଫ୍ରିକା ମହାଦେଶର ନାମବିଆ ଦେଶ ଗତ ଅଗଷ୍ଟ ମାସରେ ୭୨୩ ଜଙ୍ଗଲୀ ଜନ୍ତୁ ମଧ୍ୟରୁ ୮୩ ଟି ହାତୀ , ୩୦ ଟି ଜଳ ହସ୍ତୀ ୩୦୦ ଜେବ୍ରା ହତ୍ୟାକରି ମନୁଷ୍ୟ ମାନଙ୍କର ଖାଦ୍ୟାଭାବ ଦୂର କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲା, ଠିକ୍ ସେହିପରି , ଜିମ୍ବାୱେ ଦେଶ ଖାଦ୍ୟାଭାବ ପାଇଁ ୨୦୦ ହାତୀ ମାରିବାର ଆଦେଶ ଦେଇଥିଲା , ଏଥିରୁ ଅନୁମାନ କରନ୍ତୁ ବିଶ୍ୱ ଆଜି କେଉଁଠି ପହଞ୍ଚିଲାଣି । ବର୍ତ୍ତମାନ ଖାଦ୍ୟାଭାବ ଦେଇ ଗତି କରୁଥିବା କିଛି ଦେଶର ନାମ ହେଲା ୧. ସୋମାଲିଆ , ୨. ୟେମେନ୍ , ୩. ଚାଡ଼ , ୪. ମାଡାଗାସ୍କର , ୫. କଙ୍ଗୋ ,୬. ହାଇତି ,୭. ନାଇଜର, ୮. ଲାଇବେରିଆ , ୯. ସେଣ୍ଟ୍ରାଲ ଆଫ୍ରିକାନ ରିପବ୍ଲିକ୍ , ୧୦ . ରିପବ୍ଲିକ୍ ଅଫ କୋରିଆ । କିଛି ଏସୀୟ ଦେଶ ମଧ୍ୟ ଖାଦ୍ୟ ସଙ୍କଟ ମଧ୍ୟରେ ଗତି କରୁଛି , ଆଗାମୀ ଦିନର ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଏବେ ଠାରୁ ସମସ୍ତେ ସଚେତନ ହେବା ଉଚିତ୍ ଅନ୍ୟଥା ଦିନେ ଆମକୁ ପଶ୍ଚାତାପ୍ କରିବାକୁ ମଧ୍ୟ ସମୟ ମିଳିବ ନାହିଁ । ଭାରତ ସରକାର ଆଗାମୀ ପାଞ୍ଚ ବର୍ଷ ନିମନ୍ତେ ପ୍ରାୟ ୮୦ କୋଟି ଲୋକଙ୍କୁ ମାଗଣା ଚାଉଳ ଦେବାକୁ ନିଷ୍ପତ୍ତି ନେଇଛନ୍ତି ଏଥିରୁ ଅନୁମେୟ ୮୦ କୋଟି ଲୋକ ଖାଦ୍ୟାଭାବ ଜନିତ ବା ବେକାରୀ ଜନିତ କଷ୍ଟ ଭୋଗୁଛନ୍ତି । ଜନହିତକର ସରକାରଙ୍କର ନିର୍ଣ୍ଣୟ ସନ୍ତୋଷ ଜନକ ହେଲେ ମଧ୍ୟ କେତେ ସଫଳ ହେଉଛି ତାହା କିଏ ତଦାରଖ କରୁଛନ୍ତି ? ଅନେକ ସ୍ଥାନରେ ଖାଦ୍ୟାଭାବ ଜନିତ ମୃତ୍ୟୁ , ଅଖାଦ୍ୟ ଖାଇ ମୃତ୍ୟୁ , ଅପୁଷ୍ଟିକର ଖାଦ୍ୟ ଜନିତ ସ୍ୱାସ୍ଥ୍ୟ ସଙ୍କଟ ବରାବର ଲାଗି ରହଛି । ଭାରତ ବର୍ଷରେ ଅନେକ ରାଜ୍ୟ ସରକାର ପାଞ୍ଚ ଟଙ୍କିଆ ମିଲ ବା ଖାଦ୍ୟ ବ୍ୟବସ୍ଥା ଲାଗୁ କରିଛନ୍ତି ଏହାର ମୂଳ ଉଦ୍ଦେଶ୍ୟ ହେଲା ଗରିବ ନିଜ ସ୍ୱଳ୍ପ ଆୟରେ ହୋଟେଲ ଖାଦ୍ୟ କିଣି ଖାଇବାକୁ ଅସମର୍ଥ ତେଣୁ ପାଞ୍ଚ ଟଙ୍କିଆ ଖାଦ୍ୟ ଖାଇ ନିଜ ଜୀବନ ବଞ୍ଚାଇ ପାରିବେ କିନ୍ତୁ ଏହି ପାଞ୍ଚ ଟଙ୍କିଆ ମିଲ୍ ବା ଥାଳି ଖାଇବାକୁ ଆସୁଥିବା ଲୋକ ମାନେ କେତେ ସ୍ୱଚ୍ଛଳ ଦେଖିଛନ୍ତି କି ? ଲକ୍ଷାଧିକ ଟଙ୍କାର ବାଇକ /ସ୍କୁଟି ଚଢି ଆସିବେ , ଏ :ସି ବସରେ ଯାତ୍ରା କରିବେ କିନ୍ତୁ ଗରିବ / ନିଃସହାୟଙ୍କ ଲାଗି ଉଦ୍ଦିଷ୍ଟ ଖାଦ୍ୟ ପାଞ୍ଚ ଟଙ୍କାରେ ଖାଇବେ । ଏହା କଣ ସରକାରୀ ବାବୁ ଦେଖୁ ନାହାନ୍ତି ? କି ପ୍ରକାର କର୍ତ୍ତବ୍ୟ କରନ୍ତି ଏମାନେ ? ଝିଣ୍ଟିକା ମାରି ବଣି ପୋଷିବା ପରି କାର୍ଯ୍ୟ ମନେ ହୁଏ , ତେଣେ ଗରିବ ଆମ୍ବ ଟାକୁଆ ଜାଉ ଖାଇ ମରୁଛନ୍ତି ଆଉ ସହର ବଜାରରେ ବାବୁ ମାନେ ଗରିବଙ୍କ ପାଞ୍ଚ ଟଙ୍କିଆ ଆହାର ଖାଇ ଫୁର୍ତ୍ତି କରିବେ । ଯଦି ପାରୁଛନ୍ତି ତେବେ ପୋକରା ଚାଉଳ ନ ବାଣ୍ଟି ଓଡ଼ିଶାର ପ୍ରତି ଗ୍ରାମରେ ( ଓଡିଶାର ପ୍ରାୟ ୫୧ ହଜାରରୁ ଉର୍ଦ୍ଧ୍ୱ ଗ୍ରାମ) ପାଞ୍ଚ ଟଙ୍କିଆ/ ଟଙ୍କିକିଆ ଆହାର କେନ୍ଦ୍ର ଖୋଲନ୍ତୁ , ଶିଶୁ /ବୃଦ୍ଧ /ବୃଦ୍ଧା ମାନଙ୍କୁ କ୍ଷୁଧାରୁ ବଞ୍ଚନ୍ତୁ । ଖାଦ୍ୟ ନିୟମ ଅନୁଯାଇ ଖାଦ୍ୟ ନଷ୍ଟ କରିବା ଏକ ଅପରାଧ , ଏହି ନିୟମକୁ କଡା କଡି ପାଳନ କରାଯାଉ , ବିବାହ ଠାରୁ ଆରମ୍ଭ କରି ଅନେକ ଭୋଜି ଭାତ , ହୋଟେଲ, ରେଳଗାଡ଼ି , ଉଡ଼ା ଜାହାଜ ଇତ୍ୟାଦିରେ ପ୍ରତିଦିନ କୁଇଣ୍ଟାଲ କୁଇଣ୍ଟାଲ ଖାଦ୍ୟ ନଷ୍ଟ ହୁଏ ଯାହାକୁ ଆମେ ଚାହିଁଲେ ରୋକି ପାରିବା ଏବଂ ବଳକା ଖାଦ୍ୟକୁ ଭୋକିଲା ମନୁଷ୍ୟ / ଜୀବ ଜନ୍ତୁଙ୍କୁ ଦେଇ ପାରିବା । ଏଥିପାଇଁ କେବଳ ଆମର ଦୃଢ଼ ମାନସିକତାର ଆବଶ୍ୟକତା ସହିତ ସରକାରୀ ନିୟମକୁ କଠୋର ଭାବେ କାର୍ଯ୍ୟକାରୀ କରିବାକୁ ହେବ । ସରକାର ଯଦି ଜନ ହିତକର କାର୍ଯ୍ୟକୁ ଭୁଲିଯାଇ ଭୋଟ ପାଇଁ ବିଚଳିତ ହେବେ ତେବେ ଆମେ ଯେମିତି ଅଛୁ ଠିକ୍ ସେମିତି ଥିବା (ନୂତନ ଯୋଜନାରେ ଟଙ୍କା ଦେଉଥିବା ସରକାର ଏବଂ ଟଙ୍କା ନେଉଥିବା ମହିଳା ମାନଙ୍କ ସର୍ଭେ କରନ୍ତୁ , ଦେଖିବେ କେତେ ଥିଲାବାଲା, ଗାଡି ମଟର ଚଢିବା ବାଲା, ଚାକିରିଆ ମହିଳାଙ୍କୁ ଟଙ୍କା ମିଳିଛି ? ପ୍ରକୃତ ଗରିବ ଏଥିରୁ ବାଦ ପଡିଗଲେ, ଏହା ଏକପ୍ରକାର ରାଜନୈତିକ ଚାଲ ହୋଇ ପାରେ) । ଖାଦ୍ୟ ସଙ୍କଟରୁ କେମିତି ଦେଶ ବଞ୍ଚିବ, ଜନସଂଖ୍ୟା କିପରି କମିବ ସେହି ବିଷୟ ପ୍ରତି ଧ୍ୟାନ ଦେବା ଉଚିତ ହେବ । ମିଳିତ ଜାତିସଙ୍ଘ ଦ୍ୱାରା ଭବିଷ୍ୟ ବାଣୀ କରା ଯାଇଥିବା ଆଠ ଗୋଟି ଦେଶ ସମୂହ ଯଦି ଏହି ଭବିଷ୍ୟ ବାଣୀକୁ ଗୁରୁତ୍ୱ ଦେଇ ଜନସଂଖ୍ୟା ହ୍ରାସ ବା ସୀମିତ ରଖିବାକୁ ଚେଷ୍ଟିତ ନ'ହେବେ ତେବେ ଏହାର କୁପରିଣାମ ପାଇଁ ହୁଏତ ସାରା ବିଶ୍ୱକୁ କଷ୍ଟ ଭୋଗିବାକୁ ପଡିବ । ଆଫ୍ରିକୀୟ ଦେଶ କଙ୍ଗୋ , ଇଥିଓପିଆ , ଇଜିପ୍ଟ ଏବଂ ତାଞ୍ଜାନିଆ ଦେଶର ଜଳବାୟୁ , ଧାର୍ମିକ ଭାବନା ତଥା ସରକାର ଙ୍କ ଦୃଷ୍ଟିହୀନତା ପାଇଁ ହୁ ହୁ ହୋଇ ଜନସଂଖ୍ୟା ବଢି ଚାଲିଛି , ସେହି ପରି ଏସୀୟ ଦେଶ ଭାରତ , ପାକିସ୍ତାନ , ଫିଲିପାଇନ୍ସ , ବାଂଲାଦେଶ ଇତ୍ୟାଦି ଦେଶରେ ଜନ ସଚେତନତାର ଅଭାବ, କିଛି ଧାର୍ମିକ ଭାବନା , ଅଜ୍ଞତା, ସରକାରଙ୍କ କୋହଳ ମନୋଭାବ ଲାଗି ପରିବାର କଲ୍ୟାଣ କାର୍ଯ୍ୟକ୍ରମର ସୁଫଳ ମିଳୁନାହିଁ, ଆମର ଭୁଲ ଯୋଗୁଁ ଆମର ଉତ୍ତର ପିଢ଼ି ଏହାର ମୁକାବିଲା କରିବେ ତେଣୁ ବେଳହୁଁ ସାବଧାନ ରହିବାକୁ ସର୍ବସାଧାରଣ ତଥା ସରକାରଙ୍କୁ ଅନୁରୋଧ । ଆମେ ନିଜେ ବଞ୍ଚିବା ସହିତ ପୃଥିବୀର ସନ୍ତୁଳନ ପ୍ରତି ଦୃଷ୍ଟି ଦେବା ଉଚିତ୍ । ସରକାରଙ୍କ ଆଖି, କାନ, ବୋଲାଉଥିବା କିଛି ଅଧିକାରୀ ମାନେ ସର୍ବସ୍ୱ ନିଜେ ହଜମ କରି ସରକାରଙ୍କୁ ବଦନାମ କରି ଦେଉଛନ୍ତି, ଏଥି ନିମନ୍ତେ ସରକାର କଠୋର ପଦକ୍ଷେ ନିଅନ୍ତୁ ।

# କ୍ଳାନ୍ତ ଲୋକଙ୍କ ଦେଶ



ପ୍ରଣତି ଆଚାର୍ଯ୍ୟ ମିଶ୍ର
ନୟାଗଡ଼
ମୋ–୯୪୩୭୬୪୨୯୪୭

ଭାରତ ଏକ ନିରାଶ ଏବଂ କ୍ଳାନ୍ତ ଲୋକଙ୍କ ଦେଶରେ ପରିଣତ ହେଉଛି । ଆମେ ସୁଖୀ ସମାଜ ତାଲିକାର ଶୀର୍ଷରେ ପହଞ୍ଚିବାରେ ସକ୍ଷମ ନୁହଁ । ବିଡ଼ମ୍ବନାର ବିଷୟ ହେଉଛି ଦୀର୍ଘ ବିରତି ଓ ଲମ୍ବା ଛୁଟି ପରେ ମଧ୍ୟ ଆମେ ନିଜକୁ ସତେଜ କରିପାରୁନାହୁଁ। ଭାରତରେ ଏଭଳି ଲୋକଙ୍କ ସଂଖ୍ୟା ପ୍ରାୟ ୪୮ ପ୍ରତିଶତରେ ପହଞ୍ଚିଛି, ଯାହା ଚିନ୍ତାର କାରଣ। ଏତେ କ୍ଳାନ୍ତ ଓ ନିରାଶ ଲୋକଙ୍କ ସହିତ ଆମେ ବିକଶିତ ଭାରତ ଓ ନୂଆ ଭାରତର ସ୍ୱପ୍ନକୁ କିପରି ସାକାର କରିପାରିବୁ? ଏହି ପ୍ରଶ୍ନ କ୍ଷମତାର ଶୀର୍ଷ ନେତୃତ୍ୱଙ୍କୁ ଆତ୍ମସମୀକ୍ଷା କରିବାର ସୁଯୋଗ ଦେଉଥିବା ବେଳେ ନୀତି ନିର୍ଦ୍ଧାରକମାନଙ୍କୁ ମଧ୍ୟ ଚିନ୍ତା କରିବାକୁ ପଡ଼ିବ ଯେ ସମାଜ ଗଠନରେ କେଉଁଠି ତ୍ରୁଟି ରହିଛି ଯାହା ଆମକୁ କ୍ରମାଗତ ଭାବରେ ଥକିଯାଇଥିବା ଲୋକଙ୍କ ଦେଶ ଭାବରେ ସ୍ୱୀକୃତି ଦିଆଯାଉଛି । ମିଳିତ ଜାତିସଂଘର ସ୍ଥାୟୀ ବିକାଶ ସମାଧାନ ନେଟୱର୍କ ଦ୍ୱାରା ପ୍ରତିବର୍ଷ ପ୍ରକାଶିତ ବିଶ୍ୱ ଖୁସି ରିପୋର୍ଟ ରେ କୁହାଯାଇଛି ଯେ କେଉଁ ଦେଶ ସବୁଠାରୁ ଅଧିକ ଖୁସି ଏବଂ କେଉଁ ଦେଶ ସବୁଠାରୁ ଅଧିକ ଅସନ୍ତୁଷ୍ଟ? ବିଶ୍ୱସ୍ତରରେ ଲୋକଙ୍କ ସ୍ୱାଧୀନତା, ସ୍ୱାସ୍ଥ୍ୟ, ଦୁର୍ନୀତି, ଆୟ ଇତ୍ୟାଦି ସମେତ ସୁଖର ସ୍ତର ନିର୍ଦ୍ଧାରଣ କରିବା ପାଇଁ ଅନେକ ମାନଦଣ୍ଡ ରହିଛି । ସବୁଠାରୁ ଅସନ୍ତୁଷ୍ଟ ଦେଶ ତାଲିକାରେ ପ୍ରଥମ ନାମ ଆଫଗାନିସ୍ତାନରୁ ଆସିଛି। ଏହି ତାଲିକାରେ ଭାରତର ମାନ୍ୟତା ମଧ୍ୟ ଅତ୍ୟନ୍ତ ନୈରାଶ୍ୟଜନକ ରହିଛି। ଭାରତରେ ଅବସାଦଗ୍ରସ୍ତ ଏବଂ ଅବସାଦଗ୍ରସ୍ତ ଲୋକଙ୍କ ଅବସ୍ଥାର ଅନେକ କାରଣ ଥାଇପାରେ - ଉଚ୍ଚ ଜନସଂଖ୍ୟା ବୃଦ୍ଧି ହାର, କୃଷି ଉପରେ ଉଚ୍ଚ ନିର୍ଭରଶୀଳତା, ଅର୍ଥନୈତିକ ଅଭିବୃଦ୍ଧିର ନିମ୍ନ ହାର, ବେକାରୀ, ନିରକ୍ଷରତା, ଆୟରେ ଅସମାନତା, ଦୁର୍ନୀତି, ଆଭ୍ୟନ୍ତରୀଣ ଘୃଣା, ଦୁର୍ବଳ ଅର୍ଥନୈତିକ ନୀତି ଏବଂ ଜଟିଳ ପ୍ରଶାସନିକ ପ୍ରକ୍ରିୟା । ଦୁଃଖ ହେଉଛି ଜୀବନର ଉତ୍ଥାନ-ପତନର ଏକ ଅବିଚ୍ଛେଦ୍ୟ ଅଙ୍ଗ । ମଣିଷ ଯେମିତି ସୁଖ, ନିରାଶା, ଦୁଃଖ, କ୍ରୋଧ, ଗର୍ବ ଇତ୍ୟାଦି ଭାବନା ଅନୁଭବ କରେ, ଠିକ୍ ସେମିତି ସମସ୍ତେ ସମୟ ସମୟରେ ଦୁଃଖ ଅନୁଭବ କରିଥାନ୍ତି। ଦୁଃଖ କାହାକୁ ପ୍ରେରଣା ଦେବାରେ ସାହାଯ୍ୟ କରିଥାଏ, ଆଉ କେହି ଧୈର୍ଯ୍ୟ ହରାଇ ବସନ୍ତି ।

ସୁଖ, ସକ୍ରିୟତା, ଉତ୍ସାହ ମଧ୍ୟ କମିଯାଏ। ସବୁଠାରୁ ଖୁସି ଦେଶ ତାଲିକାରେ ଭାରତ ଚଳିତ ବର୍ଷ ୧୪୩ଟି ଦେଶ ମଧ୍ୟରୁ ୧୨୬ତମ ସ୍ଥାନରେ ରହିଛି। ଚୀନ୍ ୬୦ତମ, ନେପାଳ ୯୩ତମ, ପାକିସ୍ତାନ ୧୦୮ତମ, ମିଆଁମାର ୧୧୮ତମ, ଶ୍ରୀଲଙ୍କା ୧୨୪ତମ ଓ ବାଂଲାଦେଶ ୧୨୯ତମ ସ୍ଥାନରେ ରହିଛି। ଜନସଂଖ୍ୟା ଦୃଷ୍ଟିରୁ ଭାରତ ହେଉଛି ବିଶ୍ୱର ସବୁଠାରୁ ଦୁଃଖଦ ଦେଶ । ଜଳବାୟୁ ପରିବର୍ତ୍ତନ ଏବଂ ଅତ୍ୟଧିକ ଗରମ ଯୋଗୁଁ ୨୧୦୦ ସୁଦ୍ଧା ଭାରତରେ ପ୍ରତିବର୍ଷ ୧୫ ଲକ୍ଷ ଲୋକ ପ୍ରାଣ ହରାଇପାରନ୍ତି ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି। ଏହି କାରଣରୁ ଅବସାଦଗ୍ରସ୍ତ ଲୋକଙ୍କ ସଂଖ୍ୟା ମଧ୍ୟ ବଢିପାରେ । ୨୦୧୮ର ଏକ ରିପୋର୍ଟରେ କୁହାଯାଇଛି ଯେ ସବୁଠାରୁ ଅଧିକ ଅବସାଦଗ୍ରସ୍ତ ଦେଶ ତାଲିକାରେ ଭାରତ ଶୀର୍ଷରେ ରହିଛି। ଯଦିଓ ଭାରତୀୟମାନେ ସ୍ୱଭାବରେ ଆଡଜଷ୍ଟ ଏବଂ ସନ୍ତୁଷ୍ଟ ବୋଲି ଜଣାଯାଏ, ତଥାପି ସେମାନେ ସବୁଠାରୁ ଅଧିକ ଅବସାଦଗ୍ରସ୍ତ ଅଟନ୍ତି । ଗୋଟିଏ ପଟେ କମ୍ ଅର୍ଥ ହେଉ, ଖରାପ ରାସ୍ତା ହେଉ, ଭିତ୍ତିଭୂମିର ଅଭାବ ହେଉ କିମ୍ବା ଅନ୍ୟ କୌଣସି ଜିନିଷରେ ଆମେ ନିଜକୁ ସହଜରେ ଆଡଜଷ୍ଟ କରିଥାଉ। ନ୍ୟାସନାଲ କେୟାର ଅଫ୍ ମେଡିକାଲ ହେଲ୍ଥର ଏକ ଅଧ୍ୟୟନ ଅନୁଯାୟୀ, ପ୍ରାୟ ୬.୫ ପ୍ରତିଶତ ଭାରତୀୟ ଗ୍ରାମୀଣ ହେଉ କି ସହରାଞ୍ଚଳ, ଗୁରୁତର ମାନସିକ ରୋଗରେ ପୀଡ଼ିତ। ସ୍ୱାଧୀନତା ପରଠାରୁ କ୍ରମାଗତ ଭାବେ , ନକାରାତ୍ମକତାର ସୁଦୃଢ଼ ହେଉଛି ଯାହା ଉତ୍ସାହ ଏବଂ ସୁଖୀ ଜୀବନକୁ ପ୍ରଭାବିତ କରିଛି। ଦୂଷିତ ଓ ଦମନକାରୀ ପରିବେଶରେ ମଣିଷ ଭାଙ୍ଗି ପଡ଼ିଥିବା ଅନୁଭବ କରିଥାଏ। ଅର୍ଥନୈତିକ ଅସନ୍ତୁଳନ, ବୃଦ୍ଧି ପାଉଥିବା ମୁଦ୍ରାସ୍ଫୀତି, ବେରୋଜଗାରୀ, ଖରାପ ଆଇନ ଶୃଙ୍ଖଳା ଓ ଦୁର୍ନୀତି ଏହାର ଶିରାରେ ଖରାପ ଚିନ୍ତାଧାରାର ରକ୍ତ ପ୍ରବାହିତ କରୁଛି। ଏଭଳି ଜଟିଳ ପରିସ୍ଥିତିରେ ଜଣେ ବ୍ୟକ୍ତି କିପରି ସୁଖୀ, ଉତ୍ସାହୀ ଓ ସକାରାତ୍ମକ ଜୀବନ ଯାପନ କରିପାରିବ? ଏହି ଗଭୀର ଅନ୍ଧାରରୁ ବାହାରି ଗତ ଦଶନ୍ଧିରେ ସରକାରଙ୍କ କାର୍ଯ୍ୟ ଓ ନୀତି ଆଶାବାଦୀ ଦେଖାଇଛି, କିନ୍ତୁ ମଣିଷର ନିରନ୍ତର ନିରାଶା ଓ ଉଦାସୀନତା ଏକ ବଡ଼ ଚ୍ୟାଲେଞ୍ଜ। ସେ ଯାହା ହେଉ ନା କାହିଁକି, ସୁଖ, ଓ ଉତ୍ସାହ ଅନୁଭବ କରିବା ବ୍ୟକ୍ତିର ନିଜ ଚିନ୍ତାଧାରା ଉପରେ ନିର୍ଭର କରିଥାଏ। ତେଣୁ ପ୍ରଶ୍ନ ଉଠୁଛି, ଆମର ଉତ୍ସାହ, ସତେଜତାର ମାପକାଠି କ'ଣ ହେବା ଉଚିତ? ଦେଶର ସାଧାରଣ ନାଗରିକ ନିଜକୁ ସନ୍ତୁଷ୍ଟ, ଜୀବନ୍ତ, ସତେଜ ଓ ଆଶାବାଦୀ ଅନୁଭବ କରିବା ଦରକାର ତେବେ ହିଁ ବିକାଶ ଅର୍ଥପୂର୍ଣ୍ଣ ହେବ। ସ୍ୱୟଂକୁ ଆର୍ଥିକ ଦୃଷ୍ଟିରୁ ସୁଦୃଢ଼ କଲେ ସେ ନିରାଶା ଓ ଦୁଃଖକୁ ହ୍ରାସ କରିବାରେ ସକ୍ଷମ ହୋଇପାରିବେ। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ଡିଜିଟାଇଜେସନ୍, ଅର୍ଥନୈତିକ ଅଭିନବତା ଭଳି ବିକାଶ ସାଧାରଣ ଲୋକଙ୍କ ପାଇଁ ଅସୁବିଧାର କାରଣ ହୋଇଛି। ସେମାନଙ୍କର ନା ଉତ୍ସାହ ଅଛି ନା ଚେତନା । ନିଜ ଭିତରେ ଏକାନ୍ତ, ନିଷ୍କ୍ରିୟ, ନିରାଶରେ ଘେରି ହୋଇ ରହିଥିବା ଲୋକମାନେ ପୂରା ଶୋଇବା ସତ୍ତ୍ୱେ ସକାଳୁ ଉଠିଲେ ଥକ୍କା ଅନୁଭବ କରିଥାନ୍ତି, କାମ ପ୍ରତି ଉତ୍ସାହ ନଥାଏ। ସେମାନଙ୍କ ମଧ୍ୟରେ ଶକ୍ତିସ୍ତର ହ୍ରାସ ପାଉଛି। ଏପରି କାହିଁକି ଘଟୁଛି ? ପାଠକେ କେବେ ଏହା ଅନୁଭବ କରିଛନ୍ତି କି? ଏଭଳି ସ୍ଥିତି ଏକ ଅସନ୍ତୁଳିତ ଓ ବିଶୃଙ୍ଖଳିତ ସାମାଜିକ ବ୍ୟବସ୍ଥାର ପରିଣାମ।

# ସମ୍ବିଧାନ ଦିବସ : ଏକ ପର୍ଯ୍ୟାଲୋଚନା



ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି
ସାରସ୍ୱତ ପରିଷଦ,
ଜଗତସିଂହପୁର
ମୋ – ୯୯୩୭୧୫୧୦୫୨

ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଜାନୁଆରୀ ଛବିଶି ପରି ନଭେମ୍ବର ୨୬ ତାରିଖ ହେଉଛି ଏକ ସ୍ମରଣୀୟ ଦିବସ । ଏହିଦିନ ଆମ ଦେଶର ସମ୍ବିଧାନ ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇଥିଲା। ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଦେଶ ସ୍ୱାଧୀନ ହୋଇଥିଲେ ମଧ୍ୟ ଆମ ଦେଶକୁ ଶାସନ କରିବା ପାଇଁ ଏକ ସମ୍ବିଧାନର ଆବଶ୍ୟକତା ଥିଲା। ଯେ କୌଣସି ଦେଶର ଶାସନ ପାଇଁ ସମ୍ବିଧାନର ଯଥେଷ୍ଟ ଆବଶ୍ୟକତା ରହିଛି। ପ୍ରତ୍ୟେକ ଦେଶର ସମ୍ବିଧାନ ନିଜ ଦେଶର ପରିସ୍ଥିତି, ପରିବେଶ ଓ ସମୟ ଅନୁସାରେ ତିଆରି ହୋଇଥାଏ। ଏହି କାରଣରୁ ଗୋଟିଏ ଦେଶର ସମ୍ବିଧାନ ଅନ୍ୟ ଦେଶର ସମ୍ବିଧାନ ଠାରୁ ଭିନ୍ନ ହୋଇଥାଏ। ଭାରତୀୟ ସମ୍ବିଧାନର ଜନ୍ମ ଦିନ ପ୍ରସ୍ତାବନାରେ ବର୍ଣ୍ଣିତ ହୋଇଛି। ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ଭାରତର ସମ୍ବିଧାନ ଗୃହୀତ ହୋଇଥିଲା ଅର୍ଥାତ୍ ଏହିଦିନ ସମ୍ବିଧାନକୁ ଗ୍ରହଣ ଓ ପ୍ରଣୟନ କରି ତାହା ଦେଶବାସୀଙ୍କ ପାଇଁ ଅର୍ପଣ କରାଯାଇଥିଲା। ପୂର୍ବରୁ ଏହା 'ଜାତୀୟ ଆଇନ ଦିବସ' ଭାବେ ପାଳନ ହୋଇଆସୁଥିବା ବେଳେ ୨୦୧୫ ମସିହା ଅକ୍ଟୋବର ୧୧ ତାରିଖରେ ଏବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନଭେମ୍ବର ୨୬ ତାରିଖକୁ 'ସମ୍ବିଧାନ ଦିବସ' ରୂପେ ପାଳନ କରିବାକୁ ଘୋଷଣା କରିଥିଲେ। ତଦନୁଯାୟୀ ଏହା ସମ୍ବିଧାନ ଦିବସ ରୂପେ ପାଳନ କରାଯାଉଛି।

ପ୍ରତ୍ୟେକ ଲିଖିତ ସମ୍ବିଧାନ ପରି ଭାରତୀୟ ସମ୍ବିଧାନର ପ୍ରାରମ୍ଭରେ ଏକ ପ୍ରସ୍ତାବନା ରହିଛି । ପ୍ରସ୍ତାବନା ସମ୍ବିଧାନର ଏକ ସଂକ୍ଷିପ୍ତ ରୂପ ଅଟେ। ଏଥିରେ ସମ୍ବିଧାନର ଲକ୍ଷ୍ୟ, ଅଭୀପ୍ସା, ଆକାଙ୍କ୍ଷା ଓ ଆଇନଗତ ଭିତ୍ତି ସମ୍ବନ୍ଧରେ ସୂଚନା ଦିଆଯାଇଛି । ସମ୍ବିଧାନର ପ୍ରସ୍ତାବନାରେ କୁହାଯାଇଛି – "ଆମେ ଭାରତର ଜନସାଧାରଣ ଦୃଢ ସଂକଳ୍ପ କରୁଛୁ ଯେ, ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମନିରପେକ୍ଷ, ଗଣତାନ୍ତ୍ରିକ, ସାଧାରଣତନ୍ତ୍ର ରାଷ୍ଟ୍ରଭାବେ ଗଠନ କରିବୁ ଏବଂ ଏହାକୁ ସମସ୍ତ ନାଗରିକମାନଙ୍କୁ ପ୍ରଦାନ କରିବୁ। ସାମାଜିକ, ଅର୍ଥନୈତିକ ଏବଂ ରାଜନୀତିକ ନ୍ୟାୟ ବିଚାର, ଅଭିବ୍ୟକ୍ତି, ବିଶ୍ୱାସ ଧର୍ମ ଏବଂ ଉପାସନାରେ ସ୍ୱତନ୍ତ୍ରତା, ସ୍ଥିତି ଓ ସୁଯୋଗର ସମାନତା ଏବଂ ସମସ୍ତ ନାଗରିକମାନଙ୍କ ମଧ୍ୟରେ ତାହାର ବିକାଶ, ବ୍ୟକ୍ତିର ମର୍ଯ୍ୟାଦା ଏବଂ ଜାତିର ଏକତା ଓ ସଂହତି ପାଇଁ ଭ୍ରାତୃତ୍ୱଭାବ ସୁନିଶ୍ଚିତ କରିବୁ। ଆମ୍ଭର ଏହି ଶାସନ ବିଧାୟକ ସଭାରେ ୧୯୪୯ ମସିହା ନଭେମ୍ବର ମାସ ୨୬ ତାରିଖ ଦିନ, ଏତଦ୍ଦ୍ୱାରା ଏହି ସମ୍ବିଧାନକୁ ଅବଲମ୍ବନ ଓ ପ୍ରଣୟନ କରୁଛୁ ଏବଂ ଆମ୍ଭମାନଙ୍କ ଠାରେ ତାହା ଅର୍ପଣ କରୁଛୁ''। ମୂଳ ସମ୍ବିଧାନରେ ସମାଜବାଦୀ, ଧର୍ମ ନିରପେକ୍ଷତା ଓ ସଂହତି ଶବ୍ଦ ନଥିଲା ।୧୯୭୬ ମସିହାର ୪୨ତମ ସମ୍ବିଧାନ ସଂଶୋଧନ ଆଇନ ବଳରେ ପ୍ରସ୍ତାବନାରେ ଏହି ତିନୋଟି ଶବ୍ଦକୁ ଯୋଡାଯାଇଅଛି। ପ୍ରସ୍ତାବନା ଅନୁଯାୟୀ ଭାରତର ସାର୍ବଭୌମ କ୍ଷମତା ଲୋକମାନଙ୍କ ହସ୍ତରେ ନ୍ୟସ୍ତ ।

ଆଧୁନିକ ଯୁଗରେ ସମ୍ବିଧାନ ନିର୍ମାଣ କାର୍ଯ୍ୟ ନାଗରିକମାନଙ୍କ ଦ୍ୱାରା ବିଶେଷ ଉପରେ ଗଠିତ ଏକ ପ୍ରତିନିଧିମୂଳକ ଏକ ସମ୍ବିଧାନ ସଭା ଦ୍ୱାରା ହୁଏ। ସାଧାରଣ ଅର୍ଥରେ ଯେଉଁ ସଭା ଦେଶର ସମ୍ବିଧାନକୁ ନିର୍ମାଣ କରେ ତାକୁ ସମ୍ବିଧାନ ସଭା କୁହାଯାଏ। ୧୯୪୬ ମସିହା କ୍ୟାବିନେଟ ମିଶନ ଯୋଜନା ଭାରତରେ ଗୋଟିଏ ସମ୍ବିଧାନ ସଭା ଗଠନ କରି ସମ୍ବିଧାନ ପ୍ରଣୟନ ପାଇଁ ପ୍ରସ୍ତାବ ଦେଇଥିଲେ। ଏହି ସୁପାରିସ ଅନୁସାରେ ୧୯୪୬ ମସିହା ଜୁଲାଇ ମାସରେ ସମ୍ବିଧାନ ସଭା ପାଇଁ ନିର୍ବାଚନ ହୋଇଥିଲା। ଏଥିରେ କଂଗ୍ରେସ ୨୦୫, ମୁସଲିମ୍ ଲିଗର ୭୩, ଅକାଳୀ ଦଳର ୩ ଏବଂ ୧୮ ଜଣ ସ୍ୱାଧୀନ ସଦସ୍ୟ ନିର୍ବାଚିତ ହୋଇଥିଲେ। ମୁସଲିମ୍ ଲିଗର ୩ଟି ସଦସ୍ୟ ଏବଂ ଅକାଳୀ ଦଳର ୩ଟି ସଦସ୍ୟ କଂଗ୍ରେସକୁ ପ୍ରାପ୍ତ ହେବାରୁ ମୋଟ ୨୧୧ ଜଣ କଂଗ୍ରେସ ସଦସ୍ୟ ଥିଲେ। ସମ୍ବିଧାନର ପ୍ରଥମ ବୈଠକ ୮ ଡିସେମ୍ବର ୧୯୪୬ ମସିହାରେ ଅନୁଷ୍ଠିତ ହୋଇଥିଲା। ସମ୍ବିଧାନ ସଭାରେ ସମ୍ବିଧାନର ଏକ ଚିଠା ପ୍ରସ୍ତୁତ କରିବା ପାଇଁ ୨୯ ଅଗଷ୍ଟ ୧୯୪୭ରେ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ଅଧ୍ୟକ୍ଷତାରେ ୭ ଜଣ ସଦସ୍ୟଙ୍କୁ ନେଇ ଏକ ଚିଠା କମିଟି ଗଠନ କରାଯାଇଥିଲା । ଏହି କମିଟିର ଅନ୍ୟ ସଦସ୍ୟ ମାନେଥିଲେ ଏନ୍ ଗୋପାଳସ୍ୱାମୀ ଆୟଙ୍ଗାର, ଆଲାଦି କ୍ରିଷ୍ଣାସ୍ୱାମୀ ଆୟର, ମହମ୍ମଦ ସାଦୁଲ୍ଲା, କେ.ଏମ୍. ମୁନସୀ, ବି.ଏଲ୍.ମିତର ଏବଂ ଡି.ପି. ଖେତାନ। କିନ୍ତୁ ଅଳ୍ପ ଦିନ ପରେ ବି.ଏଲ୍ ମିତରଙ୍କ ସ୍ଥାନରେ ଏନ୍ ମାଧବନ ରାଓଙ୍କୁ ନିଆଗଲା। ୧୯୩୯ରେ ବି.ପି. ଖେତାନଙ୍କ ସ୍ଥାନରେ ଟି.ଟି କୃଷ୍ଣାମାଚାରୀଙ୍କୁ ନିଆଗଲା।

ସମ୍ବିଧାନ ସଭା ୧୯୪୬ ଡିସେମ୍ବର ୯ ତାରିଖରୁ ୧୯୪୯ ମସିହା ନଭେମ୍ବର ୨୬ ତାରିଖ ପର୍ଯ୍ୟନ୍ତ ମୋଟ ୨ବର୍ଷ ୧୧ମାସ ୧୮ ଦିନ କଠିନ ପରିଶ୍ରମ କରି ସମ୍ବିଧାନ ପ୍ରସ୍ତୁତ କରିଥିଲେ। ଏଥିପାଇଁ ୧୧ଟି ଅଧିବେଶନ ଏବଂ ୧୬୫ ଦିନ ବୈଠକ ବସିଥିଲା। ଶେଷରେ ୩୯୫ଟି ଧାରା ଏବଂ ୮ଟି ପରିଶିଷ୍ଟ ବିଶିଷ୍ଟ ଭାରତ ସମ୍ବିଧାନ ପ୍ରଣୟନ କରାଗଲା। ପଣ୍ଡିତ ଜବାହରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍, ଡଃ ରାଜେନ୍ଦ୍ର ପ୍ରସାଦ, ମୌଲାନା ଅବୁଲ କଲାମ ଆଜାଦ୍, ଚକ୍ରବର୍ତ୍ତୀ ରାଜଗୋପାଳଚାରୀ, ପଣ୍ଡିତ ଗୋବିନ୍ଦ ବଲ୍ଲଭ ପନ୍ଥ, ବାଳଗୋବିନ୍ଦ ଖେର, ବାବୁ ପୁରୁଷୋତ୍ତମ ଦାସ ଟଣ୍ଡନ, ଆଚାର୍ଯ୍ୟ କୃପାଳିନୀ ଭଳି କଂଗ୍ରେସର ପ୍ରାୟ ସମସ୍ତ ବଡ ବଡ ନେତାମାନେ ସମ୍ବିଧାନ ସଭାର ସଦସ୍ୟ ଥିଲେ। କଂଗ୍ରେସ ବ୍ୟତୀତ ଅନ୍ୟ ଦଳର ବିଶିଷ୍ଟ ନେତାମାନେ ଥିଲେ ଡଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନ, ଡଃ ଶ୍ୟାମ ପ୍ରସାଦ ମୁଖାର୍ଜୀ, ପଣ୍ଡିତ ହୃଦୟନାଥ କୁଞ୍ଜରୁ, ଡଃ ଜୟକର ଓ ପ୍ରଫେସର କେ.ଟି. ସାହ । ମହିଳା ସଦସ୍ୟମାନଙ୍କ ମଧ୍ୟରୁ ସରୋଜିନୀ ନାଇଡୁ, ହଂସା ମେହଟ୍ଟା ଏବଂ ଦୁର୍ଗାବାଇ ଦେଶମୁଖ ପ୍ରମୁଖ ଥିଲେ।

ମୌଳିକ ଅଧିକାର ଗଣତାନ୍ତ୍ରିକ ରାଷ୍ଟ୍ର ନାଗରିକଙ୍କ ପାଇଁ ରକ୍ଷାକବଚ। ଏହି ଅଧିକାର ଦ୍ୱାରା ବ୍ୟକ୍ତିକୁ ଯେଉଁ ସ୍ୱାଧୀନତା ମିଳେ ସିଏ ସେଥିରେ ସର୍ବବିଧ ଉନ୍ନତି ସାଧନ କରେ। ମୌଳିକ ଅଧିକାର କହିଲେ ରାଷ୍ଟ୍ରର ସମ୍ବିଧାନ ଦ୍ୱାରା ପ୍ରଦତ୍ତ ସବଂ ସଂରକ୍ଷିତ ଅଧିକାରକୁ ବୁଝାଏ। ଏହି ମୌଳିକ ଅଧିକାର ଗୁଡିକ ସମ୍ବିଧାନ ଦ୍ୱାରା ପ୍ରଦତ୍ତ ହେଉଥିବାରୁ ସମ୍ବିଧାନ ସଂଶୋଧନ ମାଧ୍ୟମରେ ଏହା ସଂଶୋଧିତ ହୋଇଥାଏ। ଭାରତୀୟ ନାଗରିକମାନେ ୬ଗୋଟି ମୌଳିକ ଅଧିକାର ଉପଭୋଗ କରୁଛନ୍ତି ଯଥା- ସମାନତା ଅଧିକାର, ସ୍ୱାଧୀନତା ଅଧିକାର, ଶୋଷଣ ବିରୋଧରେ ଅଧିକାର, ଧର୍ମଗତ ଅଧିକାର, ସାଂସ୍କୃତିକ ଓ ଶିକ୍ଷାଗତ ଅଧିକାର, ସାମ୍ବିଧାନିକ ପ୍ରତିକାର ଅଧିକାର। ୧୯୭୮ ମସିହା ୪୪ ତମ ସମ୍ବିଧାନ ସଂଶୋଧନ ଦ୍ୱାରା ସମ୍ପତ୍ତିଗତ ଅଧିକାରକୁ ମୌଳିକ ଅଧିକାରକୁ ବାଦ୍ ଦିଆଯାଇଛି। ଫଳରେ ଏବେ ଭାରତର ନାଗରିକ ମାନେ ପୂର୍ବରୁ ଥିବା ୭ଟି ବଦଳରେ ଏବେ ୬ଟି ମୌଳିକ ଅଧିକାର ଉପଭୋଗ କରୁଛନ୍ତି। ରାଷ୍ଟ୍ରଦ୍ୱାରା ପ୍ରଦାନ କରାଯାଉଥିବା ମୌଳିକ ଅଧିକାର ଉପଭୋଗ କରିବା ସଙ୍ଗେ ସଙ୍ଗେ ନାଗରିକମାନେ ରାଷ୍ଟ୍ରପତି କେତେକ କର୍ତ୍ତବ୍ୟ ପାଳନ ପାଇଁ ଉଲ୍ଲେଖ କରାଯାଇଛି। ସମ୍ବିଧାନର ୪୨ ତମ ସମ୍ବିଧାନ ସଂଶୋଧନ ଆଇନ ୧୯୭୬ ଦ୍ୱାରା ଏହା ଯୋଡାଯାଇଛି। ସର୍ବମୋଟ ୧୧ ଗୋଟି ମୌଳିକ କର୍ତ୍ତବ୍ୟକୁ ୫୧(କ) ଧାରାରେ ଉଲ୍ଲେଖ କରାଯାଇଛି। ତନ୍ମଧ୍ୟରୁ ସମ୍ବିଧାନ, ଜାତୀୟ ପତାକା ଓ ଜାତୀୟ ସଙ୍ଗୀତକୁ ସମ୍ମାନ ଦେବା, ଜାତୀୟ ସ୍ୱାଧୀନତା ସଂଗ୍ରାମର ଆଦର୍ଶକୁ ସଂରକ୍ଷଣ କରିବା, ଭାରତର ସାର୍ବଭୌମତ୍ୱ, ଏକତା ଓ ଅଖଣ୍ଡତାର ସୁରକ୍ଷା କରିବା, ଦେଶରକ୍ଷା ପାଇଁ ଜାତୀୟ ସେବା କରିବା ଓ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରିବା ନିମନ୍ତେ ୬ ରୁ ୧୪ବର୍ଷର ଶିଶୁମାନଙ୍କୁ ବିଦ୍ୟାଳୟକୁ ପଠାଇବା ଇତ୍ୟାଦି..।

ଇତି ମଧ୍ୟରେ ଆମ ସମ୍ବିଧାନ ତିଆରିର ୭୪ ବର୍ଷ ଅତିକ୍ରମ କରିଛି। ସମ୍ବିଧାନ କାର୍ଯ୍ୟକାରୀ ହେବା ଦିନଠାରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମାନେ ଏହି ନୀତି ଗୁଡିକୁ ପ୍ରୟୋଗକରି ଅନେକ ସଫଳତା ହାସଲ କରିଛନ୍ତି। ଏହାଦ୍ୱାରା ଦେଶରେ ଅନେକ ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ପରିବର୍ତ୍ତନ ଆସିଛି। ଭାରତୀୟ ସମ୍ବିଧାନର ନିର୍ମାତା ମାନେ ସଂଶୋଧନର ଆବଶ୍ୟକତା ପ୍ରତି ଅବଗତି ଥିଲେ। ତେଣୁ ସମ୍ବିଧାନରେ ହିଁ ତାର ସଂଶୋଧନ ପ୍ରଣାଳୀକୁ ଲିପିବଦ୍ଧ କରାଯାଇଛି। ସମ୍ବିଧାନ ପ୍ରଣୟନ ଦିନଠାରୁ ହିସାବକୁ ନେଲେ ବିଗତ ଦିନରେ ଭାରତୀୟ ସମ୍ବିଧାନ ୧୦୦ରୁ ଅଧିକ ଥର ସଂଶୋଧନ ହୋଇସାରିଛି। ଏହା ଗ୍ରହଣୀୟ ନୁହେଁ । କାରଣ ସୁପ୍ରିମ କୋର୍ଟଙ୍କ ମତରେ ସଂସଦ ସମ୍ବିଧାନର ମୌଳିକ ଢାଞ୍ଚାକୁ ସଂଶୋଧନ ବା ପରିବର୍ତ୍ତନ କରିପାରିବ ନାହିଁ। ତେଣୁ ଏଥି ପ୍ରତି ଆମ ସରକାର ସଜାଗ ରହିବା ଦରକାର।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ








କେନ୍ଦୁଝର : ବେଡ୍ ଅଭାବରୁ ରୋଗୀ ତଳେ ଚିକିତ୍ସିତ ହେଉଛନ୍ତି।



ବେପାରୁଆ ରୋଗୀଙ୍କ ଅଭିଭାବକ, ସ୍ୱାସ୍ଥ୍ୟ କେନ୍ଦ୍ର କାନ୍ଥ, ଚଟାଣରେ ପାନ ଗୁଟ୍‌ଖା ଛେପ।



ପ୍ରସୁତି ବିଭାଗର ମୁଖ୍ୟ ଦ୍ୱାରରେ ଗୁଟ୍‌ଖା ଚେକିଂ।



ମହୁଲି ମଦର କମାଲ, ଖରା ବର୍ଷା, କାକରକୁ ଖାତିର ନାହିଁ।



ଏହି ଭଳି ଦୟନିୟ ଅବସ୍ଥାରେ ଅନେକ ସରକାରୀ ଘର : ଫଟୋ ସୁରଜିତ୍ ନ୍ୟୁଜ।

# ପ୍ରାତଃରେ ପାର୍କ ଓ ନିରୋଳା ରାସ୍ତାରେ ଜମୁଛି ଭିଡ

## ବ୍ୟାୟାମ ସାଙ୍ଗକୁ ବନ୍ଧୁତା, ଖାଦ୍ୟର ମଜା ନେଉଛନ୍ତି ଲୋକେ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାତି ପାହିନାହିଁ । ସୂର୍ଯ୍ୟୋଦୟ ହୋଇନାହିଁ । ହେଲେ ସମସ୍ତେ ମୁହାଁଉଛନ୍ତି ପାର୍କ କିମ୍ବା ନିରୋଳା ରାସ୍ତା ଆଡ଼କୁ । ସେଠାରେ ପହଞ୍ଚିବା କ୍ଷଣି କିଏ ଦୌଡୁଛନ୍ତି ତ କିଏ ବ୍ୟାୟାମ କରୁଛନ୍ତି। ଆଉ କିଏ ପିଣ୍ଡି ଉପରେ ବସି ଯୋଗାସନ କରୁଛନ୍ତି । କେବଳ ସେତିକି ନୁହେଁ, ବ୍ୟାୟାମ ସରିଲା ପରେ ରାଜଧାନୀବାସୀଙ୍କ ଗହଳି ଲାଗୁଛି ପାର୍କ ନିକଟରେ ଥିବା ସ୍ୱାସ୍ଥ୍ୟକର ପାନୀୟ ଏବଂ ଖାଦ୍ୟ ଠେଲା ପାଖରେ । ଯେଉଁଠାରେ କଲରା ଓ ଅଁଳା ରସଠାରୁ ଆରମ୍ଭକରି ଗଜାମୁଗ, ସିଝା ଚଣା ଭଳି ଖାଦ୍ୟ ପାନୀୟ ମିଳୁଛି । ଏସବୁ କରୋନା ପରଠୁ ଏକ ବଡ଼ ଟ୍ରେଣ୍ଡ୍‌ରେ ପରିଣତ ହୋଇଯାଇଛି । ସ୍ୱାସ୍ଥ୍ୟକୁ ଠିକ୍ ରଖିବା ଚିନ୍ତାରେ ବର୍ତ୍ତମାନ ଦୌଡୁଛି ସାରା ରାଜଧାନୀ । ବ୍ୟସ୍ତବହୁଳ ଜୀବନରେ ଲୋକଙ୍କ ମଧ୍ୟରେ ମୋଟାପଣ ଓ ବିଭିନ୍ନ ରୋଗର ଆଶଙ୍କା ବଢୁଛି । ଆଉ ତାହା ଦୂର କରିବା ପାଇଁ ସମସ୍ତେ ପ୍ରାତଃଭ୍ରମଣ ଓ ବ୍ୟାୟାମକୁ ମାଧ୍ୟମ କରିଛନ୍ତି । କର୍ପୋରେଟ କମ୍ପାନିରେ କାମ କରୁଥିବା ବଡ଼ ଅଫିସରଙ୍କଠାରୁ ଆରମ୍ଭ କରି ଛାତ୍ରଛାତ୍ରୀଙ୍କ ପର୍ଯ୍ୟନ୍ତ ସବୁ ବର୍ଗର ଲୋକଙ୍କୁ ପାର୍କରେ ଦେଖିବାକୁ ମିଳୁଛି ।



ବିଶେଷକରି ବରିଷ୍ଠ ନାଗରିକଙ୍କ ଭିଡ଼ ଅଧିକ ଦେଖାଯାଉଛି । ସେମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଗୋଷ୍ଠୀ ରହୁଛି । ବ୍ୟାୟାମ କରିବା ସହିତ ହେଉଛି ବନ୍ଧୁମିଳନ । ରାଜଧାନୀରେ ଥିବା ଆଇଜି ପାର୍କ, ଫରେଷ୍ଟ ପାର୍କ, ମଧୁସୂଦନ ପାର୍କ, ଏକାମ୍ର ପାର୍କ ଭଳି ବିଭିନ୍ନ ପାର୍କରେ ଲୋକଙ୍କ ଗହଳି ସକାଳ ୫ରୁ ୯ଟା ପର୍ଯ୍ୟନ୍ତ ଅଧିକ ରହୁଛି । ଅଧିକାଂଶ ସମୟରେ ପାର୍କ ସମ୍ମୁଖରେ ଗାଡ଼ି ସଂଖ୍ୟା ଏତେ ହେଉଛି ଯେ ପାର୍କିଂ କରିବାକୁ ସ୍ଥାନ ଅଭାବ ପଡୁଛି । ମଧୁସୂଦନ ପାର୍କ ନିକଟରେ ଜୁସ୍ ଏବଂ ଗଜାମୁଗ ବିକୁଥିବା ଶୁଭ ମହାନ୍ତି କୁହନ୍ତି, ଭୋର ୪ଟାରୁ ଆସି ମୁଁ ଠେଲା ଲଗାଇଥାଏ । ବ୍ୟାୟାମ କରିସାରି ଲୋକମାନେ ଦୋକାନକୁ ଆସିଥାନ୍ତି । କେତେବେଳେ ୫ଶହ ଟଙ୍କା ରୋଜଗାର ହୁଏ ତ କେତେବେଳେ ୧୦୦୦ । ବିଶେଷକରି ଯଦି କାହାର ଜନ୍ମଦିନ ହୋଇଥାଏ, ତେବେ ବରିଷ୍ଠ ନାଗରିକ ସଂଘର ଲୋକମାନେ ୩୦ରୁ ୪୦ଟି ସିଝା ମୁଗ, ଚଣା ଠୋଲା ନେଇଥାନ୍ତି । ମଧୁସୂଦନ ପାର୍କକୁ ଯୋଗକରିବାକୁ ଆସୁଥିବା ୭୭ ବର୍ଷୀୟ ଜିକେ ବେହେରା କୁହନ୍ତି, ସକାଳୁ ଏଠାକୁ ଆସିବା ଦ୍ୱାରା ଯୋଗ ସହିତ ବନ୍ଧୁମାନଙ୍କ ସହିତ ଭେଟ ହୁଏ । ମନ ଓ ଶରୀର ସୁସ୍ଥ ରହୁଛି ।

# ଗୋଟିଏ ଷ୍ଟେସନ୍, ଗୋଟିଏ ଉତ୍ପାଦ ଷ୍ଟଲ୍‌ରେ ତାଲା

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ପ୍ରତ୍ୟେକ ଅଞ୍ଚଳର ସ୍ଥାନୀୟ ଉତ୍ପାଦକୁ ସାରା ଭାରତର ଯାତ୍ରୀଙ୍କ ପାଖରେ ପହଂଚାଇବା ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିଲା ଗୋଟିଏ ଷ୍ଟେସନ୍ ଗୋଟିଏ ଉତ୍ପାଦ ଷ୍ଟଲ । ଟ୍ରେନ୍‌ରେ ଯାତାୟତ କରୁଥିବା ଯାତ୍ରୀମାନେ ଯେଭଳି ପ୍ରତି ଅଂଚଳର ଉତ୍ପାଦକୁ ଜାଣିପାରିବେ ଓ କ୍ରୟ କରିପାରିବେ ସେ ନେଇ ରେଳ ମନ୍ତ୍ରଣାଳୟ ପକ୍ଷରୁ ୨୦୨୨ ରେ ଦେଶର ୧୦୮୩ଟି ଷ୍ଟେସନ୍‌ରେ ଏହି ଅଭିଯାନ ଆରମ୍ଭ କରାଯାଇଥିଲା । ଏହି କ୍ରମରେ ଦକ୍ଷିଣ ଓଡ଼ିଶାର କେନ୍ଦ୍ରସ୍ଥଳ ବ୍ରହ୍ମପୁର ରେଳଷ୍ଟେସନ୍ ଠାରେ ଗୋଟିଏ ଷ୍ଟେସନ୍, ଗୋଟିଏ ଉତ୍ପାଦ ଷ୍ଟଲ୍ ଖୋଲିଥିଲା । ତେବେ ବ୍ରହ୍ମପୁର ଷ୍ଟେସନରେ ଥିବା ଏହି ଷ୍ଟଲ୍‌ରେ ଦୀର୍ଘ ଦିନ ହେଲା ତାଲା ଝୁଲୁବା ଦେଖିବାକୁ ମିଳୁଛି । ୨୦୨୨ରୁ ବ୍ରହ୍ମପୁର ଷ୍ଟେସନ୍‌ରେ ଏହି ଷ୍ଟଲ୍ ଆରମ୍ଭ ହୋଇଥିବା ବେଳେ ଏଠାରେ ଖାଦ୍ୟ ସାମଗ୍ରୀ, ଚିତ୍ରକଳା, ପୋଷାକ ଓ ସ୍ଥାନୀୟ ହାତ ତିଆରି ଉତ୍ପାଦ ବିକ୍ରି ହେଉଥିଲା । ଷ୍ଟେସନ୍ ଦେଇ ରାଜ୍ୟକୁ





ଆସୁଥିବା ତଥା ରାଜ୍ୟ ବାହାରକୁ ଯାଉଥିବା ଯାତ୍ରୀମାନେ ଏହି ସବୁ ସ୍ଥାନୀୟ ଉତ୍ପାଦକୁ କିଣୁଥିଲେ । ଫଳରେ ସ୍ଥାନୀୟ ଅଂଚଳର ଖାଦ୍ୟପେୟ, କଳାକୃତି ଓ ହସ୍ତଶିଳ୍ପ ବାହାରେ ପ୍ରଚାରିତ ହୋଇପାରୁଥିଲା । ସ୍ଥାନୀୟ ବ୍ୟବସାୟୀ ମଧ୍ୟ ଦୁଇ ପଇସା ରୋଜଗାର କରିପାରୁଥିଲେ । ଏହା ଖୋଲିବାର ଅଳ୍ପ ଦିନ ପରେ ଏହି ଷ୍ଟଲ୍ ନିୟମିତ ଖୋଲିବାରେ ସମସ୍ୟା ଦେଖାଦେଇଥିଲା। ଫଳରେ ଏହି ଷ୍ଟଲ୍‌ରେ ତାଲା ଝୁଲୁଥିବା ଦେଖିବାକୁ ମିଳୁଛି । ଏନେଇ ବ୍ରହ୍ମପୁର ରେଳଷ୍ଟେସନ୍‌ର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଗୋଟିଏ ଷ୍ଟେସନ୍, ଗୋଟିଏ ଉତ୍ପାଦ ଷ୍ଟଲ୍ ଆମ ନିୟନ୍ତ୍ରଣରେ ନାହିଁ । ମନ୍ତ୍ରଣାଳୟ ପକ୍ଷରୁ ଟେଣ୍ଡର ବାହାରିବା ପରେ ଯିଏ ଟେଣ୍ଡର ପାଇଛି ସିଏ ଖୋଲିବା କଥା । ତେବେ ଏଠାରେ ଭଲ ବ୍ୟବସାୟ ହେଉନଥିବାରୁ ଟେଣ୍ଡରଧାରୀଙ୍କ ଫନ୍ଦି ହେବା କାରଣରୁ ଷ୍ଟଲରେ ତାଲା ଝୁଲାଇଦେଇଥିବା ସୂଚନା ମିଳିଛି ।

# ତେଲକୋଇ ରେଞ୍ଜରେ ମାଈ ହାତୀର ମୃତ୍ୟୁ : କାରଣ ଅସ୍ପଷ୍ଟ

**ତେଲକୋଇ, ନ୍ୟୁଜ ବ୍ୟୁରୋ**

ତେଲକୋଇ ରେଞ୍ଜରେ ପ୍ରାଣ ହରାଇଲା ମାଈ ହାତୀ । କନ୍ତଲେଇ ଗାଁ ବାଦିରଘେରା ଜମିରେ ପଡିଛି ହାତୀର ମୃତଦେହ । ହାତୀଟିର ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ଦନ୍ତା ଆକ୍ରମଣରେ ମାଈ ହାତୀର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି । କେନ୍ଦୁଝର ଜିଲ୍ଲା ତେଲକୋଇ ରେଞ୍ଜ ଅଞ୍ଚଳର କନ୍ତଲେଇ ଗାଁରେ ଏଭଳି ଘଟଣା ଘିଟିଛି । ସୂଚନା ମୁତାବକ, କନ୍ତଲେଇ ଗାଁ ବାଦିରଘେରା ଜମିରେ ହାତୀଟିର ମୃତଦେହ ପଡ଼ି ରହିଥିବାର ଗାଁଲୋକେ ଦେଖିଥିଲେ । ଏହା ଦେଖି ତୁରନ୍ତ ବନ ବିଭାଗର କର୍ମଚାରୀଙ୍କୁ ଖବର ଦାଇଥିଲେ । ଖବର ପାଇ ଘଟଣାସ୍ଥଳରେ ବନ ବିଭାଗର କର୍ମଚାରୀ ପହଞ୍ଚିଥିଲେ । ସେଠାରେ ପହଞ୍ଚି ହାତୀଟିର ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି । ମୃତ ହାତୀର ଶରୀରରେ କ୍ଷତ ଚିହ୍ନ ରହିଛି । ହାତୀଟିର ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ଦନ୍ତା ଆକ୍ରମଣରେ ମୃତ୍ୟୁ ହୋଇଥିବା ନେଇ ସନ୍ଦେହ କରାଯାଉଛି ।



# ଟ୍ରକ୍‌କୁ ପଛପଟୁ ଧକ୍କା ଦେଲା ଟ୍ରଲର : ଡ୍ରାଇଭର ମୃତ

**ବଡ଼ବିଲ, ନ୍ୟୁଜ ବ୍ୟୁରୋ**

ଦଶ ଚକିଆ ଟ୍ରକ୍‌କୁ ପଛପଟୁ ଧକ୍କା ଦେଲା ଟ୍ରଲର । ଦୁର୍ଘଟଣାରେ ଚାଲିଗଲା ଟ୍ରଲର ଡ୍ରାଇଭରଙ୍କ ଜୀବନ । ମୃତକ ଝାଡ଼ଖଣ୍ଡ ଚତ୍ରା ଜିଲ୍ଲାର କୈଳାସ କୁମାର ସିଂ ବୋଲି ପରିଚୟ ମିଳିଛି । କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ଏନଏଚ୍ ୨୦ ବିଲେଇପଦାରେ ଏଭଳି ଘଟଣା ଘଟିଛି । ସୂଚନା ମୁତାବକ, ବିଲେଇପଦା ଶିବ ମନ୍ଦିର ନିକଟ ରାସ୍ତା ଉପରେ ଏକ ଦଶ ଚକିଆ ଟ୍ରକ୍ ଠିଆ ହୋଇଥିଲା । ଏହି ସମୟରେ ଏକ ଟ୍ରଲର ଦ୍ରୁତ ଗତିରେ ଆସି ଉକ୍ତ ଟ୍ରକ୍‌କୁ ପଛପଟୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ଟ୍ରଲର ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିଲା । ଏହା ଦେଖି ସ୍ଥାନୀୟଲୋକେ ତୁରନ୍ତ ପୋଲିସକୁ ଖବର ଦେଇଥିଲେ । ଖବର ପାଇ ଘଟଣାସ୍ଥଳରେ ଯୋଡ଼ା ଥାନା ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏହା ସହ ଘଟଣାର ତଦନ୍ତ ମଧ୍ୟ ଚଳାଇଛି ପୋଲିସ।

## ଆଜିଠୁ ଆରମ୍ଭ ମୟୂରଭଞ୍ଜ ମହୋତ୍ସବ-୨୦୨୪

# ସାଂସ୍କୃତିକ ଶୋଭାଯାତ୍ରା ସହ ୨୦୦ରୁ ଊର୍ଦ୍ଧ୍ୱ ଷ୍ଟଲ ଖୋଲିବ

**ବାରିପଦା, ନ୍ୟୁଜ ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲାର କଳା ଓ ସଂସ୍କୃତିର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ଆଉ ସେହି କଳା ଓ ସଂସ୍କୃତିର ବିକାଶ ପାଇଁ ଏକ ଅଭିନବ ପ୍ରୟାସ ହେଉଛି ମୟୂରଭଞ୍ଜ ମହୋତ୍ସବ । ୭ମ ବର୍ଷରେ ପଦାର୍ପଣ କରିଛି ଏହି ମହୋତ୍ସବ । ଆସନ୍ତା ଡିସେମ୍ବର ୧ ତାରିଖରୁ ଆରମ୍ଭ ହୋଇ ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ ଏହି ମହୋତ୍ସବ । ବାରିପଦା ଛଉ ପଡିଆ ଠାରେ ମହୋତ୍ସବ ଆୟୋଜକ କମିଟି ଅଧ୍ୟକ୍ଷ ଅସିତ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ପ୍ରଥମ ଦିନ ରବିବାର ଅପରାହ୍ଣ ୨ଟା ସମୟରେ ରଥ ପଡିଆ ଠାରୁ ପୂର୍ବବର୍ଷ ଭଳି ଜିଲ୍ଲାର ବିଭିନ୍ନ କଳାକାରମାନଙ୍କୁ ନେଇ ପାରମ୍ପାରିକ ନୃତ୍ୟ ଗୀତରେ ତାଳେତାଳେ ଛଉ ପଡିଆ ପର୍ଯ୍ୟନ୍ତ ଆୟୋଜିତ ହେବ କାରନିଭାଲ ସୋ ବା ସାଂସ୍କୃତିକ ଶୋଭାଯାତ୍ରା । ଡିସେମ୍ବର ୨ ତାରିଖରୁ ଆସନ୍ତା ୧୦ ଦିନ ଧରି ବାରିପଦାର ଐତିହାସିକ ଛଉ ପଡିଆରେ ଅନୁଷ୍ଠିତ ହେବ ଏହି ମହୋତ୍ସବ । ଚଳିତ ବର୍ଷ ବାରୁଣେଶ୍ୱର ମହାଦେବ ମନ୍ଦିର ଆକୃତିର ତୋରଣ ମୁଖ୍ୟ ଆକର୍ଷଣ ରହିଥିବା ବେଳେ ବଲିଉଡ୍ ସୁନାମଧନ୍ୟ କଣ୍ଠଶିଳ୍ପୀ କବିତା କୃଷ୍ଣମୂର୍ତ୍ତି ଉଦଯାପନୀ ସନ୍ଧ୍ୟା ୧୧ତାରିଖରେ ଧୁମ୍ ମଚାଇବେ । ସେହିପରି ପ୍ରତିଦିନ ସନ୍ଧ୍ୟାରେ ଅନୁଷ୍ଠିତ ହେବ ସାଂସ୍କୃତିକ କାର୍ଯ୍ୟକ୍ରମ । ସିନେ ଜଗତର ବହୁ ନାମୀଦାମୀ କଳାକାର ମାନଙ୍କୁ ନେଇ ସାଂସ୍କୃତିକ



କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ । ଆଦିବାସୀ ବହୁଳ ଜିଲ୍ଲାର ଆଦିବାସୀ ପରମ୍ପରାକୁ ପ୍ରାଧାନ୍ୟ ଦେଇ ଚଳିତ ବର୍ଷ ମଧ୍ୟ ୩ ଦିନ ସ୍ୱତନ୍ତ୍ର ଆଦିବାସୀ କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ନିଆଯାଇଛି । ୩ ଦିନ ଓଡ଼ିଆ କାର୍ଯ୍ୟକ୍ରମ ସାଙ୍ଗକୁ ୨ ଦିନ କୁଡୁମାଲି କାର୍ଯ୍ୟକ୍ରମ ମଧ୍ୟ କରିବାକୁ ନିଷ୍ପତ୍ତି ହୋଇଛି । ୨ତାରିଖରେ କୁଳଦୀପ ଓ ଅନ୍ତରା ଚକ୍ରବର୍ତ୍ତି ମଞ୍ଚରେ ସଙ୍ଗୀତ ପରିବେଷଣ କରିବାକୁ ଥିବା ବେଳେ ୩ ତାରିଖରେ ପ୍ରସିଦ୍ଧ ଗାୟିକା ତଥା ସାରେଗାମା ବିଜେତା ଅଙ୍କିତା ଭଟ୍ଟାଚାର୍ଯ୍ୟ ଓ ଟିମ୍। ସେହିଭଳି ୪ ତାରିଖରେ କୁଡୁମାଲି ଗାୟିକା ଲିପିନି ଓ ରଞ୍ଜିତ ମହାନ୍ତ ଙ୍କ ଗୀତରେ ଝୁମିବେ ଦର୍ଶକ। ୫ ତାରିଖରେ ଆଦିବାସୀ ସନ୍ଧ୍ୟାରେ ମଙ୍ଗଲ ହାଁସଦା ଓ ସାଥୀଙ୍କ ସଙ୍ଗୀତରେ ଝୁମିବେ ଦର୍ଶକ। ୬ ତାରିଖରେ ପାମେଲା ଜୈନ , ଶଶାଙ୍କ ଶେଖର ଓ ସ୍ୱରାଜ ବାରିକ ମଞ୍ଚରେ ଧୁମ୍ ମ୍ୟାଚାଇବାକୁ ଥିବା ବେଳେ ସ୍ୱତନ୍ତ୍ର ଆକର୍ଷଣ ରହିବ ଆସାମର ବିହୁ ଡାନ୍ସ। ୭ତାରିଖରେ ପୁଣି ଆଦିବାସୀ ଗୀତ ନେଇ ଆସିବେ ରାମ ମୁଣ୍ଡାରୀ ଓ ରଞ୍ଜିତ ସିଂ ଏବଂ ବାବଲୁ ଅଙ୍ଗରାଇ। ୮ ତାରିଖରେ ହାସ୍ୟ ଅଭିନେତା ପପୁ ପମପମଙ୍କ ସହ ଓଡ଼ିଆ କଣ୍ଠଶିଳ୍ପୀ ଇରା ମହାନ୍ତି ଦର୍ଶକଙ୍କୁ ମତୁଆଲା କରିବେ। ୯ ତାରିଖରେ କୁଡୁମାଲି ସନ୍ଧ୍ୟାରେ ଗୌତମ, ପମି ଓ ଊର୍ମିଳା ମହାନ୍ତ ଗୀତ ପରିବେଷଣ କରିବେ। ୧୦ ତାରିଖ ଆଦିବାସୀ ସନ୍ଧ୍ୟାକୁ ଅଧିକ ଆକର୍ଷଣୀୟ କରିବାକୁ ଆସିବେ ଆଦିବାସୀ ସୁପର ଷ୍ଟାର କଳ୍ପନା ହାଁସଦା ଓ ଟିମଙ୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା ସୂଚନା ଦେଇଛନ୍ତି । ସେହିପରି ଚଳିତ ବର୍ଷ ମୟୂରଭଞ୍ଜ ଜିଲ୍ଲାର କଳା ଓ ସଂସ୍କୃତି ସହ ଅନ୍ୟ ଜିଲ୍ଲା ମାନଙ୍କର କଳାର ଆଦାନ ପ୍ରଦାନର ବ୍ୟବସ୍ଥା କରାଯାଇଛି । ଏହି ମହୋତ୍ସବରେ ମୟୂରଭଞ୍ଜ ଜିଲ୍ଲାର ହସ୍ତଶିଳ୍ପରୁ ଆରମ୍ଭ କରି କୁଟୀର ଶିଳ୍ପ, ଖେଳନାରୁ ଆରମ୍ଭ କରି ପୋଷାକ ଆଉ ତା ସହ ଘରକରଣା ସାମଗ୍ରୀ ଏବଂ ପାରମ୍ପାରିକ ଖାଦ୍ୟ ମୁଢି ମାଂସ ସହ ଅନ୍ୟାନ୍ୟ ଖାଦ୍ୟର ମଧ୍ୟ ମଜା ଉଠାଇ ପାରିବେ ଦର୍ଶକ । ୨୦୦ରୁ ଉର୍ଦ୍ଧ୍ୱ ଷ୍ଟଲ ଖୋଲିବ ଏହି ମହୋତ୍ସବରେ । ପ୍ରତିଦିନ ସନ୍ଧ୍ୟା ୫ଟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟିର ସଭାପତି କୃଷ୍ଣାନନ୍ଦ ମହାନ୍ତି କହିଛନ୍ତି । ଯୁବପିଢୀଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସେଲ୍ଫି ଜୋନର ବ୍ୟବସ୍ଥା କରାଯାଉଛି ମହୋତ୍ସବରେ । ଏଥି ସହିତ ଫୁଟବଲ୍, ଲାଖବିନ୍ଧା ପ୍ରତିଯୋଗିତା ସାଙ୍ଗକୁ ରିଲ୍ସ ପ୍ରତିଯୋଗିତାକୁ ମଧ୍ୟ ପ୍ରାଧାନ୍ୟ ଦିଆଯାଇଛି । ଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମୟୂରଭଞ୍ଜ ଜିଲ୍ଲାର ପୁରୁଣା ସ୍ମୃତିକୁ ସାଉଁଟି ସେଲଫି ଜୋନ ପ୍ରସ୍ତୁତ ହୋଇଛି । ମୟୁରଭଞ୍ଜ ମହୋତ୍ସବର ସାଂସ୍କୃତିକ ଶୋଭାଯାତ୍ରାରେ ବିଭିନ୍ନ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନର ସଦସ୍ୟ ଓ ଛାତ୍ରଛାତ୍ରୀ ମାନଙ୍କୁ ଯୋଗ ଦେବାକୁ କମିଟିର ସଭାପତି ଶ୍ରୀ ମହାନ୍ତି ନିବେଦନ କରିଛନ୍ତି ।ଏହି ସାମ୍ବାଦିକ ସମ୍ମିଳନୀ ରେ ଅନ୍ୟମନଙ୍କ ମଧ୍ୟରେ ବିପ୍ଳବ ବୁଗୁଡେଇ, ଲଡୁକେଶ୍ୱର ରଣା, ସତ୍ୟଜିତ ସୋମ, ତାପସ ପାଢ଼ୀ, ରାକେଶ ସିଂ, ନିମାଇଁ ତ୍ରିପାଠୀ, ଅରୁଣ ବରାଡ଼, ରାକେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# କଣ୍ଟାବାଞ୍ଜି ଗସ୍ତରେ ସମ୍ବଲପୁର ରେଳ ମଣ୍ଡଳ ଡି.ଆର.ଏମ

**କଣ୍ଟାବାଞ୍ଜି, ନ୍ୟୁଜ ବ୍ୟୁରୋ**

ସମ୍ବଲପୁର ରେଳ ମଣ୍ଡଳ ଅଧିନସ୍ଥ କଣ୍ଟାବାଞ୍ଜି ଗସ୍ତରେ ଆସିଥିଲେ ସମ୍ବଲପୁର ରେଳ ମଣ୍ଡଳ ଡିଆରଏମ ତୁଷାରକାନ୍ତ ପାଣ୍ଡେ। ସେ ସ୍ୱତନ୍ତ୍ର ଟ୍ରେନ ଯୋଗେ କଣ୍ଟାବାଞ୍ଜି ଷ୍ଟେସନ ପହଞ୍ଚି କଣ୍ଟାବାଞ୍ଜି ରେଲବାଇ ଷ୍ଟେସନ ପରିଦର୍ଶନ କରିଥିଲେ। ବର୍ତ୍ତମାନ କେନ୍ଦ୍ର ରେଲ ବିଭାଗ କଣ୍ଟାବାଞ୍ଜି ରେଲବାଇ ଷ୍ଟେସନକୁ ଅମୃତ ଭାରତ ରେଳ ଷ୍ଟେସନ ଯୋଜନାରେ ସାମିଲ କରି ରୁପାନ୍ତରିତ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଭିନ୍ନ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ତାହାର ତଦାରଖ କରି ଦେଖିଥିଲେ। ପରେ ଷ୍ଟେସନ ପରିସରରେ ଟିକେଟ କାଉଣ୍ଟର ବୁଲି ଦେଖିଥିଲେ। ରେଲ ଷ୍ଟେସନ ଉନ୍ନତୀକରଣ ପାଇଁ ଷ୍ଟେସନ ପରିସରରେ ଥିବା ଦୋକାନ ମାନଙ୍କୁ ଉଛେଦ କରିବା ରେଲ ବିଭାଗ ଘୋଷଣା କରିଛି। ଦୋକାନୀମାନଙ୍କ ଅଭିଯୋଗରେ ତାଙ୍କୁ ପ୍ରଥମେ ଥଇଥାନ କରାଯାଉ ପୁଣି ଉଛେଦ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ଡିଆରଏମ କଣ୍ଟାବାଞ୍ଜି ଗସ୍ତରେ ଆସିଥିବା ବେଳେ ଦୋକାନୀମାନେ ତାଙ୍କୁ ସାକ୍ଷାତ କରି ତାଙ୍କ ସମସ୍ୟା ଜଣାଇଛନ୍ତି। ଡିଆରଏମ କଣ୍ଟାବାଞ୍ଜି ରେଲବାଇ ଅଞ୍ଚଳର ବିଭିନ୍ନ ସମୀକ୍ଷା କରିବା ପରେ ସ୍ୱତନ୍ତ୍ର ଟ୍ରେନ ଯୋଗେ ପୁଣି ଫେରିଯାଇଥିଲେ। ତାଙ୍କ ଗସ୍ତ ସମୟରେ ରେଲ ବିଭାଗ ଅନେକ ଅଧିକାରୀ ଉପସ୍ଥିତ ଥିଲେ।



## ଦୀର୍ଘ ସାମୁଦ୍ରିକ ବେଳାଭୂମିର ଫାଇଦା ଉଠାଇପାରୁନି ଓଡ଼ିଶା

# ନଡ଼ିଆ ଚାଷୀଙ୍କ ଅଣ୍ଟା ମୋଡ଼ି ଦେଉଛି ବାତ୍ୟା

**କଟକ, ନ୍ୟୁଜ ବ୍ୟୁରୋ**

୪୮୦ କିମି ଦୀର୍ଘ ସାମୁଦ୍ରିକ ବେଳାଭୂମି । ୮ଟି ଜିଲ୍ଲାକୁ ଲାଗି ରହିଛି ସମୁଦ୍ର । ନଡ଼ିଆ ଚାଷ ପାଇଁ ସବୁଠୁ ଉତ୍କୃଷ୍ଟ ପରିବେଶ । ଅନୁକୂଳ ପରିବେଶ ପାଇଁ ହିଁ ଦିନେ ଓଡ଼ିଶା ନଡ଼ିଆ ତଥା ପଇଡ଼ରେ ବଳକା ରାଜ୍ୟ ଥିଲା । ଅନ୍ୟ ରାଜ୍ୟକୁ ଓଡ଼ିଶାରୁ ନଡ଼ିଆ ରପ୍ତାନୀ ହେଉଥିଲା । କିନ୍ତୁ ଏବେ ସ୍ଥିତି ଓଲଟା । ଓଡ଼ିଶା ଏବେ ନଡ଼ିଆ, ପଇଡ଼ ପାଇଁ ଆନ୍ଧ୍ର ଉପରେ ନିର୍ଭରଶୀଳ। ବିଶେଷ କରି କିଛି ବର୍ଷ ହେଲା ଓଡ଼ିଶାର ପଇଡ଼ ବଜାର ଆନ୍ଧ୍ରପ୍ରଦେଶର ଉତ୍ପାଦନ ଉପରେ ସିଧାସଳଖ ନିର୍ଭର କରୁଛି । ଅଣ୍ଡା, କୁକୁଡ଼ା, ମାଛ ପରେ ଏବେ ଆନ୍ଧ୍ରର ପଇଡ଼ ଓଡ଼ିଶା ବଜାରରେ ହାଉଯାଉ ହେଉଛି । ଗୋଟେ ପଟେ ପ୍ରତି ବର୍ଷ, ଦୁଇବର୍ଷ ଅନ୍ତରରେ ଆସୁଥିବା ବାତ୍ୟା ଓଡ଼ିଶାର ନଡ଼ିଆ ଚାଷୀଙ୍କ ଅଣ୍ଟା ଭାଙ୍ଗି ଦେଉଛି, ଅନ୍ୟପଟେ ସରକାରୀ ପ୍ରୋତ୍ସାହନର ଅଭାବ କାରଣରୁ ନଡ଼ିଆ ଚାଷ ପ୍ରତି ଲୋକଙ୍କ ଆଗ୍ରହ କମୁଛି । ଫଳରେ ନଡ଼ିଆ ଚାଷରେ ଆଗୁଆ ଥିବା ପୁରୀ, କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଗଞ୍ଜାମ, ବାଲେଶ୍ୱର ଆଦି ଜିଲ୍ଲାରେ କେବଳ ନଡ଼ିଆ ନୁହେଁ ପଇଡ଼ ବି ଅଭାବ ହେଲାଣି। ଓଡ଼ିଶାରେ ବର୍ଷକୁ ପ୍ରାୟ ୪୬ କୋଟି ନଡ଼ିଆର ଆବଶ୍ୟକତା ରହିଛି । କିନ୍ତୁ ଓଡ଼ିଶାରେ ବର୍ତ୍ତମାନ ବର୍ଷକୁ ପ୍ରାୟ ୩୯ କୋଟି ନଡ଼ିଆ ଉତ୍ପାଦନ ହେଉଛି। ଫଳରେ ଆହୁରି ପ୍ରାୟ ୭ କୋଟି ନଡ଼ିଆର ଅଭାବ ପଡୁଛି । ଏବେ ପଇଡ଼ର ଚାହିଦା ବହୁତ ବଢ଼ିଯାଇଛି। ତେଣୁ ନଡ଼ିଆ ହେବା ପୂର୍ବରୁ ଲୋକେ ପଇଡ଼ କାଟି ବିକି ଦେଉଛନ୍ତି । ଏହା ସତ୍ତ୍ୱେ ପଇଡ଼ ଚାହିଦା ପୂରଣ ହୋଇପାରୁନାହିଁ । ଏଣେ ପଇଡ଼ ତୋଳା ହୋଇଯାଉଥିବାରୁ ନଡ଼ିଆ ବି ମିଳୁନାହିଁ । ୧୯୯୯ ମହାବାତ୍ୟା ପରେ ଉପକୂଳ ଜିଲ୍ଲାରେ ହଜାର ହଜାର ସଂଖ୍ୟାରେ ନଡ଼ିଆ ଗଛ ଭାଙ୍ଗି ଯାଇଥିଲା । ବିଶେଷକରି ଜଗତସିଂହପୁର, କେନ୍ଦ୍ରାପଡ଼ା ଆଦି ଜିଲ୍ଲାରେ ନଡ଼ିଆର ଅଭାବ ଦେଖାଦେଇଥିଲା । ତେବେ ଏହି ଅଭାବ ଗଞ୍ଜାମ, ପୁରୀ ଆଦି ଜିଲ୍ଲାରୁ ପୂରଣ ହୋଇ ପାରୁଥିଲା । କିନ୍ତୁ ଗଞ୍ଜାମ ଜିଲ୍ଲାକୁ ବାତ୍ୟା ତିତିଲି ଏବଂ କଟକ, ପୁରୀ, ଖୋର୍ଦ୍ଧା ଆଦି ଜିଲ୍ଲାକୁ ବାତ୍ୟା ଫନି ମାଡ଼ ହେବା ପରେ ନଡ଼ିଆ ଚାଷକୁ ବିପୁଳ ମାତ୍ରାରେ କ୍ଷତିଗ୍ରସ୍ତ କରିଥିଲା । ସେବେଠାରୁ ଧୀରେଧୀରେ ନଡ଼ିଆ ଉତ୍ପାଦନ କମିକମି ଚାଲିଛି । ତେଣୁ ନଡ଼ିଆ ଓ ପଇଡ଼ ଅଭାବ ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି । ସେହିପରି ନଡ଼ିଆ ଓ ନଡ଼ିଆଜାତ ଦ୍ରବ୍ୟଜନିତ ଶିଳ୍ପ ପାଇଁ ସରକାରୀ ପ୍ରୋତ୍ସାହନ ବିଶେଷ ନଥିବାରୁ ନଡ଼ିଆ ଚାଷ ପ୍ରତି ଲୋକଙ୍କ ଆଗ୍ରହ ରହୁନାହିଁ। ଓୟୁଏଟି ନଡ଼ିଆ ଗବେଷଣା କେନ୍ଦ୍ରର ସହକାରୀ ପ୍ରଫେସର ଅଜିତ୍ କୁମାର ସାହୁ କହନ୍ତି, ରାଜ୍ୟରେ ଏବେ ବାର୍ଷିକ ୬ରୁ ୮କୋଟି ପର୍ଯ୍ୟନ୍ତ ପଇଡ଼ର ଆବଶ୍ୟକତା ରହିଛି । ସାଧାରଣ ଲୋକେ ଏବେ ସ୍ୱାସ୍ଥ୍ୟପ୍ରତି ଅଧିକ ସଚେତନ ହେବା ଫଳରେ ପଇଡ଼ର ଚାହିଦା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି । କିନ୍ତୁ ଏତେ ଚାହିଦାକୁ ଓଡ଼ିଶା ପୂରଣ କରିବାକୁ ସକ୍ଷମ ହେଉନାହିଁ । ଫଳରେ ଓଡ଼ିଶା ବଜାରକୁ ଆନ୍ଧ୍ରର ଶ୍ରୀକାକୁଲମ୍ ଜିଲ୍ଲାରୁ ଅଧିକ ସଂଖ୍ୟକ ପଇଡ଼ ଆସୁଛି। ସେଠାରୁ ବ୍ୟବସାୟୀମାନେ ପଇଡ଼ ଗୋଟାକ ୧୫/୨୦ଟଙ୍କାରେ ଆଣୁଛନ୍ତି । ପଇଡ଼ ଉପରେ ରାସ୍ତାରେ କୌଣସି ଟୋଲ୍‌ଗେଟ୍‌ରେ ମଧ୍ୟ ଟିକସ୍ ଲାଗୁ ହୋଇନଥାଏ । ପରିବହନ ଖର୍ଚ୍ଚ ବାବଦକୁ ଗୋଟେ ପଇଡ଼ରେ ଅଧିକ ୫ଟଙ୍କା ଖର୍ଚ୍ଚ ହେଉଛି । ତେଣୁ ଏଠାକାର ପଇଡ଼ ବ୍ୟବସାୟୀମାନେ ଭଲ ଦି' ପଇସା ପାଉଛନ୍ତି । ତେବେ ଓଡ଼ିଶାରେ ନଡ଼ିଆ ଚାଷ ବ୍ୟବସାୟ ଦୃଷ୍ଟିକୋଣରୁ କରାଯାଉନଥିବାରୁ ଉତ୍ପାଦନ ପ୍ରଭାବିତ ହେଉଛି ବୋଲି ଶ୍ରୀ ସାହୁ କହିଛନ୍ତି ।

# ୫୦ କେଜି ଗଞ୍ଜେଇ ସହ ମହିନ୍ଦ୍ରା ସ୍କର୍ପିଓ ଜବତ : ୫ ଗିରଫ



**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ସହରର କୁଞ୍ଜ ଛକ ପାଖରୁ ଜିଲ୍ଲା ଅବକାରୀ ବିଭାଗ ପାଞ୍ଚ ଜଣ ଚୋରା ଚାଲାଣ କରୁଥିବା ଗଞ୍ଜେଇ ବେପାରୀଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଅବକାରୀ ବିଭାଗ କୌଣସି ସୂତ୍ରରୁ ଖବର ପାଇ ସୋନପୁର - ବୌଦ୍ଧ ରାସ୍ତାରେ ଯାଞ୍ଚ କରୁଥିବା ବେଳେ ବୌଦ୍ଧ ପଟରୁ ଆସୁଥିବା ଏକ ମାହିନ୍ଦ୍ରା ସ୍କର୍ପିଓ ଗାଡ଼ି ନଂ ଓଡ଼ି୧୫ଇଇ-୬୩୩୧କୁ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ୨ ଟି ଜରି ଅଖାରେ ଭର୍ତ୍ତି ଥିବା ୫୦ କେଜି ଗଞ୍ଜେଇ ଜବତ କରିବା ସହ ଗାଡିରେ ଥିବା ୫ ଜଣ ବେପାରୀ ଆସାମର କରୀମଗଞ୍ଜ ଜିଲ୍ଲା ନିବାସୀ ମହଫୁଜ ହୁସେନ(୨୪), ବରଗଡ ଜିଲ୍ଲା ବୁଡେନ ଥାନା ଅଞ୍ଚଳର ମନୋଜ ସାହୁ(୨୮), ଝାରବନ୍ଧ ଥାନା ଅନ୍ତର୍ଗତ ଡୁର୍ଲା ର ସତ୍ୟାନନ୍ଦ ବେହେରା (୩୧) ଏବଂ ଝାରସୁଗୁଡ଼ା ଟାଉନ ଥାନା ଅଞ୍ଚଳ ର ଝୋଥିକା ଦାସ(୨୫), ଲଇକେରା ଥାନା କିମିରାର ଜୀତେନ୍ଦ୍ର ପଟେଲ(୨୮)କୁ ଗିରଫ କରିଛି ଅବକାରୀ ବିଭାଗ। ଅବକାରୀ ଏସପି ପ୍ରବୀର ସାମଲଙ୍କ ନିର୍ଦ୍ଦେଶରେ ଏହି ଚଢାଉ ରେ ଅବକାରୀ ଇନ୍ସପେକ୍ଟର ପ୍ରକାଶ ସା ଙ୍କ ନେତୃତ୍ୱରେ ବିଭାଗର କର୍ମଚାରୀମାନେ କୁଞ୍ଜ ଛକ ପାଖରେ ଅପରାହ୍ଣ ୩ଟା ବେଳେ ଏହି ଚଢାଉ କରିଥିବା ବେଳେ ପରେ ସନ୍ଧ୍ୟା ପ୍ରାୟ ୭ ଟା ବେଳେ ଅଭିଯୁକ୍ତ ମାନଙ୍କୁ ଗିରଫ କରିଥିଲେ। ତେବେ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚଲାଣ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ହାଇବ୍ରିଡ ମଡେଲରେ ରାଜି ପାକିସ୍ତାନ ! ରଖିଲା ବଡ଼ ସର୍ତ୍ତ



**ନୂଆଦିଲ୍ଲୀ**

ଶେଷରେ ମୁଣ୍ଡ ନୁଆଁଇଲା ପାକିସ୍ତାନ। ହାଇବ୍ରିଡ ମଡେଲରେ ଚାମ୍ପିୟନ୍ସ ଟ୍ରଫି ୨୦୨୫ ଆୟୋଜନ କରିବାକୁ ପାକିସ୍ତାନ କ୍ରିକେଟ ବୋର୍ଡ ରାଜି ହୋଇଛି। ଏନେଇ ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଶୁକ୍ରବାର ବୈଠକରେ ହାଇବ୍ରିଡ ମଡେଲ ହିଁ ଏକମାତ୍ର ବିକଳ୍ପ ବୋଲି ପାକିସ୍ତାନ କ୍ରିକେଟ ବୋର୍ଡକୁ ସିଧା ସିଧା ଶୁଣାଇ ଦେଇଥିଲା। ଆଇସିସି ହାତରୁ ଆୟୋଜନ ଅଧିକାର ଖସିଯିବା ଭୟରେ ଏବେ ହାଇବ୍ରିଡ ମଡେଲକୁ ଗ୍ରହଣ କରିଛି ପିସିବି। ହେଲେ ସେ ଏଥିପାଇଁ ଆଇସିସି ନିକଟରେ କେତେକ ସର୍ତ୍ତ ମଧ୍ୟ ରଖିଥିବା ରିପୋର୍ଟ ପ୍ରକାଶ ପାଇଛି।

ଏମିତି ସର୍ତ୍ତ ରଖିଛି ପାକିସ୍ତାନ !

ଶନିବାର ବସିଥିବା ଆଇସିସି ବୈଠକରେ ମଧ୍ୟ 'ହାଇବ୍ରିଡ ମଡେଲ୍'ରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ପାକିସ୍ତାନ କ୍ରିକେଟ ବୋର୍ଡ ଆପତ୍ତି କରିଥିଲା। ହେଲେ ଆଜିର ସଦ୍ୟତମ ଖବର ଅନୁସାରେ ପିସିବି ହାଇବ୍ରିଡ ମଡେଲ ପାଇଁ ରାଜି ହୋଇଛି, କିନ୍ତୁ ଏଥିପାଇଁ ଆଇସିସି ଆଗରେ କିଛି ସର୍ତ୍ତ ରଖିଛି।

ପ୍ରଥମ ସର୍ତ୍ତ- କେବଳ ଭାରତୀୟ ଦଳର ସମସ୍ତ ମ୍ୟାଚ ଦୁବାଇରେ ଖେଳାଯିବ। କାରଣ ଭାରତ ସରକାର ଏହାର ଦଳକୁ ପାକିସ୍ତାନ ପଠାଇବାକୁ ମନା କରିଛନ୍ତି।

ଦ୍ୱିତୀୟ ସର୍ତ୍ତ- ଯଦି ଗ୍ରୁପ ପର୍ଯ୍ୟାୟରୁ ଭାରତୀୟ ଦଳ ଆଗକୁ ବଢ଼ିବାରେ ବିଫଳ ହୁଏ, ତେବେ ଲାହୋରରେ ସେମିଫାଇନାଲ ଏବଂ ଫାଇନାଲ ମ୍ୟାଚ ଆୟୋଜନ କରିବ ପାକିସ୍ତାନ।

ତୃତୀୟ ସର୍ତ୍ତ- ପିସିବି ଅନୁରୋଧ କରିଛି ଯେ ଭାରତ ଭବିଷ୍ୟତରେ ଯେକୌଣସି ଆଇସିସି ଇଭେଣ୍ଟ ଆୟୋଜନ କରେ, ପାକିସ୍ତାନ ଦଳ ଭାରତ ନଯାଇ ନିରପେକ୍ଷ ସ୍ଥାନରେ ଏହାର ମ୍ୟାଚ ଖେଳିବ।

୨୯ ନଭେମ୍ବରରେ ଅନୁଷ୍ଠିତ ବୈଠକରେ ପିସିବିକୁ ଶେଷ ବିକଳ୍ପ ଦେଇଥିଲା ଆଇସିସି । ଏହି ବୈଠକରେ ଆଇସିସି ସ୍ପଷ୍ଟ ଭାବରେ କହିଥିଲା ଯେ ଚାମ୍ପିୟନ୍ସ ଟ୍ରଫି ଆୟୋଜନ ପାଇଁ ପାକିସ୍ତାନ 'ହାଇବ୍ରିଡ ମଡେଲ୍' ଗ୍ରହଣ କରିବା ଉଚିତ, ନହେଲେ ଏହି ପ୍ରତିଯୋଗିତା ଆୟୋଜନରୁ ଓହରିଯିବାକୁ ପ୍ରସ୍ତୁତ ହେବା ଉଚିତ୍ । ବର୍ତ୍ତମାନ ପିସିବିର ଅନ୍ତିମ ଉତ୍ତରକୁ ଅପେକ୍ଷା କରିଛି। ଆଇସିସି ବର୍ତ୍ତମାନ ଏଭଳି ସର୍ତ୍ତ ସହିତ ପାକିସ୍ତାନ ହାଇବ୍ରିଡ ମଡେଲ ଗ୍ରହଣ କରିବାକୁ ପ୍ରସ୍ତୁତ ଥିବାବେଳେ ଖୁବଶୀଘ୍ର ଆଇସିସି ବୈଠକ ଡକାଯିବ ବୋଲି ଗଣମାଧ୍ୟମ ରିପୋର୍ଟ ପ୍ରକାଶ ପାଇଛି।

# ଅଣ୍ଡର-୧୯ ଏସିଆ କପ୍: ପାକିସ୍ତାନଠୁ ହାରିଲା ଭାରତ

**ନୂଆଦିଲ୍ଲୀ**

ପରାଜୟରୁ ଭାରତର ଅଣ୍ଡର-୧୯ ଏସିଆ କପ ଅଭିଯାନ ଆରମ୍ଭ। ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ପାରମ୍ପାରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ ଖେଳି ପରାଜୟ ବରଣ କରିଛି। ଭାରତ ଏହି ମ୍ୟାଚରେ ପାକିସ୍ତାନର ଓପନର ଶାହଜୈବ ଖାନଙ୍କ ଐତିହାସିକ ୧୫୯ ରନର ପାଳି ବଳରେ ପାକିସ୍ତାନ ୨୮୧ ରନ ହାସଲ କରିଥିଲା। ଜବାବରେ କେବଳ ୨୩୮ ରନରେ ସମସ୍ତ ୱିକେଟ ହରାଇଛି ଭାରତ। ଫଳରେ ପ୍ରଥମ ମ୍ୟାଚରେ ୪୩ ରନର ବଡ଼ ପରାଜୟର ସାମ୍ନା କରିଛି ଭାରତ।

ଏହି ମ୍ୟାଚରେ ଟସ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ପାକିସ୍ତାନ। ଦଳର ଦୁଇ ଓପନର ଉସମାନ ଖାନ ଓ ଶାହଜୈବ ଖାନ ଦଳ ପାଇଁ ଆକ୍ରାମଣାତ୍ମକ ଆରମ୍ଭ କରିଥିଲେ। ଉଭୟ ପ୍ରଥମ ୱିକେଟ ପାଇଁ ଦଳୀୟ ଖାତାରେ ୧୬୦ ରନ ଯୋଡ଼ିଥିଲେ। ପ୍ରଥମ ୱିକେଟ ଭାବେ ୬୦ ରନ କରି ଉସମାନ ଖାନ ପାଭିଲିୟନ ଫେରିଥିଲେ। ଏହାପରେ ଗୋଟିଏ ପଟେ ଶାହଜୈବ ଖାନ ବିସ୍ଫୋରକ ବ୍ୟାଟିଂ ଜାରି ରଖିଥିବା ବେଳେ ଅନ୍ୟପଟେ କୌଣସି ବ୍ୟାଟର ଭାରତୀୟ ବୋଲିଂ ଆଟାକ ଆଗରେ ଛିଡ଼ା ହୋଇ ପାରିନଥିଲେ। ଶାହଜୈବ ଶେଷ ଓଭର ପର୍ଯ୍ୟନ୍ତ ଆକ୍ରମଣାତ୍ମକ ଅନ୍ଦାଜରେ ଖେଳି ୧୪୭ ବଲରୁ ୫ ଚୌକା ଓ ୧୦ ଛକା ବଳରେ ୧୫୯ ରନ ହାସଲ କରିଥିଲେ। ଜବାବରେ ପାକିସ୍ତାନ ମଧ୍ୟକ୍ରମ ଓ ନିମ୍ନକ୍ରମରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ମଧ୍ୟ ନିର୍ଦ୍ଧାରିତ ୫୦ ଓଭରରେ ୭ ୱିକେଟ ହରାଇ ୨୮୧ ରନ ହାସଲ କରିନେଇଥିଲା।

ଏହି ପାଳିରେ ଭାରତ ପକ୍ଷରୁ ସମର୍ଥ ନାଗରାଜ ସର୍ବାଧିକ ୩ଟି ୱିକେଟ ହାସଲ କରିଥିବାବେଳେ ଆୟୁଷ ମହାତ୍ରେ ୨ଟି ୱିକେଟ ଅକ୍ତିଆର କରିଥିଲେ। ଯୁଦ୍ଧଜିତ ଗୁହା ଓ କିରନ ଚୋରମାଲେ ଗୋଟିଏ ଲେଖାଏଁ ସଫଳତା ହାସଲ କରିଥିଲେ। କେବଳ ୨ ଓଭରରେ ୩୪ ରନ ବ୍ୟୟ କରି ମହମଦ ଏନାନ ସବୁଠାରୁ ମହଙ୍ଗା ବୋଲର ସାବ୍ୟସ୍ତ ହୋଇଥିଲେ। ତାଙ୍କୁ କୌଣସି ସଫଳତା ବି ମିଳିନଥିଲା।

ଏହାପରେ ଭାରତ ୨୮୨ ରନର ଟାର୍ଗେଟ ନେଇ ମୈଦାନକୁ ଓହ୍ଲାଇଥିଲା। ଭାରତ ପାଇଁ ଆକ୍ରମଣାତ୍ମକ ଆରମ୍ଭ କରିଥିଲେ ଓପନର ଆୟୁଷ ମହାତ୍ରେ । ସେ ୧୪ ବଲରୁ କେବଳ ପାଞ୍ଚଟି ଚୌକା ବଳରେ ୨୦ ରନ କରି ଆଉଟ ହୋଇଯାଇଥିଲେ। ଅନ୍ୟପଟେ ଆଇପିଏଲ ୨୦୨୫ ପାଇଁ ମେଗା ଅକ୍ସନରେ ରାଜସ୍ଥାନ ରୟାଲ୍ସ କିଣିଥିବା ୧୩ ବର୍ଷର ଚର୍ଚ୍ଚିତ ବାଳକ ବୈଭବ ସୂର୍ଯ୍ୟବଂଶୀ କେବଳ ୧ ରନ କରି ଆଉଟ ହୋଇଥିଲେ। ଫଳରେ କେବଳ ୨୮ ରନରେ ଭାରତ ଦୁଇଟି ୱିକେଟ ହରାଇଥିଲା। ଏହାପରେ କିଛି ସମୟ ସ୍କୋର ବୋର୍ଡକୁ ଗତି ଦେବାପରେ ଆନ୍ଦ୍ରେ ସିଦ୍ଧାର୍ଥ (୧୫) ମଧ୍ୟ ଆଉଟ ହୋଇଥିଲେ। ଅଧିନାୟକ ମହମଦ ଏମାନ କେବଳ ୧୬ ରନ କରିବାରେ ସକ୍ଷମ ହୋଇଥିଲେ।

ଭାରତ ପକ୍ଷରୁ ନିଲ କୁମାର ସର୍ବାଧିକ ୬୭ ରନର ପାଳି ଖେଳିଥିଲେ। ତାଙ୍କର ଏହି ପାଳିରେ ୬ ଚୌକା ଓ ୩ଟି ଛକା ମଧ୍ୟ ସାମିଲ ଅଛି। ଅନ୍ୟମାନଙ୍କ ମଧ୍ୟରେ ମହମଦ ଏନାନ (୩୦)ଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟାଟର ୩୦ ରନ କରିବାକୁ ସକ୍ଷମ ହୋଇନଥିଲେ। ଫଳରେ ୪୭.୧ ଓଭରରେ ୨୩୮ ରନରେ ସମସ୍ତ ୱିକେଟ ହରାଇଛି ଭାରତ।



# ଯାଜପୁର ଜିଲ୍ଲା ଆନ୍ତଃ କ୍ଲବ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ
# କେ.ଏନ୍.ଏସ୍.ଏ ଯାଜପୁର ରୋଡ଼ ବିଜୟୀ

**ଯାଜପୁର : ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ଓ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌ର ମିଳିତ ଆନୁକୂଲ୍ୟରେ ଆନ୍ତଃ ଜିଲ୍ଲା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ନାଥସାହିସ୍ଥିତ ନୂଆପଡ଼ା ଖେଳପଡ଼ିଆଠାରେ ଅନୁଷ୍ଠିତ ୩ୟ ଦିବସ ମ୍ୟାଚ ବି.ଏମ୍.ସି.ସି, ଗୋଳକୁଣ୍ଡ ଓ କେ.ଏନ୍.ଏସ୍.ଏ, ଯାଜପୁର ରୋଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ କେ.ଏନ୍.ଏସ୍.ଏ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବି.ଏମ୍.ସି.ସି, ଗୋଳକୁଣ୍ଡ ବ୍ୟାଟିଂ କରି ମାତ୍ର ୧୯.୪ ଓଭର ଖେଳି ସମସ୍ତ ଉଇକେଟ୍ ହରାଇ ୫୪ ରନ୍ ସଂଗ୍ରହ କରିଥିଲା । ଦଳପକ୍ଷରୁ ସୌଭାଗ୍ୟ ଧଳ ୨୩ ରନ୍ ସଂଗ୍ରହ କରିଥିଲେ । କେ.ଏନ୍.ଏସ୍.ଏ, ଯାଜପୁର ରୋଡ଼ର ବୋଲର ସୌମ୍ୟକାନ୍ତ ବିଶ୍ୱାଳ ୬ ଓଭର ବୋଲିଂ କରି ୧୦ ରନ୍ ଦେଇ ୫ଟି ଉଇକେଟ୍ ଅକ୍ତିଆର କରିଥିବାବେଳେ ଦିବ୍ୟରଞ୍ଜନ ଦାସ ୪.୪ ଓଭର ବୋଲିଂ କରି ୧୮ ରନ୍ ଦେଇ ୩ଟି ଉଇକେଟ୍ ଅକ୍ତିଆର କରିଥିଲେ । ଏହାର ଜବାବରେ କେ.ଏନ୍.ଏସ୍.ଏ, ଯାଜପୁର ରୋଡ଼ ୧୨.୩ ଓଭର ଖେଳି ୧ ଉଇକେଟ୍ ହରାଇ ୫୭ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳପକ୍ଷରୁ ଶୁଭମ୍ ସିଂ ୨୧ ରନ୍ କରିଥିବାବେଳେ ଦିବ୍ୟରଞ୍ଜନ ଦାସ ୧୪ ରନ୍ ସଂଗ୍ରହ କରିଥିଲେ । ଆଜିର ଏହି ମ୍ୟାଚକୁ ଅମ୍ପାୟାରଭାବେ ଶାରଦା ପ୍ରସନ୍ନ ମହାପାତ୍ର ଓ ଦୀପ୍ତିରଞ୍ଜନ ମହାନ୍ତି ପରିଚାଳନା କରିଥିଲେ।

# ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରିତାର ସମୀକ୍ଷା

**କେନ୍ଦ୍ରାପଡା : ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରିତାର ସମୀକ୍ଷା ବୈଠକ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଦୟାସିନ୍ଧୁ ପରିଡା, ଗ୍ରାମୀଣ ଜଳ ଯୋଗାଣ ସଂସ୍ଥାର ନିର୍ବାହୀ ଯନ୍ତ୍ରୀ ବସନ୍ତ ନାୟକଙ୍କ ସମେତ ପଦସ୍ଥ ଅଧିକାରୀ ମାନେ ବୈଠକରେ ଉପସ୍ଥିତ ରହି ସମୀକ୍ଷା କରିଥିଲେ । ଜିଲ୍ଲା ଜଳ ପରିମଳ କମିଟି ଅଧିନରେ ଜିଲ୍ଲାର ୪ଟି ମେଗା ଜଳ ପ୍ରକଳ୍ପ ଉପରେ ସମୀକ୍ଷା କରାଯାଇଥିଲା । ମାର୍ଶାଘାଇ ମହାକାଳପଡା, ପଟ୍ଟାମୁଣ୍ଡାଇ, ଆଳି, ରାଜକନିକା ଆଦି ଅଞ୍ଚଳରେ ଏହି ଜଳ ପ୍ରକଳ୍ପ ଗୁଡିକର ଅଗ୍ରଗତି ସଂପର୍କରେ ସମୀକ୍ଷା କରାଯାଇଥିଲା । ଏହି କାମ ନେଇଥିବା ଏଜେନ୍ସି ଗୁଡିକର କର୍ମକର୍ତ୍ତା ମାନଙ୍କୁ ତୁରନ୍ତ ଅଧିକ ଶ୍ରମିକ ଲଗାଇ ପ୍ରକଳ୍ପ କାମ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିଭଳି ଗ୍ରାମାଞ୍ଚଳ, ଗୃହ ଯୋଗାଣ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ହିତାଧିକାରୀ ଚିହ୍ନଟ ପ୍ରକ୍ରିୟା ଓ ଉପଯୁକ୍ତ ହିତାଧିକାରୀ ଚୟନ କରାଯାଇ ନୂତନ ସର୍ଭେ କରାଯିବାକୁ ଓ ଅସମ୍ପୂର୍ଣ୍ଣ ହୋଇଥିବା ଗୃହ ଗୁଡିକୁ ତୁରନ୍ତ ସାରିବାକୁ ଅଗ୍ରାଧିକାର ଦିଆଯାଇଛି । ସେହିଭଳି ମହାତ୍ମାଗାନ୍ଧୀ ନିଶ୍ଚିନ୍ତ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା ଅଧିନରେ ଗ୍ରାମାଂଚଳରେ ଅଧିକରୁ ଅଧିକ ଲୋକ ମାନଙ୍କୁ କର୍ମ ନିଯୁକ୍ତି ଯୋଗାଇବା ପାଇଁ ନିଯୁକ୍ତି ଭିତିକ ଯୋଜନା କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ପ୍ରାୟ ଜିଲ୍ଲାର ୧୪୧୪ ଟି ଗାଁରେ କରାଯାଉ ଥିବା ବିଭିନ୍ନ ସରକାରୀ ଯୋଜନାରେ ଅଧିକ ଲୋକଙ୍କୁ କାମରେ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିଭଳି ଜିଲ୍ଲାରେ ନିର୍ମାଣାଧୀନ ଅଙ୍ଗନୱାଡି କେନ୍ଦ୍ରର ଗୃହ କାର୍ଯ୍ୟକୁ ସମୟସୀମା ମଧ୍ୟରେ ସଂପୂର୍ଣ୍ଣ କରିବାକୁ ସଂପୃକ୍ତ ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହ ସାଂସଦ ଓ ବିଧାୟକ ମାନଙ୍କ ସହାୟତା ପାଣ୍ଠିର ସୁ-ବିନିଯୋଗ କରିବା ପାଇଁ ଥିବା ପ୍ରସ୍ତାବ ଗୁଡିକ ଉପରେ ଆଲୋଚନା କରାଯାଇ ଥିଲା । ଜନ ସାଧାରଣଙ୍କ କାର୍ଯ୍ୟରେ ଲାଗୁଥିବା ଉପଯୁକ୍ତ ପ୍ରସ୍ତାବରେ ସାଂସଦ ଓ ବିଧାୟକଙ୍କ ସହାୟତା ପାଣ୍ଠି ବିନିଯୋଗ କରାଯିବାକୁ ପ୍ରସ୍ତାବ ଗୃହୀତ ହୋଇଛି। ବୈଠକରେ ସଂପୃକ୍ତ ବିଭାଗ ଗୁଡିକର ପଦସ୍ଥ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# କୁମାରବସ୍ତ ଲୋକନାଥ କ୍ରିକେଟ
# ବାଙ୍କୁଆଳ ଓ ବାଙ୍କୀ ବିଜୟୀ



**ଖୋର୍ଦ୍ଧା।**

ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ରାଉଜିଂଷ୍ଟାର କ୍ରିକେଟ କ୍ଲବ ଆନୁକୁଲ୍ୟରେ ଲୋକନାଥ ଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟ କୁମାରାବସ୍ତ ଖେଳପଡିଆର ୭ମ ଦିବସରେ ପ୍ରଥମ ମ୍ୟାଚ ରେ ବାଙ୍କୁଆଳ ଦଳ କାଇପଦର ଦଳ କୁ ୧୧ ରନ ରେ ପରାସ୍ତ କରିଛି। ବାଙ୍କୁଆଳ ପ୍ରଥମେ ବ୍ୟାଟିଂ କରି ୧୮୮ ରନ କରିଥିଲେ। ଦଳ ପକ୍ଷରୁ ଦିଲ୍ଲୀପ ମହାରଣା ୬୬ ରନ କରିଥିଲେ। ଜବାବରେ କାଇପଦର ଦଳ କୁଲଦୀପ ପାଇକରାୟଙ୍କ ୮୮ ରନ ବଳରେ ମାତ୍ର ୧୭୭ ରନ ରେ ସୀମିତ ରହିଥିଲା। ଦ୍ୱିତୀୟ ମ୍ୟାଚ ରେ ବାଙ୍କୀ ଦଳ ରଣପୁର ଦଳକୁ ୮୦ ରନରେ ପରାସ୍ତ କରିଛି। ବାଙ୍କୀ ଦଳ ପ୍ରଥମେ ବ୍ୟାଟିଂ କରି ବାବୁଲା ଦଳେଇଙ୍କ ୬୮ ରନ ସହାୟତାରେ ୧୬ ଓଭର ରେ ୪ ୱିକେଟ ହରାଇ ୧୮୯ ରନ ସଂଗ୍ରହ କରିଥିଲେ। ଜବାବରେ ରଣପୁର ଦଳ ୧୪ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୧୦୯ ରନରେ ସିମୀତ ରହିଥିଲେ ଦଳ ତରଫରୁ ଏସ ଆର ରାୟ ୨୯ କରିଥିଲେ।

ଅତିଥି ସଞ୍ଜୟ ପାଇକରାୟ ପ୍ରଥମ ମ୍ୟାଚର ଶ୍ରେଷ୍ଠ ଖେଳାଳି ଦିଲ୍ଲୀପ ମହାରଣାଙ୍କୁ ଏବଂ ଦ୍ୱିତୀୟ ମ୍ୟାଚରେ ଅତିଥି ଲକ୍ଷ୍ମୀଧର ଛୋଟରାୟ ଶ୍ରେଷ୍ଠ ଖେଳାଳି ଭାବେ ବାବୁଲା ଦଳେଇଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଖେଳକୁ ଛବି ନାରାୟଣ ସାହୁ, ସାନୁଜ ବିଶ୍ୱାଳ ଓ ଅମିୟ ପ୍ରଧାନ ପରିଚ୍ଛଳନା କରିଥିଲେ। କାଜଲ ବଳିଆରସିଂ ଓ ଆଶୁତୋଷ ପରିଡ଼ା ମ୍ୟାଚ ରେଫରୀ, ସ୍କୋରର ଭାବେ ରଂଜନ ବରାଳ, ସିବଦତ୍ତ ବଡ଼ଜେନା ଓ ଜନ୍ମେଜୟ ଛୋଟରାୟ ଥିଲେ। ସଂଯୋଜକ ଭାବେ ଶ୍ରଧାକର ପାତ୍ର ଏବଂ ଅବ୍ୟକ୍ତ ହରିହର ଖାଡଙ୍ଗା କାର୍ଯ୍ୟ କରିଥିଲେ। ୦୧/୧୨/୨୪ ରବିବାର ଦିନ ପ୍ରଥମ ମ୍ୟାଚ ଯଦୁପୁର ବନାମ ଗୁରୁଜଙ୍ଗ ଏବଂ ଦ୍ୱିତୀୟ ମ୍ୟାଚ ମେଣ୍ଢାଶାଳ ବନାମ ଢେଙ୍କାନାଳ ମଧ୍ୟରେ ହେବ ବୋଲି ଦୁର୍ଯ୍ୟୋଧନ ପରିଡ଼ା ଜଣାଇଛନ୍ତି।

# ଓଡ଼ିଆ ପୁଅଙ୍କ ବାଲୁକା କଳାକୁ ରାଷ୍ଟ୍ରପତିଙ୍କ ପ୍ରଶଂସା



**ବ୍ରହ୍ମପୁର : ନ୍ୟୁଜ୍ ବ୍ୟୁରୋ**

ବାଲୁକା କଳାରେ ନିଜର ପ୍ରତିକୃତି ଦେଖି ଓଡ଼ିଆ ପୁଅକୁ ପ୍ରଶଂସା କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । କେନ୍ଦ୍ରଶାସିତ ଅଂଚଳ ଦାଦ୍ରା ନଗର ହାବେଳି ଏବଂ ଡ଼ାମନ ଡ଼ିୟ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଆସିଥିବା ରାଷ୍ଟ୍ରପତି ଶ୍ରୀମତି ମୁର୍ମୁ ନିଜର ବାଲୁକା କଳା ପ୍ରତିକୃତି ଦେଖି ଓଡ଼ିଆ ପୁଅକୁ ପ୍ରଶଂସା କରିଛନ୍ତି । ଏହି ବାଲୁକା କଳାକୁ ବ୍ରହ୍ମପୁର ସହର ଉପକଣ୍ଠ ବୋରିଗାଁ ଅଂଚଳର ନାରାୟଣ ସାହୁ ପ୍ରସ୍ତୁତ କରିଥିଲେ । ଦାଦ୍ରା ନଗର ହାବେଳି ପ୍ରଶାସନ ପକ୍ଷରୁ ତାଙ୍କୁ ନିମନ୍ତ୍ରଣ କରାଯାଇଥିଲା । ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତିଙ୍କ ବାଲୁକା କଳା ପ୍ରସ୍ତୁତ କରିବାକୁ କୁହାଯାଇଥିଲା। ବାଲୁକାଶିଳ୍ପୀ କେଉଁଝରର ନିଶିକାନ୍ତ ବେହେରା ସେଠାରେ ପଂହଚି ବାଲୁକା କଳାରେ ରାଷ୍ଟ୍ରପତିଙ୍କ ପ୍ରତିକୃତି ପ୍ରସ୍ତୁତ କରିଥିଲେ । ଏହି ବାଲୁକା କଳା ୩୦ ଫୁଟ ଲମ୍ବା ରହିଥିବା ବେଳେ ୭ ରୁ ୮ ଫୁଟ ଉଚ୍ଚତା ରହିଥିବା କହିଛନ୍ତି ନାରାୟଣ । ସେପଟେ ଓଡ଼ିଆ ପୁଅ ଏଭଳି ପ୍ରସ୍ତୁତ କରିଥିବା ଜାଣିପାରିବା ପରେ ଏହାକୁ ଦେଖି ବେଶ ଖୁସି ଅନୁଭବ କରିଥିବା ବେଳେ ଧନ୍ୟବାଦ୍ ପ୍ରଦାନ କରିଥିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ସେପଟେ ରାଷ୍ଟ୍ରପତିଙ୍କ ସହିତ ସାକ୍ଷାତ କରି ବେଶ ଖୁସି ଏବଂ ଗର୍ବ ଅନୁଭବ କରିଛନ୍ତି ଶ୍ରୀ ସାହୁ । ପୂର୍ବରୁ ଶ୍ରୀ ସାହୁ ଜାତୀୟ ଏବଂ ଅନ୍ତର୍ଜାତିକ ସ୍ତରରେ ଅନେକ ବାଲୁକା କଳା ପ୍ରସ୍ତୁତ କରି ପ୍ରଶଂସା ସାଉଣ୍ଟିଛନ୍ତି । ଅଯୋଧ୍ୟା ରାମମନ୍ଦିର ପ୍ରତିଷ୍ଠା ସମୟରେ ମଧ୍ୟ ନିମନ୍ତ୍ରିତ ହୋଇ ବାଲୁକା କଳା ପ୍ରସ୍ତୁତ କରିଥିଲେ।

# ସୂଚନା ଓ ଲୋକସମ୍ପର୍କ ବିଭାଗର କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକଙ୍କ ଭଦ୍ରକ ଗସ୍ତ

**ଭଦ୍ରକ : ନ୍ୟୁଜ୍ ବ୍ୟୁରୋ**

ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ, କେନ୍ଦ୍ରାଞ୍ଚଳ କଟକ ହେମନ୍ତ କୁମାର ନାୟକ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ ପାଇଁ ଭଦ୍ରକ ଜିଲ୍ଲା ଗସ୍ତରେ ଆସିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଓ ଅନ୍ୟ ଦୁଇ କର୍ମଚାରୀ ମୀନାକ୍ଷୀ ଗରାବଡୁ ଓ ସୁରେଶ ଚନ୍ଦ୍ର ତ୍ରିପାଠୀ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସ୍ୱାଗତ କରିଥିଲେ।

ନିକଟରେ ପୁନରୁଦ୍ଧାର କରାଯାଇଥିବା କାର୍ଯ୍ୟାଳୟ କୋଠା, ଘରର ବିଭିନ୍ନ କକ୍ଷ, ପଠନାଗାର ଓ କାର୍ଯ୍ୟାଳୟର ଆସବାବପତ୍ର ପରିଦର୍ଶନ କରିବା ସହିତ ନିର୍ମାଣାଧିନ ପ୍ରାଚୀର ଓ ଗେଟ୍ କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ପ୍ରଦାନ କରିଥିଲେ। କାର୍ଯ୍ୟାଳୟର କେଶବୁକ୍, ସଂପୃକ୍ତ ସମସ୍ତ ରେଜିଷ୍ଟର, ଆବଶ୍ୟକ ଫାଇଲପତ୍ର ତଦାରଖ କରିଥିଲେ । ସୂଚନା କେନ୍ଦ୍ର ତଥା ପଠନାଗାର ଭଦ୍ରକର ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଅବଗତ ହୋଇଥିଲେ । ଆସନ୍ତା ଡିସେମ୍ବର ମାସରେ ଅବସର ନେବାକୁ ଥିବା କାର୍ଯ୍ୟାଳୟର ଏକମାତ୍ର ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପେନ୍‌ସନ୍ ସଂକ୍ରାନ୍ତୀୟ ସମସ୍ତ କାର୍ଯ୍ୟ ଠିକ୍ ସମୟରେ ସମ୍ପାଦନ କରିବା ପାଇଁ ଡ଼ି.ଆଇ.ପି.ଆର୍.ଓଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ ।

ଆରଡ଼ି ପୀଠରେ ଥିବା ସୂଚନା କେନ୍ଦ୍ର ତଥା ପଠନାଗାର କର୍ମଚାରୀ ଅଭାବରୁ ଦୀର୍ଘ ବର୍ଷ ଧରି ଖୋଲାଯାଇ ପାରୁନଥିବାରୁ ସେଠାକାର ସ୍ଥିତାବସ୍ଥା ପରଖିବା ପାଇଁ ଆରଡ଼ି ଗ୍ରସରେ ଯାଇଥିଲେ । ବାବା ଆଖଣ୍ଡଳମଣିଙ୍କ ମନ୍ଦିର ପରିଦର୍ଶନ ସହ ଭଡ଼ା ଘରେ ସୂଚନା କେନ୍ଦ୍ରର ସମସ୍ତ ଆସବାବପତ୍ରକୁ ରଖାଯାଇ ତାଲା ପକାଯାଇଥିବା ଦେଖି ଉକ୍ତ କେନ୍ଦ୍ର ସ୍ଥାନାନ୍ତର ପାଇଁ ସରକାରୀ ଘର ଯୋଗାଇ ଦେବାକୁ ଜିଲ୍ଲା ପ୍ରଶାସନକୁ ଜଣାଇବା ପାଇଁ ଉପନିର୍ଦ୍ଦେଶକ ଡ଼ିଆଇପିଆରଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ ।

# ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

**ଭଦ୍ରକ : ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ, ଭଦ୍ରକର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଆଇନ୍‌ସେବା ପ୍ରାଧିକରଣ ସଚିବ ଶ୍ରୀମତୀ ନେହା ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ଗେଲଟୁଆ ଉଚ୍ଚ ବିଦ୍ୟାଳୟ, ଭଦ୍ରକ ଠାରେ ଏକ ସଚେତନତା କାର୍ଯ୍ୟକ୍ରମ କରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବାସୁଦେବ ସ୍ୱାଇଁ, ଗେଲଟୁଆ ନୋଡ଼ାଲ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଚାରୁଲତା ମହାପାତ୍ର, ଗେଲଟୁଆ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଗୀତାଞ୍ଜଳୀ ଦାସ, ଶିକ୍ଷକ ପ୍ରତାପ କୁମାର ଦାସ, ଏଲ୍.ଏ.ଡ଼ିସି.ଏସ୍. ଭଦ୍ରକର ସହାୟକ ତାପସ କୁମାର ମହାନ୍ତି ତଥା ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର କର୍ମକର୍ତ୍ତାମାନେ ଯୋଗ ଦେଇ ଏହି ସଚେତନତା କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ମୌଳିକ କର୍ତ୍ତବ୍ୟ, ଶିଶୁ ସହ ଜଡ଼ିତ ଯୌନ ନିର୍ଯ୍ୟାତନା, ଅଧିନିୟମ, କିଶୋର ନ୍ୟାୟ ଅଧିନିୟମ, ବାଲ୍ୟବିବାହ, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ସଂପର୍କିତ ଆଇନ୍ ସମ୍ବନ୍ଧରେ ଉପସ୍ଥିତ ଥିବା ସମସ୍ତ ଅତିଥିଗଣ ବିଦ୍ୟାଳୟର ପିଲାମାନଙ୍କୁ ବିଭିନ୍ନ ଗଳ୍ପ, ଭିଡ଼ିଓ ମାଧ୍ୟମରେ ବୁଝାଇଥିଲେ ।

# ନାବାଳିକାକୁ ଅସଦାଚରଣ ଅଭିଯୋଗରେ ଫେରାର ଯୁବକ ଗିରଫ

**ବାରଙ୍ଗ : ନ୍ୟୁଜ୍ ବ୍ୟୁରୋ**

ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ୫ବର୍ଷରୁ ଉର୍ଦ୍ଧ ସମୟଧରି ଫେରାର ଥିବା ଯୁବକକୁ ବାରଙ୍ଗ ଥାନା ପୋଲିସ ଗିରଫ କରି ବିଚାର ବିଭାଗୀୟ ଅଦାଲତକୁ ପଠାଇଛି। ସୂଚନାଯୋଗ୍ୟ ବାରଙ୍ଗ ଥାନା ଅନ୍ତର୍ଗତ ଫୁଲପୋଖରୀ ଗ୍ରାମର ବିକାଶ ବାରିକ ୨୦୧୯ ମସିହାରେ ଉକ୍ତ ଗ୍ରାମର ଜଣେ ନାବାଳିକାକୁ ଅସଦାଚରଣ କରିଥିଲେ। ଏ ସଂକ୍ରାନ୍ତରେ ବାରଙ୍ଗ ଥାନାରେ ଏକ ଲିଖିତ ଅଭିଯୋଗ ହୋଇଥିଲା। ଘଟଣା ପରଠାରୁ ଅଭିଯୁକ୍ତ ଫେରାର ଥିଲା। ବାରଙ୍ଗ ଥାନା ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ବିକାଶଙ୍କୁ ଗିରଫ କରିବାରେ ସଫଳ ହୋଇଛି। ବିକାଶଙ୍କୁ ଗୁରୁବାର ଅପରାହ୍ନରେ ବିଚାର ବିଭାଗୀୟ ଅଦାଲତକୁ ପଠାଯାଇଛି।

# ସିଦ୍ଧଳ ଠାରେ ଶ୍ରୀ ବଳଦେବଜୀଉ ମନ୍ଦିର ଉନ୍ନତିକରଣ ନିମନ୍ତେ ବୈଠକ

**ଜଗତସିଂହପୁର ନ୍ୟୁଜ୍ ବ୍ୟୁରୋ**

ସିଦ୍ଧଳ ସ୍ଥିତ ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିର ପରିସରରେ ମନ୍ଦିରର ଉନ୍ନତୀକରଣ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ରେ ଅଧ୍ୟକ୍ଷତା କରି ଉପ ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ କହିଲେ ଯେ, ଭଗବାନ ସମସ୍ତ ଶ୍ରଦ୍ଧାଳୁ ଙ୍କର। ତେଣୁ ପରସ୍ପର ମତଭେଦ କୁ ଦୂରରେ ରଖି ମନ୍ଦିର ର ସୁପରିଚାଳନା ଏବଂ ଉତ୍ତରୋତ୍ତର ଉନ୍ନତି ପାଇଁ କାର୍ଯ୍ୟ କରିବା ସମସ୍ତଙ୍କର କର୍ତ୍ତବ୍ୟ ହେବା ଆବଶ୍ୟକ । ମନ୍ଦିର ର ବ୍ୟୟ ଅଟକଳ, ରଙ୍ଗ କରିବା, ଶ୍ରୀ ଜିଉ ଙ୍କ ନିତିକାନ୍ତି, ଉନ୍ନତିମୂଳକ କାର୍ଯ୍ୟ ଆଦି ବିଷୟ ରେ ବୈଠକ ରେ ଆଲୋଚନା କରଯାଇଥିଲା। ସମସ୍ତଙ୍କ ସହଯୋଗ ରେ କାର୍ଯ୍ୟ ହୋଇପାରିବ ବୋଲି ଶ୍ରୀ ତାରାଇ ମତ ପ୍ରକାଶ କରିଥିଲେ। ପ୍ରକାଶ ଥାଉକି, ମାନ୍ୟବର ସୁପ୍ରିମ କୋର୍ଟ ଙ୍କ ନିର୍ଦ୍ଦେଶ କ୍ରମେ ଶ୍ରୀ ବଳଦେବଜୀଉ ଙ୍କ ମନ୍ଦିର ଦେବୋତ୍ତର ବିଭାଗ ଙ୍କ ତତ୍ତ୍ୱାବଧାନରେ ରହିଅଛି। ଏହି ଆଦେଶ ଅନୁଯାୟୀ ଉପ ଜିଲ୍ଲାପାଳ, ଜଗତସିଂହପୁର ମନ୍ଦିର ପରିଚାଳନା କମିଟି ର ଟ୍ରଷ୍ଟି ଭାବ କାର୍ଯ୍ୟରତ । ଏହି ବୈଠକ ରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ପ୍ରତିଚୀ ତନୟା ମହାନ୍ତି, ଆଇ ଆଇ ସି , ଜଗତସିଂହପୁର, ଙ୍କ ପ୍ରତିନିଧି, ମନ୍ଦିର ସମ୍ପାଦକ ଜ୍ୟୋତି ରଞ୍ଜନ ପରିଡା, ସଭ୍ୟ।

# ଝିଅକୁ ଉଦ୍ଧାର କରିବା ଦାବିରେ ଥାନା ଆଗରେ ପରିବାରର ଧାରଣା

**ନିଶ୍ଚିନ୍ତକୋଇଲି ନ୍ୟୁଜ୍ ବ୍ୟୁରୋ**

ନାବାଳିକା ଝିଅ ଘରୁ ନିଖୋଜ ହେବାର ୮ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ହାତ ଖାଲି। ପୋଲିସ ଠାରୁ ନ୍ୟାୟ ନପାଇବାରୁ ଥାନା ଆଗରେ ଧାରଣା ଦେଇଛନ୍ତି ନାବାଳିକା ଙ୍କ ପରିବାର ଲୋକେ। କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ଥାନା ଅଂଚଳର ଘଟଣା।ଗତ ୨୦ ତାରିଖ ରେ ନାବାଳିକା ଝିଅ ହୋଇଥିଲା ନିଖୋଜ। ନାବାଳିକା ଝିଅ ନିଖୋଜ ହେବା ଦିନଠାରୁ ଝିଅର ମା' , ନିଜ ଝିଅ କୁ ଫେରି ପାଇବା ଆଶାରେ ଥାନା କୁ ଦୌଡି ଦୌଡି ନିରାଶ ହେଲେଣି। ଏପରିକି ଘରେ ୮ ଦିନ ହେଲା ଆଉ ଚୁଲି ଜଳୁ ନାହିଁ। ନିଶ୍ଚିନ୍ତକୋଇଲି ପୋଲିସ ଉପରେ ସଂପୃକ୍ତ ନାବାଳିକା ଙ୍କ ପରିବାର ର ଭରସା ଓ ବିଶ୍ୱାସ ପୋଲିସ ଠାରୁ ତୁଟିବାକୁ ବସିଲାଣି। ଏଣୁ ଝିଅ କୁ ଫେରି ପାଇବା ଆଶାରେ ଥାନା ଆଗରେ ଧାରଣା ଦେଇଛନ୍ତି ନାବାଳିକା ଙ୍କ ପରିବାର ଲୋକେ। ସୂଚନା ଅନୁଯାୟୀ ଏହି ନାବାଳିକା ଝିଅ ଙ୍କୁ ଗତ ୨୧ ତାରିଖ ସଂଧ୍ୟାରେ କଟକ ପାଗା ଛକ ଠାରେ ଶିଶୁ ସୁରକ୍ଷା ବିଭାଗ ଧରି ପାଗା ଫାଣ୍ଡି ପୋଲିସ ର ହେପାଜତ କୁ ଦେଇଥିଲା। ପରେ ପାଗା ଫାଣ୍ଡି ପୋଲିସ ସ୍ଥାନୀୟ ଏକ ବାଳିକା ଶିକ୍ଷା ଶ୍ରମ ରେ ରଖିଥିଲା। ସେଠାରେ ଜିଲା ସୁରକ୍ଷା ଦୃଷ୍ଟିରୁ ଝିଅ କୁଆଡେ ପଳାଇ ଯାଇଛି ବୋଲି ସଂପୃକ୍ତ ଶିକ୍ଷଶ୍ରମ ପକ୍ଷରୁ ପାଗା ଫାଣ୍ଡି ରେ ଏତଲା ଦିଆଯାଇଥିଲା । ଏତଲା କୁ ଭିତ୍ତି କରି ପାଗା ଫାଣ୍ଡି ପୋଲିସ କେନ୍ଦୁପାଟଣା ଅଂଚଳର ଜଣେ ଯୁବକ ଙ୍କୁ ନେଇ ପଚରାଉଚରା ପରେ ଛାଡ଼ି ଦେଇଥିବା ସୂଚନା ଦେଇଛନ୍ତି ପାଗା ଫାଣ୍ଡି ଅଧିକାରୀ। ଏପଟେ ପୂର୍ବରୁ ପରିବାର ପକ୍ଷରୁ ନିଶ୍ଚିନ୍ତକୋଇଲି ଥାନା ରେ ହୋଇଥିବା ଏତଲା ରେ ଖାଲି ନାବାଳିକା ଙ୍କ ମା'କୁ ସାନ୍ତ୍ୱନା ହିଁ ମିଳିଛି, ହେଲେ ନିଜର ନାବାଳିକା ଝିଅ ମିଳିନାହିଁ। ଏପଟେ ସ୍ଥାନୀୟ ପୋଲିସ ଉପରେ ପରିବାର ଭରସା ହରାଇ ଆଇଜି ସେଣ୍ଟ୍ରାଲ ପୋଲିସ, ଗ୍ରାମାଞ୍ଚଳ ଏସପି ଙ୍କୁ ଲିଖିତ ଅଭିଯୋଗ ପରେ ନ୍ୟାୟପାଇବା ଓ ନାବାଳିକା ଝିଅ କୁ ଫେରି ପାଇବା ଆଶାରେ ନିଶ୍ଚିନ୍ତକୋଇଲି ଥାନାଆଗରେ ସପରିବାର ବସିଛନ୍ତି। ଲୋକଙ୍କ ସରକାର କହୁଥିବା ଏବେକାର ସରକାର ତୁରନ୍ତ ଏହି ବିଷୟ କୁ ଗୁରୁତର ସହ ନେଇ ପିଡୀତ ପରିବାର କୁ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ସ୍ଥାନୀୟ ଅଂଚଳରେ ଦାବି ଜୋର୍ ଧରିଛି

# ସ୍କୁଲ ମିଶ୍ରଣକୁ ବାତିଲ କରିବା ପାଇଁ ଗ୍ରାମବାସୀଙ୍କ ଦାବି

**କେନ୍ଦ୍ରାପଡା : ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ ଅଧିନ ରାଜଗଡ ପଂଚାୟତର ଗୟାସପୁର ଠାରେ ଥିବା ୧୩୫ ବର୍ଷର ପୁରୁଣା ସରକାରୀ ପ୍ରାଥମିକ ବିଦ୍ୟାଳୟ କୁ ୨୦୨୦ ମସିହାରେ ଗୋବିନ୍ଦପୁର ପ୍ରାଥମିକ ବିଦ୍ୟାଳୟ ରେ ଭୁଲ ତଥ୍ୟ ଆଧାରରେ ମିଶ୍ରଣ କରାଯାଇଛି । ବର୍ତମାନ ୬୦ ରୁ ଉର୍ଦ୍ଧ୍ୱ ଆର୍ଥିକ ଦୁର୍ବଳ ଶ୍ରେଣୀର ଛାତ୍ରଛାତ୍ରୀ ବିଦ୍ୟାଳୟରେ ନାମ ଲେଖାଇ ଥିବାବେଳେ ଏହାକୁ ପୁନର୍ବାର ପୂର୍ବ ଅବସ୍ଥାକୁ ଫେରାଇ ଆଣିବା ପାଇଁ ସ୍କୁଲ ପରିଚାଳନା କମିଟିର ସଦସ୍ୟ, ଅଭିଭାବକ ମାନେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ଅବିନାଶ ବେହେରା, ନିରନ ମନ୍ତ୍ରୀ, ତପନ ରାଉତ, ପିତାମ୍ବର ସ୍ୱାଇଁ, ସରୋଜକା' ସେଠୀ, କାଂଚନ ସେଠୀ, ସବିତା ନାୟକ, ନୟନା ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।



# ଜାତୀୟ ପ୍ରତିଷ୍ଠାନ ଆଇଜରକୁ ଆଲୋକିତ କଲା ଟିପିଏସ୍ଓଡିଏଲ୍

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ଟିପି ସଦର୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ(ଟିପିଏସ୍ଓଡିଏଲ୍) ପକ୍ଷରୁ ବ୍ରହ୍ମପୁର ସ୍ଥିତ ଭାରତୀୟ ବିଜ୍ଞାନ ଶିକ୍ଷା ଏବଂ ଅନୁସନ୍ଧାନ ସଂସ୍ଥାନ(ଆଇଜର)କୁ ସ୍ୱତନ୍ତ୍ର ଭାବେ ୩୩ କେଭି ବିଦ୍ୟୁତ ଲାଇନ୍ ସଂଯୋଗ କରାଯାଇଛି । ଏହି ପଦକ୍ଷେପ ଦ୍ୱାରା ଭାରତର ଶିକ୍ଷା ଏବଂ ଗବେଷଣାକୁ ସୁଦୃଢ଼ କରିବା ଦିଗରେ କମ୍ପାନୀ ଭାଗୀଦାର ହୋଇପାରିଛି । ଏହା ବିଜ୍ଞାନ ଏବଂ ଗବେଷଣା କ୍ଷେତ୍ରରେ ଭାରତର ଭବିଷ୍ୟତ ନିର୍ମାଣ କରୁଥିବା ଆଇଜର ଭଳି ଜାତୀୟ ସଂସ୍ଥାକୁ ଭରସାଯୋଗ୍ୟ ବିଦ୍ୟୁତ ସେବା ଯୋଗାଇବା ଦିଗରେ ଟିପିଏସ୍ଓଡିଏଲର ପ୍ରତିବଦ୍ଧତାକୁ ଦର୍ଶାଉଛି । ବଙ୍ଗୋପସାଗର କୂଳରେ ଗାରମପେଟା ବେଳାଭୂମିଠାରୁ ମାତ୍ର ୧ କିମି ଦୂରରେ ଓଡ଼ିଶାର ଏହି ଏକମାତ୍ର ଆଇଜର ରହିଛି । ଶିକ୍ଷା ମନ୍ତ୍ରାଳୟ ଅଧିନରେ ସାରା ଭାରତରେ ଥିବା ମୋଟ ୭ ଟି ଆଇଜର୍ ମଧ୍ୟରେ ବ୍ରହ୍ମପୁର ଆଇଜର୍ ଅନ୍ୟତମ । ଗଞ୍ଜାମ ଜିଲ୍ଲାର ଲଉଡ଼ିଗାଁଠାରେ ପ୍ରାୟ ୨୦୦ ଏକର ପରିମିତ ଅଞ୍ଚଳରେ ଏହାର ସ୍ଥାୟୀ କ୍ୟାମ୍ପସ ତିଆରି ହୋଇଛି । ଆଇଜର୍ ବ୍ରହ୍ମପୁରରେ ବିଭିନ୍ନ ରାଜ୍ୟର ୮୦୦ରୁ ଅଧିକ ଛାତ୍ରଛାତ୍ରୀ ଏବଂ ୨୫୦ରୁ ଅଧିକ ରିସର୍ଚ୍ଚ ସ୍କଲାର ଅଧ୍ୟୟନ କରୁଛନ୍ତି, ଯାହା ଫଳରେ ଏହି ଅନୁଷ୍ଠାନ ଶିକ୍ଷା ଏବଂ ସାଂସ୍କୃତିକ ବିନିମୟର ଏକ କେନ୍ଦ୍ରସ୍ଥଳୀ ପାଲଟିଛି । ନୂତନ ଭାବେ କାର୍ଯ୍ୟକ୍ଷମ ହୋଇଥିବା ୩୩ କେଭି ବିଦ୍ୟୁତ ଲାଇନ୍ ୨୧ କିମି ବ୍ୟାପ୍ତ, ଯେଉଁଥିରେ ୧୬.୬ କିମି ଭୂତଳ ଲାଇନ୍ (ଅଣ୍ଡର ଗ୍ରାଉଣ୍ଡ) ଏବଂ ୪.୮୮ କିମି ଓଭରହେଡ୍ ଲାଇନ୍ ରହିଛି । ଏହି ଅତ୍ୟାଧୁନିକ ବିଦ୍ୟୁତ ଭିତ୍ତିଭୂମି ଆଇଜର ଭଳି ଶୈକ୍ଷିକ ଓ ଗବେଷଣା କେନ୍ଦ୍ରକୁ ଭରସାଯୋଗ୍ୟ ବିଜୁଳି ଯୋଗାଣ ସୁନିଶ୍ଚିତ କରେ । ଆଇଜର୍ ବ୍ରହ୍ମପୁର ଭଳି ଉପକୂଳବର୍ତ୍ତୀ ଅନୁଷ୍ଠାନ ପାଇଁ ଭୂତଳ ବିଦ୍ୟୁତ ଲାଇନ୍ ବ୍ୟବସ୍ଥା ବିଶେଷ ଭାବରେ ଲାଭଦାୟକ । ଜଳବାୟୁ ପ୍ରତିରୋଧୀ ବୈଶିଷ୍ଟ୍ୟ, କମ୍ ରକ୍ଷଣାବେକ୍ଷଣ ଏବଂ ଉନ୍ନତ ସୁରକ୍ଷା ଯୋଗୁଁ ଭୂତଳ ଲାଇନ୍ ବେଶ୍ ଉପଯୋଗୀ । ଟିପିଏସ୍ଓଡିଏଲ୍ ସମଗ୍ର ପ୍ରକଳ୍ପରେ ନିରାପତ୍ତା ଏବଂ ପରିଚାଳନାଗତ ବିଶ୍ୱସନୀୟତା ଉପରେ ପ୍ରାଧାନ୍ୟ ଦେଇଛି । ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ସହ ବୈଶିକ ସ୍ତରର ସର୍ବୋତ୍ତମ ଅଭ୍ୟାସଗୁଡ଼ିକର ଅନୁପାଳନ ସୁନିଶ୍ଚିତ କରିବା ପାଇଁ କମ୍ପାନୀ ଅନେକ ପଦକ୍ଷେପ ନେଇଛି । ଏଥିରେ ବିଦ୍ୟୁତ ଲାଇନ୍ ପାଖରେ ଥିବା ଗଛ ଡାଳ କାଟିବା, ବିଦ୍ୟୁତ ଭିତ୍ତିଭୂମି ଚାରିପାଖରେ ବୁଦା ସଫା କରିବା, ସୁରକ୍ଷା ପାଚେରୀ ନିର୍ମାଣ, ଆଇସୋଲେଟର ବ୍ଲେଡର ଗ୍ରିନିଂ ଏବଂ ଆର୍ଥିଙ୍ଗ କେବଲ୍ ଲିଡ ଇତ୍ୟାଦି ପଦକ୍ଷେପ ରହିଛି । ଅତିରିକ୍ତ ସୁରକ୍ଷା ପାଇଁ ଟିପିଏସ୍ଓଡିଏଲ୍ ନିକଟରେ ଏହି ୩୩ କେଭି ଲାଇନରେ 'ବାର୍ଡ୍ ଗାର୍ଡ' ସ୍ଥାପନ କରିଛି । ଯାହା ଦ୍ୱାରା ପକ୍ଷୀମାନେ ବିଦ୍ୟୁତ ଲାଇନ୍ ସଂସ୍ପର୍ଶରେ ଆସିବାକୁ ରୋକା ଯାଇପାରିବ । ବିଦ୍ୟୁତ ଆଘାତରୁ ପକ୍ଷୀଙ୍କ ରକ୍ଷା କରିବା ସହ ନିରବଚ୍ଛିନ୍ନ ବିଜୁଳି ଯୋଗାଣ ସୁନିଶ୍ଚିତ କରିବା ପାଇଁ ଏହି ଉପକରଣଗୁଡ଼ିକୁ ଡିଜାଇନ୍ କରାଯାଇଛି । ଏଭଳି ଅଭିନବ ପଦକ୍ଷେପ ମାଧ୍ୟମରେ ବିଦ୍ୟୁତ ଭିତ୍ତିଭୂମିରେ ସ୍ଥାୟୀତା, ନିରାପତ୍ତା ଏବଂ ବିଶ୍ୱସନୀୟତା ଆଣିବା ଦିଗରେ ଟିପିଏସ୍ଓଡିଏଲ୍ ପ୍ରତିବଦ୍ଧ ରହିଆସିଛି ।

# ଓ.ପି ଜିନ୍ଦଲ ସ୍କୁଲର ବାର୍ଷିକ ପ୍ରଦର୍ଶନୀ 'ଏକ୍ସପ୍ଲୋରେଟୋରିୟମ୍' ଆୟୋଜିତ

**ଅନୁଗୁଳ, ନ୍ୟୁଜ ବ୍ୟୁରୋ**

ଓ.ପି ଜିନ୍ଦଲ ସ୍କୁଲ ପରିସରରେ ବିଦ୍ୟାଳୟର ବାର୍ଷିକ ପ୍ରଦର୍ଶନୀ, 'ଏକ୍ସପ୍ଲୋରେଟୋରିୟମ' ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଦର୍ଶନୀରେ ବିଜ୍ଞାନ, ଗଣିତ, ସାହିତ୍ୟ, ସାମାଜିକ ବିଜ୍ଞାନ ଭଳି ବିଷୟ ସମେତ କଳା, କ୍ରୀଡା, ରଙ୍ଗୋଲି ଏବଂ ବୃତ୍ତି ପରାମର୍ଶ ଆଦିରେ ପ୍ରାୟ ୨୦୦ ଅଭିନବ ତଥା ଆକର୍ଷଣୀୟ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ସ୍କୁଲର ଶିକ୍ଷକ ଏବଂ ବିଭାଗୀୟ ମୁଖ୍ୟଙ୍କ ମାର୍ଗଦର୍ଶନରେ ଛାତ୍ରଛାତ୍ରୀମାନେ ଉପସ୍ଥାପନ କରୁଥିବା ବିଷୟରେ ଅବଧାରଣା ପାଇ ପ୍ରକଳ୍ପଗୁଡ଼ିକ ପ୍ରଦର୍ଶନ କରିଥିଲେ । ପ୍ରଧାନଶିକ୍ଷକ ଡକ୍ଟର ଅଶ୍ୱିନୀ କୁମାର ସାହୁଙ୍କ ସ୍ୱାଗତ ଅଭିଭାଷଣରୁ ଏହି



କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ପରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା । ଏହି ଅବସରରେ ଭାରତନାଟ୍ୟମ୍, ଶିବ ତାଣ୍ଡବ ଏବଂ ଅର୍କେଷ୍ଟ୍ରାଲ୍ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା, ଯାହା ଉତ୍ସବକୁ ଆହୁରି ଆକର୍ଷଣୀୟ କରି ଦେଇଥିଲା । ମୁଖ୍ୟ ଅତିଥି ଭାବେ ଜେଏସପି ଅନୁଗୁଳର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଶ୍ରୀ ଦିଲୀପ କୁମାର ସିହ୍ନା ଏବଂ ସ୍ୱତନ୍ତ୍ର ଅତିଥି ଭାବେ ଜେଏସପିର ଜେନେରାଲ ମ୍ୟାନେଜର (ଏଚଆର ଆଣ୍ଡ ଇଏସ) ଶ୍ରୀ ଶରତ କିଶୋର ପଣ୍ଡା ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର କଠିନ ପରିଶ୍ରମ ଏବଂ ସୃଜନଶୀଳତା ପାଇଁ ପ୍ରଶଂସା କରିଥିଲେ । ସ୍କୁଲର ଉପଧାକ୍ଷ ଡ. ଅରୁଣା କୁମାର ଦାଶଙ୍କ ସହିତ ଅତିଥିମାନେ ପ୍ରଦର୍ଶିତ ହୋଇଥିବା ଷ୍ଟଲ ଗୁଡ଼ିକୁ ପରିଦର୍ଶନ କରି ଛାତ୍ରମାନଙ୍କ ଚତୁରତା, ଉତ୍ସର୍ଗୀକୃତତା ଏବଂ ଉତ୍ସାହକୁ ପ୍ରଶଂସା କରିଥିଲେ । ଏହି ପ୍ରଦର୍ଶନୀରେ ପିଲାମାନଙ୍କ ବିଜ୍ଞାନ, କଳା, ଏବଂ ସାହିତ୍ୟି ଜ୍ଞାନର ଏକ ନିଦର୍ଶନ ଦେଖିବାକୁ ମିଳିଥିଲା । ସମାରୋହ ଶେଷରେ ବିଜେତା ମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ସେହିପରି ଅତିଥିମାନେ ଓପିଜେଏସଏ'ର ଯୁବ ଲେଖକମାନଙ୍କୁ ସମ୍ମାନିତ କରିଥିଲେ । ଏହି ଅବସରରେ ହୋଇଥିବା ଚମତ୍କାର କଳା, ରଙ୍ଗୋଲି ଡିଜାଇନ୍ ଏବଂ ସୁସଜ୍ଜିତ ପରିବେଶ ସମସ୍ତଙ୍କ ପାଇଁ ଏକ ସ୍ମରଣୀୟ ଅନୁଭୂତି ଛାଡି ଦେଇଗଲା ।

## ଡିସେମ୍ବର ୬ରୁ ଆରମ୍ଭ ହେବ ନବରଙ୍ଗପୁର ଜିଲ୍ଲା ଲୋକ ମହୋତ୍ସବ 'ମଣ୍ଡେଇ'

# ଯୋଗଦେବା ପାଇଁ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ କ୍ୟାବିନେଟ ମନ୍ତ୍ରୀଙ୍କୁ ନିମନ୍ତ୍ରଣ

**ନବରଙ୍ଗପୁର, ନ୍ୟୁଜ୍‌ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ସାଂସ୍କୃତିକ ଲୋକ ମହୋତ୍ସବ 'ମଣ୍ଡେଇ' ଆସନ୍ତା ଡିସେମ୍ବର ୬ରୁ ୧୦ତାରିଖ ପର୍ଯ୍ୟନ୍ତ ବଡ଼ ସମାରୋହରେ ପାଳନ କରାଯିବ । ଏହି ମହୋତ୍ସବରେ ପ୍ରଥମଥର ପାଇଁ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ଦୁଇ ଉପମୁଖ୍ୟମନ୍ତ୍ରୀ ଓ ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ସଂସ୍କୃତି ମନ୍ତ୍ରୀ ଯୋଗ ଦେବେ ବୋଲି ଜଣାପଡ଼ିଛି । ଯାହାକି ଚଳିତ ବର୍ଷ ନୂଆ ସରକାରରେ 'ମଣ୍ଡେଇ' ମହୋତ୍ସବ ଝଲସି ଉଠିବ । ଏହି ମହୋତ୍ସବରେ ଯୋଗଦେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ରାଜ୍ୟର ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚୀତ ଜାତି ଓ ଜନଜାତି, ସଂଖ୍ୟାଲଘୁ ଓ ପଛୁଆ ବର୍ଗ ଏବଂ ସାମାଜିକ ସୁରକ୍ଷା ବିଭାଗ ମନ୍ତ୍ରୀ ତଥା ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ଝରିଗାଁ ବିଧାୟକ ନରସିଂହ ଭତରା ଓ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର ନିମନ୍ତ୍ରଣ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କର କାର୍ଯ୍ୟାଳୟରେ ଭେଟି ଅନୁରୋଧପତ୍ର ପ୍ରଦାନ କରିଛନ୍ତି । ତେବେ ମୁଖ୍ୟମନ୍ତ୍ରୀ ଆସନ୍ତା ୮ ତାରିଖ 'ମଣ୍ଡେଇ'ର ଉଦ୍‌ଯାପନୀ ଉତ୍ସବରେ ଯୋଗଦେବାକୁ ସମ୍ମତି ପ୍ରଦାନ କରିଥିବା ଜଣାପଡ଼ିଛି । ପୂର୍ବରୁ କେନ୍ଦ୍ରଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଉଦ୍‌ଯାପନୀ ଦିବସରେ ଯୋଗଦେବାକୁ ସମ୍ମତି ପ୍ରକାଶ କରିଛନ୍ତି ।



ଉଦ୍‌ଘାଟନ ଉତ୍ସବ ୬ ତାରିଖରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଯୋଗଦେବେ । ସେହିପରି ୭ ତାରିଖରେ ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେବେ ବୋଲି ଜଣାପଡିଛି । ଏ ସଂପର୍କରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ସବିଶେଷ ସୂଚନା ଦେଇଛନ୍ତି । ଏହା ଜଣାପଡିବା ପରେ ନବରଙ୍ଗପୁର ଜିଲ୍ଲାରେ ଖୁସିର ମାହୋଲ ଦେଖାଦେଇଛି ।

## 'ସାହିତ୍ୟ ମାସିକୀ'ରେ ପୁସ୍ତକ ଲୋକାର୍ପିତ

# 'ଭାରତୀୟ ସାହିତ୍ୟରେ ଓଡ଼ିଆ ସାହିତ୍ୟର ସ୍ଥିତି ସୁଦୃଢ଼'



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଆ ସାହିତ୍ୟରେ ନୂତନ ଲେଖକମାନଙ୍କ ପ୍ରବେଶ ଅତ୍ୟନ୍ତ ସ୍ୱାଗତଯୋଗ୍ୟ । ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗରେ ଲିଖିତ ରଚନାମାନ ଭାରତୀୟ ସାହିତ୍ୟରେ ଓଡ଼ିଆ ସାହିତ୍ୟର ସ୍ଥିତି ସୁଦୃଢ଼ ବୋଲି ପ୍ରମାଣ ଦିଏ । ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ 'ସାହିତ୍ୟ ମାସିକୀ' କାର୍ଯ୍ୟକ୍ରମରେ ଯୋଗଦେଇ ଅତିଥିମାନେ ଉପରୋକ୍ତ ମର୍ମରେ ଓଡ଼ିଆ ସାହିତ୍ୟରେ ନବଲିଖନର ଭୂମିକାକୁ ପ୍ରଶଂସା କରିଛନ୍ତି । ସ୍ଥାନୀୟ ରେଡ୍‌କ୍ରସ ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର ଡ. ବସନ୍ତ କୁମାର ପଣ୍ଡା ଯୋଗଦେଇ ଡ. ମମତା ପ୍ରିୟଦର୍ଶିନୀ ସାହୁଙ୍କ ଆଲୋଚନା ପୁସ୍ତକ 'ସାଂପ୍ରତିକ ଓଡ଼ିଆ କବିତା: ଏକ ଅନ୍ତରଙ୍ଗ ଆକଳନ'କୁ ପାଠକାର୍ପଣ କରିଥିଲେ । ପୁସ୍ତକର ପ୍ରକାଶକ (ଶ୍ରଦ୍ଧା ପବ୍ଲିକେସନ୍, ବାଲେଶ୍ୱର) ତଥା କବି ସମରେନ୍ଦ୍ରନାଥ ମହାପାତ୍ର ଓ ଲେଖିକା ଡ. ସାହୁ ବକ୍ତବ୍ୟ ରଖିଥିଲେ । ବିଶିଷ୍ଟ ଦ୍ୱିଭାଷୀ କବି ରାଜୁ ସାମଲ କାର୍ଯ୍ୟକ୍ରମରେ ଯୋଗଦେଇ 'ମୋ ଜୀବନ: ମୋ ସୃଜନ' ପ୍ରସଙ୍ଗରେ ବକ୍ତବ୍ୟ ରଖି ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ତାଙ୍କ କବିତା ରଚନା, ପ୍ରବାସ ଅନୁଭୂତି, କବି ଜୀବନର ପ୍ରେରଣା ଓ ସାହିତ୍ୟ ଯାତ୍ରା ସଂପର୍କରେ ଅନେକ ଦୃଷ୍ଟାନ୍ତ ଦେଇ ବିସ୍ତୃତ ଉଲ୍ଲେଖ କରିଥିଲେ । ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ରକ୍ଷକ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନନ୍ଦ କିଶୋର ବିଶ୍ୱାଳ ଓ ପ୍ରଦୀପ୍ତ କୁମାର ବାରିକ ପ୍ରଶ୍ନୋତ୍ତରରେ ଅଂଶ ଗ୍ରହଣ କରିଥିଲେ । ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତରୁଣ କବି ଆଶିଷ କୁମାର ମିଶ୍ର 'ଏ ମାସର କବି' ଭାବରେ ସ୍ୱରଚିତ କବିତା ପାଠ କରିଥିଲେ ।

ପରେ ଜୟଶ୍ରୀ ପଟ୍ଟନାୟକ ଓ ନିରୁପମା କରଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଜୀବନକୃଷ୍ଣ ମିଶ୍ର, ମହେନ୍ଦ୍ର କୁମାର ମଲ୍ଲିକ, ରଜନୀକାନ୍ତ ପଟ୍ଟନାୟକ, ଅଲେଖ ଚରଣ ରାଉତ, ମିନତି ମିଶ୍ର, ବିଷ୍ଣୁପ୍ରିୟା ଜେନା, ମନମୋହନ ମିଶ୍ର, ଶୈଳେନ୍ଦ୍ର ଜେନା, ପ୍ରଦ୍ୟୁମ୍ନ ପଟ୍ଟନାୟକ, ମିହିରକାନ୍ତି ଦାଶ, ସୁବ୍ରତ ରଥ, ସ୍ୱପ୍ନା ମିଶ୍ର, ଶ୍ୟାମାକିଙ୍କର ମହାନ୍ତି, ଅଖିଳ ପାଳ, ପ୍ରିୟରଞ୍ଜନ ସାହୁ, ଅଜୟ ପ୍ରଧାନ, ସୁନନ୍ଦା ମିଶ୍ର, ନମିତା ପାଇକରାୟ, ନିରୁପମା ରଥ, ଇତିଶ୍ରୀ ପତି, ତାପସୀ ଦାଶ, ପୀତାମ୍ବର ଭୋଇ ପ୍ରମୁଖ କବିତା ପାଠ କରିଥିଲେ । ଉପସଭାପତି ବିଭୂତି ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦେଶର ସୁରକ୍ଷା...

ଯୋଗ ଶ୍ରେଣୀରେ ଯୋଗଦେଇଥିଲେ ବିଭିନ୍ନ ରାଜ୍ୟରୁ ଆସିଥିବା ପୋଲିସ୍ ମୁଖ୍ୟ ତଥା ବରିଷ୍ଠ ଅଧିକାରୀଗଣ । ଦେଶର ସୁରକ୍ଷା ନିରାପତ୍ତା ସମ୍ପର୍କିତ ବିଷୟ ଉପରେ ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା କରାଯାଇଥିଲା । ଜାତୀୟ ସୁରକ୍ଷା ଆହ୍ୱାନର ମୁକାବିଲା ପାଇଁ ଏକ ରୋଡମ୍ୟାପ ପ୍ରସ୍ତୁତି ନେଇ ବିଚାରଆଲୋଚନା ହୋଇଥିବା ବେଳେ ତିନୋଟି ନୂଆ ଅପରାଧିକ ଆଇନର କାର୍ଯ୍ୟକାରିତାର ଅଗ୍ରଗତି ଏବଂ ପୁଲିସ ସହ ଜଡିତ ସର୍ବୋତ୍ତମ ଅଭ୍ୟାସଗୁଡ଼ିକର ମଧ୍ୟ ଏହି ସମ୍ମିଳନୀରେ ସମୀକ୍ଷା କରାଯାଇଥିଲା । ସମ୍ମିଳନୀ ଆରମ୍ଭ ହେବା ପୂର୍ବରୁ ପ୍ରଥମେ ଜାତୀୟ ସୁରକ୍ଷା ପରାମର୍ଶଦାତା ଶ୍ରୀ ଡୋଭାଲ ପହଞ୍ଚିଥିବା ପରେ ପରେ ଗୃହ ମନ୍ତ୍ରୀ ଅମିତ ଶାହ ଏବଂ ତାଙ୍କ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଦିବସବ୍ୟାପୀ କାର୍ଯ୍ୟକ୍ରମରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ବେଳେ ସେମାନେ ଉପସ୍ଥିତ ରହିଥିଲେ । ଦେଶର ବିଭିନ୍ନ ରାଜ୍ୟର ପୁଲିସ ମହାନିର୍ଦ୍ଦେଶକ, ଆଇଜି ଏବଂ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଛନ୍ତି । ଜମ୍ମୁ-କଶ୍ମୀର, ଉତ୍ତର-ପୂର୍ବ ଏବଂ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳର ସୁରକ୍ଷା ସ୍ଥିତିରେ ଉନ୍ନତି ନେଇ ଗୃହମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଛନ୍ତି । ଭାରତର ଅପରାଧିକ ନ୍ୟାୟ ବ୍ୟବସ୍ଥା ପୂର୍ବରୁ ଦଣ୍ଡ-କେନ୍ଦ୍ରୀତ ଥିଲା, କିନ୍ତୁ ବର୍ତ୍ତମାନ ତିନୋଟି ନୂତନ ଅପରାଧିକ ଆଇନ ପ୍ରଣୟନ ହେବା ପରେ ଏହା ନ୍ୟାୟ କେନ୍ଦ୍ରୀତ ହୋଇଛି । ଏହି ନୂତନ ଆଇନର ମୌଳିକ ଭାବନା ଭାରତୀୟ ପରମ୍ପରାରୁ ପ୍ରେରିତ ।

### ସଡ଼କ ଦୁର୍ଘଟଣାରେ ...

ମୃତ୍ୟୁ ଘଟିଥିଲା । ଦୁର୍ଘଟଣାରେ ଦମ୍ପତିଙ୍କର ସମ୍ପର୍କୀୟ ଗୁରୁତର ହୋଇଥିଲେ । ଆହତମାନଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ପୁଲିସ ମୃତଦେହକୁ ଉଦ୍ଧାର କରି ଘଟଣାର ତଦନ୍ତ କରୁଛି ।

### ଦେଶର ଜିଡିପି ...

ଅର୍ଥନୀତି ପ୍ରଭାବିତ ହୋଇଥିଲା । ସବୁଠାରୁ ବଡ଼ କଥା ହେଉଛି ଅର୍ଥନୈତିକ କ୍ଷେତ୍ରରେ ଖରାପ ପ୍ରଦର୍ଶନ ସତ୍ତ୍ୱେ ଭାରତ ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ରାଷ୍ଟ୍ରର ସ୍ଥାନ ବଜାୟ ରଖିଛି । କାରଣ ଏହି ଆର୍ଥିକ ବର୍ଷର ଜୁଲାଇ-ସେପ୍ଟେମ୍ବର ତ୍ରୈମାସରେ ଚୀନର ଜିଡିପି ଅଭିବୃଦ୍ଧି ହାର ୪.୬ ପ୍ରତିଶତ ରହିଛି । ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ତଥ୍ୟ ଅନୁସାରେ ୨୦୨୪-୨୫ ଆର୍ଥିକ ବର୍ଷର ଜୁଲାଇ-ସେପ୍ଟେମ୍ବର ତ୍ରୈମାସରେ କୃଷି କ୍ଷେତ୍ର ୩.୫ ପ୍ରତିଶତ ବୃଦ୍ଧି ପାଇଛି, ଯାହା ପୂର୍ବ ବର୍ଷ ସମାନ ଅବଧିରେ ୧.୭ ପ୍ରତିଶତ ଥିଲା । ତେବେ ମାନୁଫାକ୍ଟରିଂ ସେକ୍ଟରର ଅଭିବୃଦ୍ଧି ହାର ବର୍ଷକ ପୂର୍ବରୁ ୧୪.୩ ପ୍ରତିଶତ ଥିଲା, ଯାହା ଏହି ତ୍ରୈମାସରେ ୨.୨ ପ୍ରତିଶତକୁ ଖସି ଆସିଛି । ଓଡିଶାରେ ଓଡିଶା କ୍ୟାଡରର ନକ୍ସଲବାଦୀ ମାନଙ୍କ ସଂଖ୍ୟା ୬ କିମ୍ବା ୭ – ବିଏସଏଫ ଆଇଜି ଭୁବନେଶ୍ୱର, ୩୦ ନଭେମ୍ବର – ଓଡିଶାରେ ଅଛନ୍ତି ୬୦ ରୁ ୭୦ ନକ୍ସଲ । ସେଥିରୁ ଓଡିଶା କ୍ୟାଡର ନକ୍ସଲଙ୍କ ସଂଖ୍ୟା ମାତ୍ର ୬ କିମ୍ବା ୭ । ଓଡିଶାରେ ସକ୍ରିୟ ନକ୍ସଲ ମୁଖ୍ୟତଃ ଛତିଶଗଡ଼ ଓ ଆନ୍ଧ୍ର କ୍ୟାଡର । ଓଡ଼ିଶାରେ ନକ୍ସଲ ମୁଭମେଂଟର ନେତୃତ୍ୱ ନେଉଛନ୍ତି ଛତିଶଗଡ଼ ଓ ଆନ୍ଧ୍ର କ୍ୟାଡର । ବିଏସଏଫ ଆଇଜି ଚାରୁଧ୍ୱଜ ଅଗ୍ରୱାଲ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଦେଶର ୩୮ ନକ୍ସଲ ପ୍ରଭାବିତ ଜିଲ୍ଲା ରହିଛି । ଓଡିଶାର ରହିଛି ୭ ନକ୍ସଲ ପ୍ରଭାବିତ ଜିଲ୍ଲା । ମାର୍ଚ୍ଚ ୨୦୨୬ ସୁଦ୍ଧା ଓଡିଶାକୁ ନକ୍ସଲ ମୁକ୍ତ ରାଜ୍ୟ କରିବାକୁ ଚାଲିଛି ପ୍ରୟାସ । ସୂଚନା ଦେଇଛନ୍ତି ବିଏସଏଫ ଆଇଜି ଚାରୁ ଧ୍ୱଜ ଅଗ୍ରୱାଲ । ବିଏସଏଫ୍ ରେ ବାର୍ଷିକ ସାମ୍ବାଦିକ ସମ୍ମିଳନୀ ରେ ସୂଚନା ଦେଇଛନ୍ତି ଓଡ଼ିଶା ବିଏସଏଫ୍ ଆଇଜି । ସେହିପରି ବାଂଲାଦେଶ ଅନୁପ୍ରବେଶ କାରୀ ଙ୍କ ଉପରେ ସିମାବର୍ତ୍ତି ଅଂଚଳରେ କଡ଼ା ନଜର ରଖାଯାଇଛି । ଚଳିତ ବର୍ଷ ଓଡ଼ିଶା ରେ ୩ ଦୁର୍ଦ୍ଦାନ୍ତ ନକ୍ସଲ ଙ୍କୁ ନ୍ୟୁଟ୍ରାଲାଇଜ କରାଯିବା ସହ ୨୪ ରୁ ଉର୍ଦ୍ଧ କୁଖ୍ୟାତ କ୍ୟାଡ଼ର ଙ୍କୁ ଆତ୍ମସମର୍ପଣ କରିବାରେ ସଫଳ ହୋଇଛି ବିଏସଏଫ । ସେହିପରି ୩୪ ଟି ଆଇଇଡି, ୧୧୭ ଟି ଗ୍ରେନେଡ, ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିବାରେ ସଫଳ ହୋଇଛି । ଆଗକୁ ମଧ୍ୟ ନକ୍ସଲ ବିରୋଧୀ ଅପରେସନ ଜାରି ରହିବ । ଓଡ଼ିଶା ପୋଲିସ ଏବଂ ଗୁଇନ୍ଦା ସହ ସମନ୍ୱୟ ରଖି କାର୍ଯ୍ୟ କରାଯିବ । ଅତ୍ୟାଧୁନିକ ଜ୍ଞାନ କୌଶଳ ବିଶିଷ୍ଟ ଡ୍ରୋନ ଏବଂ ସଟେଲାଇଟ ସର୍ଭେଲାନ୍ସ ସହ ମାଓ ଗତିବିଧି ଉପରେ ନଜର ରଖାଯିବା ନେଇ କହିଛି ବିଏସଏଫ । ଡିସେମ୍ବର ୧ ରାଇଜିଂ ଡେ ପୂର୍ବରୁ ସାମ୍ବାଦିକ ସମ୍ମିଳନୀ କରି ଏହି ସୂଚନା ଦିଆଯାଇଛି ।

### ୨୦୨୭ ସୁଦ୍ଧା ସରିବ...

ଚାଲିଛି । ମାଟି ପରୀକ୍ଷା ସରିବା ପରେ ଫାଉଣ୍ଡେସନ କାମ ଆରମ୍ଭ ହେବ । ଭୁବନେଶ୍ୱରରେ ଭୂପୃଷ୍ଠରୁ ୧୩ ଫୁଟ ଉଚ୍ଚରେ ମେଟ୍ରୋ ରେଳ ଗଡ଼ିବ । ରାଜମହଲ, ଜୟଦେବ ବିହାର ଓ ବାରଙ୍ଗରେ ଏହାର ଉଚ୍ଚତା ଆବଶ୍ୟକତା ଅନୁଯାଇ ହେବ ବୋଲି ଭୁବନେଶ୍ୱର ମେଟ୍ରୋ ରେଳ କର୍ତ୍ତୃପକ୍ଷ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ଭୁବନେଶ୍ୱର ମେଟ୍ରୋ ଟ୍ରେନ ପ୍ରକଳ୍ପ ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ଜାନୁଆରୀ ପହିଲାରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଆଗାମୀ ଡିସେମ୍ବର ୨୦୨୭ ସୁଦ୍ଧା ଏହି ପ୍ରକଳ୍ପ ସଂପୂର୍ଣ୍ଣ ହେବା ପାଇଁ ଲକ୍ଷ୍ୟ ରହିଛି । ଭୁବନେଶ୍ୱରରେ ମେଟ୍ରୋ ଟ୍ରେନ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ତ୍ରିଶୁଳିଆ ପର୍ଯ୍ୟନ୍ତ ସଂପ୍ରସାରଣ ହେବ । ଦିଲ୍ଲୀ ମେଟ୍ରୋ ରେଳ ନିଗମ (ଡିଏମଆରସି) ଟର୍ଣ୍ଣ-କି ପରାମର୍ଶଦାତା ଭାବରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଭୁବନେଶ୍ୱର ମେଟ୍ରୋ ରେଳ ନିଗମ ସହ ଚୁକ୍ତି ସ୍ୱାକ୍ଷର କରିଛି । ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଠାରୁ ତ୍ରିଶୁଳିଆ ପର୍ଯ୍ୟନ୍ତ ପ୍ରାୟ ୨୬ କିଲୋମିଟର ମଧ୍ୟରେ ୧୮ଟି ଷ୍ଟେସନ ରହିବ ବୋଲି ଡିପିଆରରୁ ଜଣାପଡ଼ିଛି । ଉଭୟ ଆରମ୍ଭ ଓ ଶେଷ ଷ୍ଟେସନ ମଝିରେ କ୍ୟାପିଟାଲ ହସ୍ପିଟାଲ, ଶିଶୁ ଭବନ ଛକ, ବାପୁଜୀ ନଗର, ଭୁବନେଶ୍ୱର ରେଳଷ୍ଟେସନ, ରାମମନ୍ଦିର ଛକ, ବାଣୀବିହାର, ଆଚାର୍ଯ୍ୟ ବିହାର ଛକ, ଜୟଦେବ ବିହାର ଛକ, ଜାଭିୟର ଛକ, ରେଳ ସଦନ, ଡିଷ୍ଟ୍ରିକ୍ଟ ସେଣ୍ଟର, ଡମଣା ଛକ, ପଟିଆ ଛକ, କିଟ୍ ଛକ, ନନ୍ଦନ ବିହାର, ରଘୁନାଥପୁର, ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଓ ଫୁଲପୋଖରୀ ରହିବ । ପରବର୍ତ୍ତୀ ସମୟରେ ଖୋର୍ଦ୍ଧା ଓ କଟକ ସହ ଭୁବନେଶ୍ୱର ଓ କଟକ ସହର ଅନ୍ୟ ଅଞ୍ଚଳରେ ଚଳାଚଳ କରିବ ।

### ୫ ଡିସେମ୍ବରରେ...

ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନସିପି)ର ମେଣ୍ଟ ମହାଯୁତି ୨୮୮ ଆସନରୁ ୨୩୦ଟି ରେ ବିଜୟୀ ହୋଇ କ୍ଷମତା ବଜାୟ ରଖିଥିଲା । ବିଜେପି ୧୩୨ଟି ଆସନ ସହ ଏକକ ବୃହତ୍ତମ ଦଳ ଭାବେ ଉଭା ହୋଇଛି । ସିନ୍ଦେଙ୍କ ଶିବସେନାକୁ ୫୭ ଓ ଏନସିପିକୁ ୪୧ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା ।

### ଓଡ଼ିଶାରେ ନକ୍ସଲ...

ଚାରୁଧ୍ୱଜ ଅଗ୍ରୱାଲ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ଓଡ଼ିଶା, ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶ ସୀମାରେ ନକ୍ସଲମାନେ ବସା ବାନ୍ଧିଛନ୍ତି । ଏହି ସୀମାନ୍ତ ଅଞ୍ଚଳରେ ବିସ୍ତୀର୍ଣ୍ଣ ଜଙ୍ଗଲ ଥିବାରୁ ନକ୍ସଲମାନେ ଏହାକୁ ସ୍ୱର୍ଗ ମନେ କରୁଛନ୍ତି । ସୁଯୋଗ ମିଳିଲେ ବଡ଼ଧରଣର କାଣ୍ଡ କରୁଛନ୍ତି । ସୀମାନ୍ତରେ ରାଜ୍ୟ ପୁଲିସର ସହଯୋଗରେ ବିଏସ୍ଏଫ ଓ ଡିଭିଏଫ ଯବାନମାନେ ସର୍ଚ୍ଚ ଅପରେସନ ଜାରି ରଖିଥିଲେ ମଧ୍ୟ ନକ୍ସଲ ଛାତି ଫୁଲାଇ ନିଜର କାମରେ ଅଗ୍ରସର ରହୁଛନ୍ତି । ନିକଟରେ ମାଲକାନଗିରି ଜିଲ୍ଲାର ଏମଭି-୭୯ ଥାନା ଅନ୍ତର୍ଗତ ଜିନେଲଗୁଡା ସାବେରୀ ନଦୀ କୂଳରେ ପୁଲିସ ଏବଂ ନକ୍ସଲ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ଏହି ଗୁଳି ବିନିମୟରେ ଜଣେ ନକ୍ସଲ ମୃତ୍ୟୁ ହୋଇଥିବା ସୂଚନା ମିଳିଥିଲା । ପରେ କିନ୍ତୁ ମୃତ ବ୍ୟକ୍ତି ଜଣକ ଗ୍ରାମବାସୀ ବୋଲି ଜଣାପଡିଥିଲା । ଯବାନଙ୍କ ଉପରେ ଗୁଳି ଚଳାଇ ନକ୍ସଲ ଖସି ଯାଇଥିଲେ । ରାତିର ଅନ୍ଧାରରେ ଜଙ୍ଗଲରେ ଖସି ପୁଣି ଛତିଶଗଡ଼ ମୁହାଁ ହୋଇଥିଲେ । ଓଡ଼ିଶାର ଯବାନଙ୍କ ହାତରୁ ବର୍ତ୍ତୀ ଯାଇଥିଲେ ମଧ୍ୟ ତାଙ୍କୁ ମୃତ୍ୟୁ ଅପେକ୍ଷା କରିଥିଲା । ଛତିଶଗଡରେ ଓଡ଼ିଶା ସୀମା ପାର କରି ସୁକମା ଜିଲ୍ଲାର ଭେଜି ଥାନା ଅଞ୍ଚଳର ଜଙ୍ଗଲରେ ଆଶ୍ରୟ ନେବାକୁ ଚେଷ୍ଟା କରୁଥିବା ବେଳେ ସେପଟେ ଡିଆରଜି, ଏସଟିଏଫ ଯବାନ ନକ୍ସଲଙ୍କୁ ଅପେକ୍ଷା କରି ରହିଥିଲେ । ନକ୍ସଲ କ୍ୟାମ୍ପ କରି ରହିଥିବା ସ୍ଥାନରେ ଯବାନ ଚଢଉ କରିଥିଲେ ।

### ପଶ୍ଚିମବଙ୍ଗକୁ ଆଉ ...

ଆଳୁ କିଣିଛନ୍ତି ବୋଲି କହିଛନ୍ତି । କେଉଁଠି ଚଢା ଦର ରେ ବିକ୍ରି କଲେ ଚଢ଼ଉ କରାଯିବ । ପରିବହନ ଖର୍ଚ୍ଚ ପାଇଁ ଯେମିତି ଦର ରହିବା କଥା ରହିଛି । ଆଗାମୀ ଦେଢ଼ ବର୍ଷ ମଧ୍ୟରେ ଓଡ଼ିଶା ସ୍ୱାବଲମ୍ବୀ ହେବ । କୌଣସି ରାଜ୍ୟ ଉପରେ ଓଡ଼ିଶା ନିର୍ଭରଶୀଳ ହେବ ନାହିଁ ବୋଲି କହିଛନ୍ତି ଯୋଗାଣ ମନ୍ତ୍ରୀ ।

### ଇପିଏଫ୍ଓ ଜାର...

ସେମାନେ ମଧ୍ୟ ଆଧାର ବିନା କ୍ଲେମ ସେଟଲମେଟ କରିପାରିବେ । ଇପିଏଫ୍ଓ କହିଛି ଯେ, ନେପାଳ ଏବଂ ଭୁଟାନର ଲୋକେ ଯଦି ଭାରତର କୌଣସି କମ୍ପାନୀରେ କାର୍ଯ୍ୟ କରୁଛନ୍ତି ଯେଉଁଠାରେ ଇପିଏଫ ସୁବିଧା ଉପଲବ୍ଧ ଅଛି ତେବେ ସେମାନେ ଆଧାର କାର୍ଡ ବିନା କ୍ଲେମ୍ କରିପାରିବେ । ହେଲେ ସେମାନଙ୍କୁ ଫାଇନାଲ ରିଡମ୍ପସନ ଲାଗି ନାଗରିକତ୍ୱ ପ୍ରମାଣପତ୍ର ଦେବାକୁ ହେବ । ଏହା ବିନା ସେ ପୂର୍ଣ୍ଣ ଟଙ୍କା ପାଇବେ ନାହିଁ ।

# ବିଜେବି କଲେଜ ପୁରାତନ ଛାତ୍ର ସଂଘ 'ବିଜେବି ଫ୍ରେଣ୍ଡସ' ପକ୍ଷରୁ ଆନ୍ତଃମହାବିଦ୍ୟାଳୟ କୁଇଜ୍ ପ୍ରତିଯୋଗିତା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଜେବି କଲେଜ ପୁରାତନ ଛାତ୍ର ସଂଘ 'ବିଜେବି ଫ୍ରେଣ୍ଡସ 'ପକ୍ଷରୁ ଆନ୍ତଃ-ମହାବିଦ୍ୟାଳୟ କୁଇଜ୍ ପ୍ରତିଯୋଗିତା ୟୁନିଟ୍ ୧ ସରକାରୀ ଉଚ୍ଚବିଦ୍ୟାଳୟ ଠାରେ ଆୟୋଜିତ ହୋଇଯାଇଛି । ଉକ୍ତ ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟରୁ ୮୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଏମାନଙ୍କ ମଧ୍ୟରୁ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ଆଶୁତୋଷ ଅରୁଣ ମଲ୍ଲିକ ଓ ଆଶିଷ ନାୟକ ପ୍ରଥମ, କିଟ୍ ବିଶ୍ୱବିଦ୍ୟାଳୟ ଅନୁରାଗ ସାମନ୍ତରାୟ ଓ ଆଶିଷ ମହାପାତ୍ର ଦ୍ୱିତୀୟ ଓ ହାଇଟେକ୍ ମେଡିକାଲ୍ କଲେଜ ର ରୋଶନ ରାଜ୍ ଓରା ଓ ସୌରଭ ସ୍ନିଗ୍ଧା ନାୟକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଆସନ୍ତା ଡିସେମ୍ବର ମାସ ୧୫ ତାରିଖ ରବିବାର ଦିନ ବିଜେବି କଲେଜ ପ୍ରାଙ୍ଗଣରେ ହେବାକୁ ଥିବା ବିଜେବି ଫ୍ରେଣ୍ଡସ ର ବନ୍ଧୁ ମିଳନ ଉତ୍ସବରେ ଏହି କୁଇଜ ପ୍ରତିଯୋଗିତା ରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଙ୍କୁ ୧୫ ହଜାର,



ଦ୍ୱିତୀୟ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀ ଙ୍କୁ ୧୦ ହଜାର ଓ ତୃତୀୟ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀଙ୍କୁ ୫ ହଜାର ଟଙ୍କା ପୁରସ୍କାର ରାଶି ସହିତ ମାନପତ୍ର ଓ ଟ୍ରଫି ମଧ୍ୟ ପ୍ରଦାନ କରାଯିବ । ସେହିପରି ପ୍ରତିଯୋଗିତାରେ ଭାଗ ନେଇଥିବା ସବୁ ପ୍ରତିଯୋଗୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ ମଧ୍ୟ କରାଯିବ । ଏହି ପ୍ରତିଯୋଗିତାକୁ କୁଇଜ୍ ମାଷ୍ଟର ମାନସ ନାୟକ ପରିଚାଳନା କରିଥିବାବେଳେ ଡକ୍ଟର ନମିତା ପଟ୍ଟନାୟକ ଆଙ୍କରିଙ୍ଗ୍ କରିଥିଲେ । ବିଜେବି ଫ୍ରେଣ୍ଡସର ସଭାପତି ଦେବାଶିଷ ପଟ୍ଟନାୟକ, ସମ୍ପାଦକ ସତ୍ୟବ୍ରତ ଧୂପାଳ ଅନ୍ୟାନ୍ୟ କର୍ମକର୍ତ୍ତା ଓ ସଦସ୍ୟମାନେ ସହଯୋଗ କରିଥିଲେ ।


CUTTACK MUNICIPAL CORPORATION

"e" PROCUREMENT NOTICE C-1137

Tender ID : 2024_ORULB_107698

Bid Reference No. MC(CMC)CTC_Div-I_No17/2024-25

Tender Call Notice No. 9522 (PW) Date. 28.11.2024

Name of Works : Civil Works

No of Works : 06 Nos

Bid Value : Rs. 2.34 Lakh to Rs. 36.90 Lakh

Period of Completion : One Calendar Month to Forty-five Days

Date and Time schedule :

| Start | End | Opening |
|---|---|---|
| 3.00 PM on dt. 02.12.2024 | 5.00 PM on dt.12.12.2024 | 11.00 A.M. on dt. 17.12.2024 |

Tender Details : can be seen from the procurement portal : www.tendersorissa.gov.in

Executive Engineer, City Div-I

OIPR-13031/11/0095/2425


## ବିଜେଡି ପକ୍ଷରୁ ଶହିଦ ଦିବାକର ପରିଡ଼ାଙ୍କ ଜୟନ୍ତୀ ପାଳିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଶହିଦ ଦିବାକର ପରିଡ଼ା ଥିଲେ ଜାତୀୟତା ଆନ୍ଦୋଳନର ଦୀକ୍ଷିତ ସେନାଧ୍ୟକ୍ଷ । ଜୀବନ, ପ୍ରତିଷ୍ଠା, ଧନ ସଂପତ୍ତି, କ୍ଷମତାର ଅଳିକ ମୋହରୁ ମୁକ୍ତ ହୋଇ ସେ ରଣପୁର ପ୍ରଜା ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ପରିଶେଷରେ ତାଙ୍କୁ ଫାଶୀ ଖୁଣ୍ଟରେ ଝୁଲିବାକୁ ପଡ଼ିଥିଲା ବୋଲି ଆଜି ସଭାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ସ୍ୱାଧୀନତା ଆନ୍ଦୋଳନ ମହାମଞ୍ଚର ସମ୍ପାଦକ ବିଜୟ ତ୍ରିପାଠୀ, ଅନୁପମା ବେହେରା, ଅଜୟ ବଡ଼ଜେନା, ଅଶ୍ୱିନି ପଟ୍ଟନାୟକ, ଗିରିଜା ଶଙ୍କର ମହାପାତ୍ର, ପ୍ରାଧାପକ ରମେଶ ଚନ୍ଦ୍ର ପାତାଳ ସିଂ, ସତ୍ୟବ୍ରତ ଜେନା, ପଣ୍ଡିତ ସର୍ବେଶ୍ୱର ଦାଶ, ଗୁରୁଚରଣ ସାହୁ, ଅମିତ୍ ପାତାଳ ସିଂ ପ୍ରମୁଖ ଯୋଗଦାନ କରି ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।


OFFICE OF THE
MUNICIPAL COUNCIL, DHENKANAL
DHENKANAL (ODISHA), PIN-759001
E-mail:- dhenkanalm.hud@gmail.com

C-1142

No. 5541 Date 29.11.24.

Quotation Call Notice

Dhenkanal Municipality invites tender from experienced, competent, and eligible Bidders in two envelope system for "Supplying, fitting and Fixing of Baharat Mata Statue (01 No.) (FRP/Stone/SS/Other) & Bharat Ratna (14 nos.) Stone" in Dhenkanal Municipality as scheduled under:-

| Tender inviting Officer | Availability of tender for bidding | Date & timing of opening of tender |
|---|---|---|
| Executive Officer Dhenkanal Municipality | Dt. 30.11.2024 from 10.00 A.M to 5.00 PM up to 09.12.2024 at 1.00 PM | Dt.09.12.2024 at 4.00 PM |

The details can be available in the Office of the Municipality, Dhenkanal on working days from Dt. 30.11.2024 from 10.00 A.M to 5.00 PM up to 09.12.2024 at 1.00 PM and can be down loaded from the Dhenkanal Municipality website www.dhenkanalmunicipality.com

OIPR-13146/11/0017/2425

Executive Officer
Dhenkanal Municipality



ନିୟନ୍ତ୍ରୀତ ବଜାର କମିଟୀ, କୁଚିଣ୍ଡା

ଏତଦ୍ୱାରା କୁଚିଣ୍ଡା ଉପଖଣ୍ଡର ସମସ୍ତ ଧାନ ଚାଷୀ ଭାଇଭଉଣୀ ମାନଙ୍କୁ ଜଣାଇ ଦିଆଯାଉଛି ଯେ ଚଳିତ ଖରିଫ-୨୦୨୪-୨୫ ବର୍ଷ ପାଇଁ ୯ ଗୋଟି ଲ୍ୟାମ୍ପ ଓ ୬ ଗୋଟ WSHG ଦ୍ୱାରା ୫୪ ଗୋଟି କ୍ରୟ କେନ୍ଦ୍ର ରେ ତା.୨୭.୧୧.୨୦୨୪ ରିଖ ଠାରୁ ପର୍ଯ୍ୟାୟ କ୍ରମେ ଧାନ କ୍ରୟ କରାଯାଉଛି ଏଣୁ ଚାଷୀ ଭାଇଭଉଣୀ ମାନଙ୍କୁ ଅନୁରୋଧ ସେମାନେ ତାଙ୍କର ଉତ୍ପାଦିତ ଧାନ କୁ ଭଲ ଭାବରେ ସଫାକରି (FAQ) ମାନକୁ ଉନ୍ନୀତ କରାଇ ସରକାରୀ ଧାର୍ଯ୍ୟ ମୂଲ୍ୟରେ ବିକ୍ରୟ କରିବାକୁ ଅନୁରୋଧ ।

ଧାନ ର ମାନ ନିର୍ଧାରଣ –F.A.Q

| କ୍ର. ନ ମିଶ୍ରିତ ଦ୍ରବ୍ୟ ବିବରଣୀ | ସର୍ବୋଚ୍ଚ ଗ୍ରହଣୀୟ ସୀମା |
|---|---|
| ୧-ବାଲି,ମାଟି,ଗୋଡି, ପଥର,ବା ଧୂଳି ଇତ୍ୟାଦି ଅଜୈବିକ ବାହ୍ୟ ପଦାର୍ଥ | ୧% |
| ୨-କାଠି,କୁଟା,ଭୁସି,ଅଗାଡି ବା ପୋଲ ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ | ୧% |
| ୩-ଖରାପ, ବେରଙ୍ଗି,ପାଣିପୋଲା, ପୋକା ଇତ୍ୟାଦି | ୫% |
| ୪-ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା ବା ସଂକୁଚିତ ଇତ୍ୟାଦି | ୩% |
| ୫-ସରୁ ଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ଼ ଏ ପାଇଁ ପ୍ରଯୁଜ୍ୟ ) | ୬% |
| ୬-ଆଦ୍ରତା ବା ଜଳୀୟ ଅଂଶ | ୧୭% |

ଧାନ ର ସର୍ବନିମ୍ନ ସରକାରୀ ସହାୟକ ମୂଲ୍ୟ

| | | |
|---|---|---|
| ସାଧାରଣ ଶ୍ରେଣୀ ( FAQ ) | ଟ ୨୩୦୦.00 | (ପ୍ରତି କୁଇଣ୍ଟାଲ) |
| ଇନପୁଟର ସହାୟତା | ଟ ୮୦୦.00 | (ପ୍ରତି କୁଇଣ୍ଟାଲ) |

ନିୟନ୍ତ୍ରୀତ ବଜାର କମିଟୀ, କୁଚିଣ୍ଡା

ଭୁବନେଶ୍ୱର
୦୧ ଡିସେମ୍ବର
ରବିବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/25-27

# ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦେବ ଦୀପାବଳି ନୀତି ଆରମ୍ଭ



**ପୁରୀ, ୩୦/୧୧ ନ୍ୟୁଜ ବ୍ୟୁରୋ**

ପୁରୀ ଶ୍ରୀମନ୍ଦିରରେ ଶନିବାର ଠାରୁ ୩ ଦିନ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଦେବ ଦୀପାବଳି ନୀତି ଅନୁଷ୍ଠିତ ହୋଇଛି। ବିଧି ମୁତାବକ ଦେବ ଦୀପାବଳି ସମୟରେ ମହାପ୍ରଭୁ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିବା ସହ ଶ୍ରାଦ୍ଧ ପ୍ରଦାନ କରିବେ। ଯେଉଁଭଳି କାର୍ତ୍ତିକ ଅମାବାସ୍ୟା ତିଥି ଓ ଦୀପାବଳି ଦିନ ହିନ୍ଦୁମାନେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ପ୍ରଦାନ କରି ଦୀପଦାନ କରିଥାନ୍ତି, ସେହିପରି ମହାପ୍ରଭୁ ଶ୍ରୀଜଗନ୍ନାଥ ମାର୍ଗଶିର ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ, ଅମାବାସ୍ୟା ଓ ଶୁକ୍ଳ ପ୍ରତିପଦା ତିଥିରେ ୩ ଦିନ ଧରି ପିତୃଗଣଙ୍କୁ ଶ୍ରାଦ୍ଧ ପ୍ରଦାନ ପୂର୍ବକ ଦୀପଦାନ କରିଥାନ୍ତି। ଏହି ତିନି ଦିନରେ ଶ୍ରୀଜୀଉମାନେ ଶ୍ରାଦ୍ଧ ବେଶରେ ସଜ୍ଜିତ ହୋଇଥାନ୍ତି। ସତ୍ୟଯୁଗର ଅଦିତି ଓ କଶ୍ୟପ, ତ୍ରେତୟା ଯୁଗର କୌଶଲ୍ୟା ଓ ଦଶରଥ, ଦ୍ୱାପର ଯୁଗର ଦେବକୀ ଓ ବସୁଦେବ ଏବଂ ଗୁଣ୍ଡିଚା ଓ ଇନ୍ଦ୍ରଦ୍ୟୁମ୍ନଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ପ୍ରଦାନ ପୂର୍ବକ ମହାପ୍ରଭୁ ଦୀପଦାନ କରିଥାନ୍ତି।

## ବିଜେପି ପାର୍ଟି ଅଫିସରେ ରାଜ୍ୟ ସ୍ତରୀୟ ସାଙ୍ଗଠନିକ କର୍ମଶାଳା

# ବୁଥ୍‌ରୁ ଆରମ୍ଭ କରି ରାଜ୍ୟସ୍ତର ଯାଏଁ ଗଠନ ହେବ ନୂଆ ସାଂଗଠନିକ କମିଟି

**ଭୁବନେଶ୍ୱର, ୩୦/୧୧ ନ୍ୟୁଜ ବ୍ୟୁରୋ**

ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି ରାଜ୍ୟ ସ୍ତରୀୟ ସାଂଗଠନିକ କର୍ମଶାଳା। ପ୍ରାଥମିକ ଓ ସକ୍ରିୟ ସଦସ୍ୟତା ଗ୍ରହଣ କଲା ପରେ ବୁଥ୍ କମିଟି ଗଠନ ପ୍ରକ୍ରିୟା ଚାଲିଛି। ତା'ପରେ ମଣ୍ଡଳ, ଜିଲ୍ଲା ଓ ରାଜ୍ୟ କମିଟି ଗଠନ ହେବ। ସେଥିପାଇଁ ରାଜ୍ୟ ନିର୍ବାଚନ ଅଧିକାରୀ, ସହ ରାଜ୍ୟ ନିର୍ବାଚନ ଅଧିକାରୀ, ଜିଲ୍ଲା ନିର୍ବାଚନ ଅଧିକାରୀ, ଜିଲ୍ଲା ନିର୍ବାଚନ ସହ ଅଧିକାରୀ, ସକ୍ରିୟ ସଦସ୍ୟ ପ୍ରମୁଖ ଓ ଜିଲ୍ଲା ସଭାପତିମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ସେମାନେ ନିରପେକ୍ଷ ଭାବେ କିଭଳି ସମସ୍ତଙ୍କ ସହମତିରେ ବିଭିନ୍ନ କମିଟି ଗଠନ କରିବେ ସେ ନେଇ ହୋଇଛନ୍ତି ପ୍ରଶିକ୍ଷିତ। ପ୍ରତି ୬ ବର୍ଷରେ ଥରେ ବିଜେପିରେ ସଦସ୍ୟତା କରାଯାଏ। ୩ ବର୍ଷରେ ଥରେ ସାଂଗଠନିକ ନିର୍ବାଚନ ହୁଏ। ବୁଥ୍ ସ୍ତରରୁ ନେଇ ଜାତୀୟସ୍ତର



ପର୍ଯ୍ୟନ୍ତ ସଙ୍ଗଠନ ପୁନର୍ଗଠନ ହୋଇଥାଏ। ଦଳର ସଦସ୍ୟତା ଅଭିଯାନର ସ୍ଥିତି ଏବଂ ସାଙ୍ଗଠନିକ ନିର୍ବାଚନ ନେଇ କର୍ମଶାଳାରେ ଆଲୋଚନା ହୋଇଛି। ଦଳର ସଙ୍ଗଠନକୁ ମଜବୁତ କରିବା ଦିଗରେ ଦିନ ତମାମ କର୍ମଶାଳାରେ ଆଲୋକପାତ କରିଥିଲେ ବରିଷ୍ଠ ନେତା। ଶୁକ୍ରବାର ପ୍ରଧାନମନ୍ତ୍ରୀ ମୋଦି ଦେଇଥିବା ପରାମର୍ଶକୁ କିପରି ଗ୍ରାଉଣ୍ଡକୁ ନିଆଯିବ ସେ ନେଇ ତିଆରି ହୋଇଛି ରୋଡ଼ ମ୍ୟାପ। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କର୍ମଶାଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ନିର୍ବାଚନ ଅଧିକାରୀ ପ୍ରତାପ ଷଡ଼ଙ୍ଗୀ, ସହ ନିର୍ବାଚନ ଅଧିକାରୀ ଯତୀନ ମହାନ୍ତି, ସୁକେଶୀ ଓରାମ, ସୁକାନ୍ତ ପାଣିଗ୍ରାହୀ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଦୁଷ୍ମନ୍ତ କୁମାର ଗୌତମ ପ୍ରମୁଖ ଉପସ୍ଥିତ ଥିଲେ।

## ଭାରତରେ ସ୍ୱାସ୍ଥ୍ୟସେବାର ସାମଗ୍ରିକ ବିକାଶ ନେଇ

# କିମ୍ସରେ ହେଲ୍‌ଥ ନ୍ୟାସ୍‌ନାଲ୍ କନକ୍ଲେଭ୍




**ଭୁବନେଶ୍ୱର, ୩୦ । ୯ ନ୍ୟୁଜ ବ୍ୟୁରୋ**

କିମ୍ସରେ ହେଲ୍‌ଥ ନ୍ୟାସ୍‌ନାଲ୍ କନକ୍ଲେଭ୍ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଥର ଲାଗି କିମ୍ସରେ ଏଭଳି ଏକ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କନ୍‌କ୍ଲେଭରେ ଦେଶର ବିଭିନ୍ନ ଖ୍ୟାତି ସମ୍ପନ୍ନ ଚିକିତ୍ସା ପ୍ରତିଷ୍ଠାନ ତଥା ଅନ୍ୟାନ୍ୟ ଅନୁଷ୍ଠାନରୁ ହଜାରେରୁ ଅଧିକ ଡାକ୍ତର, ବିଶେଷଜ୍ଞ, ଚିକିତ୍ସାବିତ୍, ଜୈବପ୍ରଯୁକ୍ତି ବିଶେଷଜ୍ଞ, ଆଧ୍ୟାତ୍ମିକ ଗୁରୁ, ଡାକ୍ତରୀ ଶିକ୍ଷା କ୍ଷେତ୍ରରୁ ବିଶେଷଜ୍ଞ,ସ୍ୱାସ୍ଥ୍ୟସେବା ପ୍ରଶାସକ ଓ ଉଦ୍ୟୋଗୀ ଯୋଗଦେଇ ଭାରତରେ ଔଷଧ ଓ ସ୍ୱାସ୍ଥ୍ୟସେବା ଉପରେ ସେମାନଙ୍କ ଉପାଦେୟ ମତାମତ ରଖିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଗ୍ୟାଷ୍ଟ୍ରୋଏଣ୍ଟେରୋଲଜିଷ୍ଟ ତଥା ଏସିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିର ମୁଖ୍ୟ ପଦ୍ମ ଭୂଷଣ ପ୍ରଫେସର ଡି. ନାଗେଶ୍ୱର ରେଡ୍ଡୀ ଯୋଗଦେଇ କହିଲେ, ମୁଁ କିଟ୍ ଓ କିସ୍‌କୁ ବହୁବାର ଆସିଛି। ସାଧାରଣତଃ ଆଧ୍ୟାତ୍ମିକ, ପ୍ରଶାସନିକ, ନୀତି ନିର୍ଦ୍ଧାରଣ ଏବଂ ସ୍ୱାସ୍ଥ୍ୟସେବାର ବିଭିନ୍ନ କ୍ଷେତ୍ରରୁ ବିଶେଷଜ୍ଞଙ୍କୁ ନେଇ ଏଭଳି ସମ୍ମିଳନୀ ପ୍ରଥମ ଥର ଆୟୋଜିତ ହେଉଛି। ଏହି ସମ୍ମିଳନୀରେ ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ ଆଲୋଚନା ସହ ସ୍ୱାସ୍ଥ୍ୟସେବାରେ ଅଧ୍ୟାତ୍ମର ସମ୍ପର୍କ ତଥା ସ୍ୱାସ୍ଥ୍ୟସେବା ଓ ଔଷଧ ଉଦ୍ୟୋଗ ସମ୍ପର୍କରେ ବିସ୍ତୃତ ଆଲୋଚନା ହେବ। ଯାହା କି ସ୍ୱାସ୍ଥ୍ୟସେବା କ୍ଷେତ୍ର ପାଇଁ ଉଲ୍ଲେଖନୀୟ ଯୋଗଦାନ ରହିବ ବୋଲି ସେ କହିଥିଲେ। କିଟ୍, କିସ୍ ଓ କିମ୍ସର ପ୍ରତିଷ୍ଠାତା ଡ.ଅଚ୍ୟୁତ ସାମନ୍ତ କହିଲେ, ସ୍ୱାସ୍ଥ୍ୟ ହିଁ ସମ୍ପଦ। ଆମ ପାଖରେ ଯେତେ ସମ୍ପତ୍ତି ଥାଉ ନା କାହିଁକି ସ୍ୱାସ୍ଥ୍ୟ ଠିକ୍ ନ ରହିଲେ ଶାନ୍ତିରେ ରହି ପାରିବା ନାହିଁ। ସ୍ୱାସ୍ଥ୍ୟ ସେବା ସହ ଆଧ୍ୟାତ୍ମିକତାର ମଧ୍ୟ ସଂଯୋଗ ରହିଛି। ଏହି ସମ୍ମିଳନୀ ନିଶ୍ଚିତ ଭାବେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଫଳପ୍ରଦ ସମ୍ମିଳନୀ ହେବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ। ଏହି ଅବସରରେ ଡ. ସାମନ୍ତ କହିଲେ, କିମ୍ସ ପକ୍ଷରୁ ଆସନ୍ତା ବର୍ଷକ ମଧ୍ୟରେ ଓଡ଼ିଶାର ୨୦ଟି ଜିଲ୍ଲାରେ ଏକଶହ ଶଯ୍ୟା ବିଶିଷ୍ଟ କର୍ପୋରେଟ ଢ଼ଙ୍ଗରେ ହସ୍‌ପିଟାଲ୍ ନିର୍ମାଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଫଳରେ ଓଡ଼ିଶାର ବହୁ ଗ୍ରାମାଞ୍ଚଳ ତଥା ଗରିବ ରୋଗୀ ଉପକୃତ ହୋଇପାରିବେ। ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ହାଇଦ୍ରାବାଦସ୍ଥିତ ଡ. ମୋହନ୍‌ସ ଡାୟାବେଟିସ୍ ସ୍ପେଶିଆଲିଷ୍ଟ କେନ୍ଦ୍ରର ଅଧ୍ୟକ୍ଷ ପଦ୍ମଶ୍ରୀ ଡା. ଭି ମୋହନ କହିଲେ, ଏହି ସମ୍ମିଳନୀ ହେଉଛି ଏକ ଅନନ୍ୟ ସମ୍ମିଳନୀ। ସାଧାରଣତଃ ବିଭିନ୍ନ ସମୟରେ ସ୍ୱାସ୍ଥ୍ୟସେବାର ଗୋଟିଏ ଗୋଟିଏ ବିଭାଗକୁ ନେଇ ସ୍ୱତନ୍ତ୍ର ସଭାର ଆୟୋଜନ କରାଯାଇଥାଏ। କିନ୍ତୁ ଏହି ସମ୍ମିଳନୀରେ ସାମଗ୍ରିକ ସ୍ୱାସ୍ଥ୍ୟସେବା ସହ ଅନ୍ୟାନ୍ୟ କ୍ଷେତ୍ରରୁ ମଧ୍ୟ ବିଶେଷଜ୍ଞମାନେ ଯୋଗଦେଇଛନ୍ତି। ଦୟା ଓ ନୈତିକତା ବିନା ଜଣେ ସଫଳ ଉଦ୍ୟୋଗୀ ହୋଇପାରିବ ନାହିଁ। ତା'ର ପ୍ରକୃଷ୍ଟ ଉଦାହରଣ ହେଉଛନ୍ତି ଅଚ୍ୟୁତ ସାମନ୍ତ। ଏହି ସମ୍ମିଳନୀରେ ବିଭିନ୍ନ କ୍ଷେତ୍ରରୁ ବହୁ ପ୍ରତିଭା ଯୋଗ ଦେଇଛନ୍ତି। ସମସ୍ତେ ଏକମନ ହୋଇ କାର୍ଯ୍ୟ କଲେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭାରତକୁ ଶ୍ରେଷ୍ଠ ସ୍ଥାନରେ ପହଞ୍ଚା ଯାଇପାରିବ। ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳାଧିପତି ପଦ୍ମଶ୍ରୀ ପ୍ରଫେସର ସୁବ୍ରତ ଆଚାର୍ଯ୍ୟ, ଉପକୁଳପତି ପ୍ରଫେସର ସିବିକେ ମହାନ୍ତି, କିମ୍ସ ପ୍ରଫେସର ଏମେରିଟସ୍ ପଦ୍ମଶ୍ରୀ ଡା. ଯୋଗେଶ ଚାୱ୍ଲା, କିମ୍ସ ମେଡିକାଲ୍ କଲେଜ ଅଧ୍ୟକ୍ଷ ଡା. ଆର ସି ଦାସ ପ୍ରମୁଖ ଯୋଗଦେଇ କିମ୍ସ ନ୍ୟାସନାଲ୍ କନ୍‌କ୍ଲେଭ ଉପରେ ନିଜ ମତ ଦେଇଥିଲେ। ଦିନ ତମାମ ଚାଲିଥିବା ବିଭିନ୍ନ ଆଲୋଚନାଚକ୍ର ଓ କର୍ମଶାଳାରେ 'ଚିକିତ୍ସାରେ ଅର୍ଥ- ଏକ ଉପକରଣ କିମ୍ବା ଲକ୍ଷ୍ୟ' ଏବଂ ଭାରତରେ ଜନସାଧାରଣଙ୍କୁ କିଭଳି ସୁଲଭ ଡାକ୍ତରୀ ଉଦ୍ଭାବନ ସହଜରେ ଉପଲବ୍ଧ ହୋଇପାରିବ ତା'ଉପରେ ଆଲୋଚନା ହୋଇଥିଲା।

# ଡିସେମ୍ବର ୪ରେ ସମୁଦ୍ର ସ୍ନାନ ଉପରେ କଟକଣା

**ପୁରୀ ୩୦/୧୧ ନ୍ୟୁଜ ବ୍ୟୁରୋ**

ଡିସେମ୍ବର ୪ରେ ନୌସେନା ଦିବସ। ଉତ୍ସବ ପାଳନ ପାଇଁ ଆରମ୍ଭ ହୋଇଯାଇଛି କାଉଣ୍ଟଡାଉନ। ପୁରୀରେ କଡା ସୁରକ୍ଷା ବ୍ୟବସ୍ଥା। ବ୍ଲାଙ୍କେଟ ସିକ୍ୟୁରିଟି ମଧ୍ୟରେ ରହିବ ଶ୍ରୀକ୍ଷେତ୍ର। ସୁରକ୍ଷା ଦାୟିତ୍ୱରେ ବରିଷ୍ଠ ପୋଲିସ ଅଧିକାରୀ ମୁତୟନ ରହିବେ। ୪ ତାରିଖ ଦିନ ସମୁଦ୍ର ସ୍ନାନ ଉପରେ କଟକଣା ଲଗାଯାଇଛି। କେହି ସମୁଦ୍ରରେ ସ୍ନାନ କରିପାରିବେନାହିଁ। ଏନେଇ ଲାଇଫ ଗାର୍ଡ ଓ ପୋଲିସ



ସମୁଦ୍ର ଉପରେ ତୀକ୍ଷ୍ଣ ନଜର ରଖିବା ନେଇ ସୂଚନା ଦେଇଛନ୍ତି ପୁରୀ ଏସ୍‌ପି ବିନୀତ ଅଗ୍ରୱାଲ।




# ବାପାଙ୍କ ଟ୍ରାକ୍ଟର ତଳେ ଚାପି ହୋଇ ଶିଶୁ ପୁତ୍ରର ମୃତ୍ୟୁ

**ବୌଦ୍ଧ ୩୦।୧୧ ନ୍ୟୁଜ ବ୍ୟୁରୋ**

ବାପାଙ୍କ ଟ୍ରାକ୍ଟର ତଳେ ଚାପି ହୋଇ ୩ ବର୍ଷ ଶିଶୁ ପୁତ୍ରର ମୃତ୍ୟୁ ଘଟିଛି। ବୌଦ୍ଧ ଆଦର୍ଶ ଥାନା ନାରାୟଣନଗରରେ ଘଟିଛି ଏଭଳି ଅଭାବନୀୟ ଘଟଣା। ମୃତକ ଅନିଲ କର୍ଣ୍ଣଙ୍କ ୩ ବର୍ଷର ଶିଶୁ ପୁତ୍ର ଆହ୍ୱାନ କର୍ଣ୍ଣ। ଆହ୍ୱାନ ଘର ସାମ୍ନାରେ ଖେଳୁଥିବା ବେଳେ ଟ୍ରାକ୍ଟର ମାଡିଯାଇଥିଲା। ଟ୍ରାକ୍ଟର ତଳେ ଚାପି ହୋଇ ଶିଶୁ ପୁତ୍ରର ମୃତ୍ୟୁ ହୋଇଛି। ଟ୍ରାକ୍ଟରଟି ତାଙ୍କ ବାପାଙ୍କର ଥିଲା। ଘଟଣାସ୍ଥଳରେ ଆଦର୍ଶ ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ହେମଗିରି ତହସିଲଦାର ନିଲମ୍ବିତ



**ସୁନ୍ଦରଗଡ, ୩୦/୧୧ ନ୍ୟୁଜ ବ୍ୟୁରୋ**

ଲୋକଙ୍କୁ ଦୁର୍ବ୍ୟବହାର ଓ କାର୍ଯ୍ୟରେ ଅବହେଳା ମହଙ୍ଗା ପଡ଼ିଲା। ନିଲମ୍ବିତ ହେଲେ ସୁନ୍ଦରଗଡ଼ ଜିଲ୍ଲା ହେମଗିରି ତହସିଲଦାର ଲାବଣ୍ୟେନ୍ଦୁ ମହାନ୍ତି। ସେ ନିୟମିତ ଅଫିସକୁ ଆସୁ ନଥିବା ଓ ତହସିଲ କାର୍ଯ୍ୟାଳୟକୁ ଆସୁଥିବା ଜନସାଧାରଣଙ୍କୁ ଦୁର୍ବ୍ୟବହାର କରୁଥିବା ନେଇ ସ୍ଥାନୀୟ ଲୋକେ ଜିଲ୍ଲାପାଳ ତଥା ରାଜ୍ୟ ସରକାରଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏହା ପରେ ଘଟଣାର ତଦନ୍ତ କରାଯାଇଥିଲା। ତଦନ୍ତ ରିପୋର୍ଟକୁ ଜିଲ୍ଲାପାଳ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିଲେ। ଜିଲ୍ଲାପାଳଙ୍କ ରିପୋର୍ଟ ଆଧାରରେ ତହସିଲଦାର ଲାବଣ୍ୟେନ୍ଦୁ ମହାନ୍ତିଙ୍କୁ ନିଲମ୍ବନ କରାଯାଇଛି। ନିଲମ୍ବନ ଅବଧି ସମୟରେ ତାଙ୍କୁ ଜିଲ୍ଲାପାଳଙ୍କ ଅଫିସରେ ରିପୋର୍ଟ କରିବାକୁ କୁହାଯାଇଛି। ଜିଲ୍ଲାପାଳଙ୍କ ବିନା ଅନୁମତିରେ ସେ ମୁଖ୍ୟାଳୟ ଛାଡ଼ି କେଉଁ ଆଡ଼େ ଯାଇପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି। ତହସିଲଦାର ଲାବଣ୍ୟେନ୍ଦୁ ମହାନ୍ତିଙ୍କୁ ନିଲମ୍ବନ କରାଯିବା ପରେ ସ୍ଥାନୀୟ ଲୋକେ ଖୁସି ପ୍ରକଟ କରିଛନ୍ତି। ସ୍ଥାନୀୟ ବାସିନ୍ଦା ରାଜେନ୍ଦ୍ର ନାଏକ କହିଛନ୍ତି, ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ସାଧାରଣ ଲୋକେ ଜମିଜମା ମାମଲାରେ ନିୟମିତ ତହସିଲ ଅଫିସକୁ ଆସୁଛନ୍ତି। କିନ୍ତୁ ତହସିଲଦାର ଲାବଣ୍ୟେନ୍ଦୁ ମହାନ୍ତି ଅଫିସରେ ରୁହନ୍ତି ନାହିଁ। ସେ ତାଙ୍କ ମନଇଚ୍ଛା ଅଫିସ ଆସନ୍ତି। ଦୁର୍ନୀତିର ଗନ୍ତାଘର ପାଲିଟିଥିଲା ହେମଗିରି ତହସିଲ। ସରକାର ତାଙ୍କ ବିରୋଧରେ ଯେଉଁ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି, ତାହା ସୁନ୍ଦରଗଡ଼ ଜିଲ୍ଲାରେ କାର୍ଯ୍ୟ କରୁଥିବା ଅନ୍ୟ ଦୁର୍ନୀତିଗ୍ରସ୍ତ ଅଧିକାରୀ ତଥା ଯେଉଁ ଅଧିକାରୀମାନେ ଲୋକଙ୍କ କଥା ଶୁଣନ୍ତି ନାହିଁ କି କାମ କରନ୍ତି ନାହିଁ, ସେମାନଙ୍କ ପାଇଁ ଚେତାବନୀ ସଦୃଶ ହୋଇଛି।

